# ଅନୁଗୋଳ ଜିଲ୍ଲାରେ ଟମାଟୋର ଅଭାବୀ ବିକ୍ରି

ଅନୁଗୋଳ, ୧୫।୨(ସମିସ): ଅନୁଗୋଳ ଜିଲ୍ଲାରେ ଟମାଟୋର ଅଭାବୀ ବିକ୍ରି ଯୋଗୁ ଚାଷୀ ହତାଶ ହୋଇପଡ଼ିଛନ୍ତି। ଉଚିତ ଦର ମିଳୁ ନଥିବାରୁ ଚାଷୀମାନେ ଆଉ କ୍ଷେତରୁ ଟମାଟୋ ତୋଳୁ ନଥିବା ଦେଖାଯାଉଛି। ଫଳରେ ଏକର ଏକର ଜମିରେ ଟମାଟୋ ଗଛରେ ସଢ଼ୁଛି। ବାହାର ବେପାରୀ ଆସି କେଜି ପ୍ରତି ୩ ରୁ ୪ ଟଙ୍କାରେ କିଣି ନେଉଛନ୍ତି। ଟମାଟୋ ତୋଳିବା ପାଇଁ ଯେତିକି ମଜୁରି ଦେବାକୁ ପଡୁଛି ସେତିକି ମୂଲ୍ୟର

- କେଜି ପିଛା ୩ ଟଙ୍କାରେ ବିକ୍ରି ହେଉଛି; ଚାଷୀକୁଳ ହତାଶ
- ଜିଲ୍ଲାରେ ଟମାଟୋ ସଂରକ୍ଷଣ କେନ୍ଦ୍ର ପାଇଁ ଦାବି
- ଜିଲ୍ଲାରେ ପ୍ରାୟ ୩୦ ହଜାର ମେଟ୍ରିକ୍ ଟନ୍ ଉତ୍ପାଦନ

ଟମାଟୋ ବିକ୍ରି ହେଉନାହିଁ। ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ, କିଶୋରନଗର, ପାଲଲହଡ଼ା, ଛେଣ୍ଡିପଦା ଏବଂ ଅନୁଗୋଳ ବ୍ଲକର ପ୍ରାୟ ୧୦୦ରୁ ଅଧିକ ଗାଁରେ ବ୍ୟାପକ ଟମାଟୋ ଚାଷ କରାଯାଏ। ଉଦ୍ୟାନ ବିଭାଗ ରେକର୍ଡ ଅନୁସାରେ ଜିଲ୍ଲାରେ ପ୍ରାୟ ୪ ହଜାର ଏକର ଜମିରେ ଟମାଟୋ ଫସଲ ହେଉଛି। ପ୍ରତିବର୍ଷ ଜିଲ୍ଲାରେ ୨୫ ରୁ ୩୦ ହଜାର ମେଟ୍ରିକ ଟନ ଟମାଟୋ ଉତ୍ପାଦନ ହୁଏ। ଜିଲ୍ଲାରେ ଆବଶ୍ୟକ ଟମାଟୋ ବିକ୍ରି ହୁଏ ଏବଂ ବଳକା ବାହାରକୁ ବିକ୍ରି ପାଇଁ ଯାଏ। ଚଳିତ ବର୍ଷ ବର୍ତ୍ତମାନ ସମୟରେ ଟମାଟୋ ଅମଳ ଚାଲିଛି। କିନ୍ତୁ ଗତ କିଛିଦିନ ହେଲା ଟମାଟୋ ଦର ଆଶାତୀତ ଭାବେ କମିଯାଇଛି। ବଜାରରେ ଖୁଚୁରା ବେପାରୀମାନେ କେଜି ପ୍ରତି ୧୦ଟଙ୍କାରୁ କମ ଦାମରେ ବିକ୍ରି କରୁଛନ୍ତି। ବଡ଼ ବଡ଼ ବ୍ୟବସାୟୀମାନେ ଚାଷୀଙ୍କ ପାଖରୁ କେଜି ପ୍ରତି ମାତ୍ର



୩ ରୁ ୪ ଟଙ୍କାରେ କିଣି ଆଣୁଛନ୍ତି। ଫଳରେ ସିଧାସଳଖ ଚାଷୀଙ୍କ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଯେଉଁ ଚାଷୀମାନେ ହାଡ଼ଭଙ୍ଗା ପରିଶ୍ରମ କରିବା ସହ ବିହନ, ସାର, ଔଷଧ କିଣି ଚାଷ କରିଥିଲେ, ସେମାନଙ୍କ ଖର୍ଚ୍ଚ ମଧ୍ୟ ଉଠୁନାହିଁ। ଟମାଟୋ ତୋଳିବା ପାଇଁ ଜଣେ ଶ୍ରମିକଙ୍କୁ ଦୈନିକ ପ୍ରାୟ ୩୦୦ ଟଙ୍କା ମଜୁରି ଦେବାକୁ ପଡୁଛି। କିନ୍ତୁ ସେତିକି ମୂଲ୍ୟର ଟମାଟୋ ବିକ୍ରି ହେଉନାହିଁ। ଫଳରେ ଅନେକ ଚାଷୀ ଆଉ ଟମାଟୋ ତୋଳୁ ନାହାନ୍ତି। ଏକର ଏକର ଜମିରେ ଟମାଟୋ ଗଛରେ ସଢ଼ି ମାଟିରେ ପଡୁଛି। କ୍ଷେତରେ ଗାଈଗୋରୁ ଓ ଛେଳି ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି ବହୁ ଚାଷୀ। ଅନୁଗୋଳ ଜିଲ୍ଲାରେ ବିଶେଷ କରି ଜାନୁଆରୀ ଓ ଫେବ୍ରୁଆରୀ ମାସରେ ପର୍ଯ୍ୟାପ୍ତ ଟମାଟୋ ଅମଳ ହୁଏ। ଏକା ସମୟରେ ସବୁ ଜାଗାରୁ ଅମଳ ହେଉଥିବାରୁ ଅମଳ ପରିମାଣ ଆବଶ୍ୟକ ଠାରୁ ଅଧିକ ହୋଇଥାଏ। ତେଣୁ ଅଭାବୀ ବିକ୍ରି ଭଳି ପରିସ୍ଥିତି ସୃଷ୍ଟି ହୁଏ। ଜିଲ୍ଲାରେ ବଳକା ଟମାଟୋ ସଂରକ୍ଷଣ କରି ରଖିବାକୁ କୌଣସି ସୁବିଧା ନାହିଁ। ଟମାଟୋରୁ ସସ୍ ଓ ଅନ୍ୟାନ୍ୟ ଖାଇବା ଉପଯୋଗୀ ଜିନିଷ ପ୍ରସ୍ତୁତ କରି ରଖିବା ପାଇଁ ମଧ୍ୟ ବ୍ୟବସ୍ଥା ନାହିଁ। ତେଣୁ ପ୍ରତିବର୍ଷ ହଜାର ହଜାର କୁଇଣ୍ଟାଲ ଟମାଟୋ ନଷ୍ଟ ହୁଏ। ଚାଷୀଙ୍କୁ କ୍ଷତି ସହିବାକୁ ପଡ଼େ। ତେବେ ଏନେଇ ଉଦ୍ୟାନ ବିଭାଗର କହିବା କଥା ଜିଲ୍ଲାର ସର୍ବାଧିକ ଟମାଟୋ ଉତ୍ପାଦନ ହେଉଥିବା ୬୩ଟି ପଞ୍ଚାୟତରେ ୧୦ ମେଟ୍ରିକ୍ ଟନ ସଂରକ୍ଷଣ କ୍ଷମତା ବିଶିଷ୍ଟ ସଂରକ୍ଷଣ କେନ୍ଦ୍ର ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହାଛଡ଼ା ଅନୁଗୋଳରେ ହେଉଥିବା ସବୁଠାରୁ ବଡ଼ ସାପ୍ତାହିକ ହାଟରେ ମଧ୍ୟ ଲକ୍ଷାଧିକ ଟଙ୍କା ବ୍ୟୟରେ ଦୁଇଟି ସଂରକ୍ଷଣ କେନ୍ଦ୍ର ନିର୍ମାଣ କରାଯିବାର ଯୋଜନା ରହିଛି। କେତେକ ସ୍ଥାନରେ ଚାଷୀଙ୍କୁ ଅର୍କା ସମ୍ରାଟ ଜାତୀୟ ଟମାଟୋ କରିବାକୁ ପ୍ରୋତ୍ସାହନ ଦିଆଯାଉଛି। ଏହି ପ୍ରଜାତିର ଟମାଟୋ ବହୁଦିନ ପର୍ଯ୍ୟନ୍ତ ରହିପାରିବ। ଅନୁଗୋଳ ଜିଲ୍ଲାରେ ଟମାଟୋ ଚାଷ ପାଇଁ ଅନୁକୂଳ ଜଳବାୟୁ ରହିଛି। ତେଣୁ ଚାଷୀମାନଙ୍କ ସୁବିଧା ପାଇ ଉପଯୁକ୍ତ ପଦକ୍ଷେପ ନିଆଗଲେ ଆହୁରି ଅଧିକ ଟମାଟୋ ଅମଳ ହୋଇପାରିବ। ଏନେଇ ଜିଲ୍ଲାର ଟମାଟୋ ଚାଷୀ ବିଜୟ କୁମାର ସ୍ୱାଇଁ, ଭାବ ସାହୁ, ଶରତ ଦେହୁରୀଙ୍କ ସମେତ ଅନେକ କୁହନ୍ତି, ପ୍ରତିବର୍ଷ ଏଭଳି ସ୍ଥିତି ସୃଷ୍ଟି ହେଉଛି। ଆମେ ଏକ କେଜି ଟମାଟୋ ଉତ୍ପନ୍ନ କରିବାକୁ ପ୍ରାୟ ୫ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ହେଲେ ବିକ୍ରି କରୁଛୁ ୩ରୁ ୪ଟଙ୍କା ଦରରେ। ଯଦି ଏ ଅଞ୍ଚଳରେ ଶୀତଳ ଭଣ୍ଡାରଟିଏ ଥାଆନ୍ତା, ତେବେ ଆମେ ଅଧିକ ଉତ୍ପାଦନ ହେଉଥିବା ଟମାଟୋକୁ ସଂରକ୍ଷଣ କରି ରଖିପାରନ୍ତୁ। ଆବଶ୍ୟକ ବେଳେ ସଠିକ ଦାମରେ ବିକ୍ରିକରି ଦୁଇ ପଇସା ଲାଭ ପାଇପାରନ୍ତୁ।

## ସରସ୍ୱତୀ ପୂଜାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ



କିଶୋରନଗର, ୧୫।୨(ସମିସ): କିଶୋରନଗର ବ୍ଲକ ପାଣ୍ଡୁରୀପଥର ଗ୍ରାମ ମଠସାହି ଠାରେ ସରସ୍ୱତୀ ପୂଜା ଉପଲକ୍ଷେ ଆଜି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁନିକୁନି ଝିଅମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ବୃଷଭ ସ୍ୱାଇଁ, ସାମ୍ବାଦିକ ସଂଜୟ ଦାଶ, କମିଟିର ସଭାପତି ଜଗବନ୍ଧୁ ସାହୁ, ସମ୍ପାଦକ ବିଶ୍ୱରଂଜନ ପ୍ରଧାନ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## କାୟାକଳ୍ପ ଆକଳନ ପାଇଁ ରାଜ୍ୟସ୍ତରୀୟ ଟିମ୍‌ର ପରିଦର୍ଶନ



ଅନୁଗୋଳ, ୧୫।୨(ସମିସ): ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ତିନି ଜଣିଆ ଟିମ୍ କାୟାକଳ୍ପ କାର୍ଯ୍ୟକ୍ରମର ଆକଳନ ପାଇଁ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଟି ବିଭାଗର ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଏବଂ ପରିମଳ ସମ୍ବନ୍ଧୀୟ କାର୍ଯ୍ୟର ସମୀକ୍ଷା କରିଥିଲେ। ହେଉଥିବା ସଂକ୍ରମଣ ନିୟନ୍ତ୍ରଣର ମାନକ ପ୍ରୋଟୋକଲ ଗୁଡିକୁ ଏହି ଟିମ ଦେଖିଥିଲେ। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଘନଶ୍ୟାମ ବେହେରାଙ୍କ ଉପସ୍ଥିତିରେ ଗୋଷ୍ଠୀସ୍ତରୀୟ ସକରାତ୍ମକ ସ୍ୱାସ୍ଥ୍ୟ ଫଳାଫଳ ସହିତ ଜଡ଼ିତ ଜନସ୍ୱାସ୍ଥ୍ୟ ସୁବିଧାଗୁଡ଼ିକ ସଠିକ ପାଳନ ହେଉଛି କି ନାହିଁ ସେ ସମ୍ବନ୍ଧରେ ପାରା ମେଡିକାଲ କର୍ମଚାରୀଙ୍କ କୌଶଳ ଦେଖିବା ସହ ଭାବ ବିନିମୟ କରିଥିଲେ। ଏହି ରାଜ୍ୟ ଟିମରେ ଡ଼ଃ ଶୁଭ୍ରଜ୍ୟୋତି ରାଓ, ସ୍ୱାସ୍ଥ୍ୟ ପରାମର୍ଶଦାତା ବସନ୍ତ କୁମାର ସାହୁ ଓ ସମରେଶ୍ୱର ସାହୁ ସାମିଲ ଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ମିଶନ୍ ପରିଚାଳକ ଦୀପକ କୁମାର ମହାନ୍ତି, ଗୁଣବତ୍ତା ନିଶ୍ଚିତତା ପରିଚାଳକ ବ୍ରତୀନ କୁମାର ପ୍ରଧାନ, ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ସତ୍ୟ ନାରାୟଣ ସାହୁ, ଡ଼ଃ ଦୀପକ ସାହୁ, ଡ଼ଃ ବିଜୟ ପ୍ରଧାନଙ୍କ ସହ ବିପିଏମ ରୋଜାଲୀନ ସାହୁ, ପିଏଚଇଓ ରୋହିତ କୁମାର ବେହେରା, ବରିଷ୍ଠ ଅମଲା କବିତା ବେହେରା ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର କାୟାକଳ୍ପ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ସୁବିଧାଗୁଡ଼ିକର ସଠିକ ଆକଳନରେ ଉତ୍ତୀର୍ଣ୍ଣ ହେଲେ ସରକାରଙ୍କ ତରଫରୁ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରମାଣ ପତ୍ର ସହ ନଗଦରାଶିର ପୁରସ୍କାର ବ୍ୟବସ୍ଥା ଅଛି।

## ଶିଶୁ ଶ୍ରମିକ ଉଦ୍ଧାର ନିମନ୍ତେ ଚଢ଼ଉ

କଣିହାଁ, ୧୫।୨(ସମିସ): ତାଳଚେର ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଆଜି କଣିହାଁ ଏନଟିପିସି ଅଞ୍ଚଳରେ ଚଢ଼ଉ କରି ଏନଟିପିସିର ହୋଟେଲ୍ ନିୟୁ ଗୋପୀନାଥରୁ ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ଅନୁଗୋଳ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷଙ୍କ ନିକଟରେ ହାଜରା କରାଯାଇଥିଲା। ଏଥି ସହିତ କଣିହାଁ ଅଞ୍ଚଳରେ ଶିଶୁ ଶ୍ରମିକଙ୍କୁ କାମରେ ନିୟୋଜିତ ନ କରିବା ପାଇଁ ଆୱାରନେସ୍ ପ୍ରୋଗ୍ରାମ କରାଯାଇ ଲୋକମାନଙ୍କୁ ସଚେତନ କରାଯାଇଛି। ଆଜିର ଏହି ଚଢ଼ଉରେ ତାଳଚେର ଜିଲ୍ଲା ଶ୍ରମ ଅଧିକାରିଣୀ ପରମିତା ମିଶ୍ରଙ୍କ ସହିତ ଆସିଷ୍ଟାଣ୍ଟ ଲେବର ଅଫିସର ବିପୁଲ୍ ସୁନ୍ଦର୍ ସାହୁ ଉପସ୍ଥିତ ଥିଲେ।

## ଔଷଧ ପ୍ରତିନିଧିଙ୍କଠାରୁ ୯୦ ହଜାର ଲୁଟ୍

ଛେଣ୍ଡିପଦା, ୧୫।୨(ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ଅନୁଗୋଳ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ଜମ୍ମୁନାଳି ଛକ ନିକଟରେ ଜଣେ ମେଡିସିନ ପ୍ରତିନିଧିଙ୍କ ଠାରୁ ୯୦ହଜାର ଟଙ୍କା ଲୁଟ୍ ହୋଇଛି। ଦୁଇଜଣ ଦୁର୍ବୃତ୍ତ ମୋଟର ସାଇକଲରେ ଆସି ବନ୍ଧୁକ ଦେଖାଇ ୯୦ ହଜାର ଟଙ୍କା ଲୁଟି ନେଇଥିବା ଜଣାପଡିଛି। ସୁଚନା ଅନୁସାରେ ଅନୁଗୋଳରେ ଥିବା ମା' ବୁଢ଼ୀ ଫାର୍ମାସି ନାମକ ମେଡିସିନ ହୋଲସେଲର ସଂସ୍ଥାରେ ଅନୁଗୋଳ ଆଙ୍କୁଲ ଅଞ୍ଚଳର ମିଳନ ଜ୍ୟୋତି ସାହୁ ମେଡିସିନ ପ୍ରତିନିଧି ଭାବେ କାର୍ଯ୍ୟ କରନ୍ତି। ପ୍ରତ୍ୟେକ ଗୁରୁବାର ବଇଣ୍ଡା ଅଞ୍ଚଳକୁ ଆସି ମେଡିସିନ ଟଙ୍କା ଆଦାୟ କରି ଅନୁଗୋଳ ଫେରନ୍ତି। ଗୁରୁବାର ମଧ୍ୟାହ୍ନରେ ବଇଣ୍ଡା ଅଞ୍ଚଳରୁ ମେଡିସିନ ଟଙ୍କା ଆଦାୟ କରି ଅନୁଗୋଳ ଫେରୁଥିବା ବେଳେ ଜାତୀୟ ରାଜପଥର ଜମ୍ମୁନାଳି ଛକ ନିକଟରେ ଦୁଇ ଜଣ ଦୁର୍ବୃତ୍ତ ହେଲମେଟ ପିନ୍ଧି ଏକ ୟୁନିକର୍ଣ୍ଣ ମୋଟର ସାଇକଲରେ ଆସି ଅଟକାଇବା ସହିତ ବନ୍ଧୁକ ଦେଖାଇ ତାଙ୍କୁ ଭୟଭୀତ କରାଇ ତାଙ୍କ ପକେଟ ଓ ବ୍ୟାଗରେ ଥିବା ନଗଦ ୯୦ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏନେଇ ମେଡିସିନ ପ୍ରତିନିଧି ମିଳନ ଜ୍ୟୋତି ସାହୁ ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଉକ୍ତ ଅଭିଯୋଗକୁ ଭିତିକରି ଜରପଡ଼ା ଥାନା କେସ ନଂ ୪୯/୨୪ରେ ଏକ ମାମଲା ରୁଜୁ କରିବା ସହିତ ଘଟଣାର ଛାନଭିନ୍ ଚଲାଇଛି।

## ମାତୃ ସମ୍ମିଳନୀ

ବଅଁରପାଳ, ୧୫।୨(ସମିସ): ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବୈଦ୍ଧିକ ମଣ୍ଡପରେ ମାତୃ ସମ୍ମିଳନୀ ସ୍କୁଲର ସମ୍ପାଦକ ଅଖିଳ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଥମ ପ୍ରଧାନ ଆଚାର୍ଯ୍ୟ ତଥା ବଅଁରପାଳ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ଦେହୁରୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶିଶୁମାନଙ୍କ ପ୍ରତି ମାଆର ଭୂମିକା ତଥା ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ପିଲାଙ୍କ ପ୍ରତି ମା' ର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟାୟ ପ୍ରମୁଖ ତନ୍ମୟ ନାଥ ପରିଚାଳନା କରିଥିବା ବେଳେ ସ୍କୁଲ ପ୍ରଧାନ ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ।



## ଟାଟା କଲୋନୀ ଢାବାରୁ ମଦ ଜବତ, ଜଣେ ଗିରଫ

କଣିହାଁ, ୧୫।୨(ସମିସ): ଅନୁଗୁଳ ଜିଲ୍ଲା କଣିହା ବ୍ଲକ ଏନଟିପିସି ସଦର ଥାନା ଗଦକ୍ଷଶୀଳ ପଞ୍ଚାୟତ ଟାଟା କମ୍ପାନୀ କଲୋନୀ ଅଧୀନସ୍ଥ ଏକ ଢାବାରୁ ବୁଧବାର ରାତିରେ ଏନଟିପିସି ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୧୩୦ ଲିଟର ବିଦେଶୀ ମଦ ଜବତ କରାଯିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରି କେସ ନଂ ୨୮/୨୪ ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଜଣକ ଦୀପକ ସାହୁ (୪୨)। ତାକୁ କୋର୍ଟଚାଲାଣ କରାଯାଇଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

## ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ପାଲଲହଡା, ୧୫।୨(ସମିସ): ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି ଗ୍ରାମପଞ୍ଚାୟତ ଯୋକପାଣି ଗ୍ରାମରେ ଦିବ୍ୟ ଜନନୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଏକଦିବସୀୟ ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରମେଶ ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟ ରଞ୍ଜନ ବାରିକ, ବସନ୍ତ ପ୍ରଧାନ, ରୋହିତାଶ୍ୱ ଦାସ ଯୋଗଦେଇଥିଲେ। ସର୍ବମୋଟ ଆଠଟି ଦଳକୁ ନେଇ ଖେଳ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲ୍ଲା ଭୀମକାଣ୍ଡ ଦଳ ଅନୁଗୋଳ ଜିଲ୍ଲା ଝିମିରିପାଲି ଦଳକୁ ଫାଇନାଲ ମ୍ୟାଚରେ ହରାଇ ଚାମ୍ପିଅନ ହୋଇଥିଲା। ଚାମ୍ପିଅନ ଏବଂ ରନର୍ସ ଅପ ଦଳକୁ ପୁରସ୍କାର ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଖେଳକୁ ରେଫରୀ ବାବୁଲା ପ୍ରଧାନ, ରାକେଶ ଦାସ, ଉତ୍କଳ ପ୍ରଧାନ, ଦୋଳ ବାରିକ ପରିଚାଳନା କରିଥିଲେ। ଦିବ୍ୟ ଜନନୀ ଯୁବକ ସଂଘର ସନ୍ତୁ, ତପନ, ରାଜୁ ପରମେଶ୍ୱର, ଭୋଲେଶ୍ୱର ଦେବେନ୍ଦ୍ର, ସନାତନ, ଲୁଲୁ, ବାଦଲ, ରଞ୍ଜୁ ଉପସ୍ଥିତ ରହି ସହଯୋଗ କରିଥିଲେ।





# ହିନ୍ଦୋଳରେ ଆମ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ

ହିନ୍ଦୋଳ, ୧୫ ।୨ (ସମିସ)

ଢେଙ୍କାନାଳ ଜିଲ୍ଲାର ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀବାସୀଙ୍କ ବହୁ ଦିନର ଅପେକ୍ଷାର ଆଜି ଅନ୍ତ ଘଟିଛି । ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ଉଦ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଅନୁମୋଦନ ହୋଇଥିବା ହିନ୍ଦୋଳ ଏନ୍‌ଏସିରେ ଥିବା ଆମ ବସଷ୍ଟାଣ୍ଡର ଶୁଭ ଉଦଘାଟନ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିଡିଓ କନ୍ ଫରେନ୍ସ ମାଧ୍ୟମରେ ଏହାକୁ ଉଦଘାଟନ କରଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିୟାନ, ପରିବହନ ମନ୍ତ୍ରୀ ଟୁକୁନି ସାହୁ ଓ ବିଭାଗୀୟ ସଚିବ ଉପସ୍ଥିତ ରହିଥିଲେ । ଉଦଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ହିନ୍ଦୋଳର ବିଧାୟିକା ସୀମାରାଣୀ ନାୟକ, ସମ୍ମାନିତ ଅତିଥି ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ତହସିଲଦାର ଦିଲ୍ଲୀପ ସେଠୀ, ବିଡିଓ ବିନିତା ବିଜୟିନୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲା ପରିଷଦ ସଭ୍ୟ ସୁମନ୍ତ ଦେହୁରୀ, ଏନ୍‌ଏସି ଅଧ୍ୟକ୍ଷ କେଶବ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରତିମା ରାଉତ, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ବିଜେଡି ଜିଲ୍ଲା ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ତପନ ପରିଡ଼ା, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଦଳୀୟ କାର୍ଯ୍ୟକର୍ତ୍ତା, କାଉନସିଲରଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ । ବସଷ୍ଟାଣ୍ଡ ଉଦଘାଟନ ହେବା ଦ୍ୱାରା ଲୋକମାନେ ବିଶ୍ରାମାଗର, ଶୌଚାଳୟ ଏବଂ ସମସ୍ତ ଯାତାୟାତର ସୁବିଧା ପାଇପାରିବେ । ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟିକା ସୀମାରାଣୀ ନାୟକ ରାଜ୍ୟ ସରକାରଙ୍କ ଦ୍ୱାରା ହେଉଥିବା ସମସ୍ତ ଜନକଲ୍ୟାଣମୂଳକ କାର୍ଯ୍ୟ ସମ୍ପର୍କରେ କହିବା ସହ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଆହୁରି ଟାଣ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଲୋକାଭିମୁଖୀ କାର୍ଯ୍ୟ ପାଇଁ ଅଞ୍ଚଳରେ ଲୋକମାନେ ମୁଖ୍ୟମନ୍ତ୍ରୀ ଏବଂ ବିଧାୟିକା ସୀମାରାଣୀଙ୍କୁ ସାଧୁବାଦ ଜଣାଇଥିଲେ ।



# ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

● କ୍ୱିଣ୍ଟାଲ ପିଛା ୩, ୮୪୬ ଟଙ୍କା ନିର୍ଦ୍ଧାରିତ

**ଢେଙ୍କାନାଳ, ୧୫ ।୨(ସମିସ):** ଢେଙ୍କାନାଳ ଜିଲ୍ଲାର ଘଟିପିରି ଗ୍ରାମପଞ୍ଚାୟତରେ ମାଣ୍ଡିଆ ମଣ୍ଡି ଉଦଘାଟିତ ହୋଇଯାଇଛି । ଓଡ଼ିଶା ମିଲେଟ୍ସ ମିଶନ ତରଫରୁ ଜିଲ୍ଲାସ୍ତରୀୟ ମାଣ୍ଡିଆ ମଣ୍ଡି ଉଦଘାଟନ ଅବସରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ପାଢ଼ୀ ଯୋଗଦେଇ ଉଦଘାଟିତ କରିଥିଲେ । ଏହି ଉତ୍ସବରେ ସ୍କିମ୍ ଅଫିସର ମାର୍କଣ୍ଡ ପ୍ରଧାନ, ଘଟିପିରି ଗ୍ରାମପଞ୍ଚାୟତର ସରପଞ୍ଚ ପଞ୍ଚାନନ ସାହୁ, ଘଟିପିରି ସେବା ସମବାୟ ସମିତିର ସଭାପତି ଛାୟାକାନ୍ତ ବେହେରା, ଆର୍‌ଏମ୍ସିର ଡିରେକ୍ଟର ପ୍ରକାଶ ଚନ୍ଦ୍ର ଛତାର, ଓଡ଼ାପଡ଼ା ବ୍ଲକ କୃଷି ଅଧିକାରୀ ମୃତ୍ୟୁଞ୍ଜୟ ମହାରଣା, ଓଡ଼ିଶା ମିଲେଟ ମିଶନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ରାକେଶ ସାହୁ, ଇଡିଅଟ୍ ଅନୁଷ୍ଠାନର ସଦସ୍ୟ ସଚିବ ସରୋଜ କୁମାର ଶତପଥୀ ଓ ଓଡ଼ାପଡ଼ା ବ୍ଲକର ବିଟିଏମ୍ ଦେବାଶିଷ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ଉତ୍ସବରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ମାଣ୍ଡିଆ ବିକ୍ରିକରିବା ପାଇଁ ଉପଯୁକ୍ତ ଗୁଣବତ୍ତା ରକ୍ଷା, ଏମ୍‌ଏସ୍ପି ମୂଲ୍ୟ ଜଣାଇବା




ଓ ମାଣ୍ଡିଆର ଉଦ୍ୟୋଗିକରଣ କିପରି କରିବା ସେ ବିଷୟରେ କୁହାଯାଇଥିଲା । ଏହା ସହିତ ସରକାରଙ୍କ ତରଫରୁ କ୍ୱିଣ୍ଟାଲ ପିଛା ୩ହଜାର ୮୪୬ ଟଙ୍କା ନିର୍ଦ୍ଧାରିତ ମୂଲ୍ୟ ରଖାଯାଇଛି । ଏହି ଉଦଘାଟନରେ ପ୍ରାୟ ୩୦ କୁଣ୍ଟାଲ ମାଣ୍ଡିଆ ଚାଷୀଙ୍କଠାରୁ କ୍ରୟ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ ପ୍ରକଳ୍ପ ସଂଯୋଜକ ବିକାଶ କୁମାର ବାଘ, ସହ ସଂଯୋଜକ ରଞ୍ଜନ କୁମାର ସାହୁ, ହିସାବ ରକ୍ଷକ ବିରଞ୍ଚି ମହାରଣା, ଗ୍ରାମ୍ୟ କୃଷି କର୍ମଚାରୀ ବିଭୁତି ବେହେରା ଓ ସୂରଜ ସାହୁ, ଓଡ଼ିଶା ମିଲେଟ ମିଶନର ଜିଲ୍ଲା ହିସାବ ରକ୍ଷକ ଜୟରାମ ପ୍ରଧାନ ଉତ୍ସବକୁ ପରିଚାଳନା କରିଥିଲେ । ଏହି ଉତ୍ସବରେ ବିଭିନ୍ନ ଗ୍ରାମରୁ ଚାଷୀ ଭାଇଭଉଣୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସିବିଓ ଓ ସିଆରପିଗଣ ମଧ୍ୟ ଅଂଶଗ୍ରହଣ କରିଥିଲେ ।

# ଜେଇଇ ମେନ୍ ପରୀକ୍ଷାରେ ପୁଲକିତଙ୍କ ସଫଳତା



**କାମାକ୍ଷାନଗର, ୧୫ ।୨ (ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରର ପୁଲକିତ ବାରିକ ଚଳିତ ଜେଇଇ ମେନ୍ ପରୀକ୍ଷାରେ ୯୭ ପ୍ରତିଶତ ନମ୍ବର ରଖି କାମାକ୍ଷାନଗର ପାଇଁ ସଫଳତା ଆଣିଛନ୍ତି । ଜେଇଇ ମେନ୍ ପରୀକ୍ଷାରେ ୯୭.୯୦ ପ୍ରତିଶତ ମାର୍କ ରଖି ଏଭଳି ସଫଳତା ପାଇଛନ୍ତି । ସେ ବର୍ତ୍ତମାନ ଭୁବନେଶ୍ୱରର ଯୁବୋଦୟରେ ଯୁକ୍ତ ଦୁଇ ବିଜ୍ଞାନ ଦ୍ୱିତୀୟ ବର୍ଷର ଛାତ୍ର । ମାଟ୍ରିକ ପରୀକ୍ଷାରେ ପୁଲକିତ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରି ୯୭ ପ୍ରତିଶତ ମାର୍କ ସହିତ ସଫଳତା ହାସଲ କରିଥିଲେ । ଭବିଷ୍ୟତରେ ଜଣେ ଦକ୍ଷ ଇଂଜିନିୟର ହେବାକୁ ଲକ୍ଷ୍ୟ ରଖିଥିବା ପୁଲକିତ୍ ବାରିକ ଜେଇଇ ମେନ୍ ପରୀକ୍ଷାରେ ହାସଲ କରିଛନ୍ତି । ଭବିଷ୍ୟତରେ ପୁଲକିତ୍ ଏରୋନଟିକାଲ୍ ଇଂଜିନିୟର ହେବାକୁ ଲକ୍ଷ୍ୟ ରଖିଛନ୍ତି । ଜେଇଇ ମେନ୍ ପରୀକ୍ଷାରେ ଏପରି ସଫଳତା ପରେ ତାଙ୍କୁ କାମାକ୍ଷାନଗର ଆଦର୍ଶ ବିଦ୍ୟାଳୟ ତଥା କାମାକ୍ଷାନଗର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ତରଫରୁ ଶୁଭେଚ୍ଛା ଜଣାଯାଇଛି । ଏହା ବାଦ୍ ଭୁବନେଶ୍ୱର ଯୁବୋଦୟର ସମସ୍ତ ଅଧ୍ୟକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି । କାମାକ୍ଷାନଗର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବରିଷ୍ଠ ଶିକ୍ଷକ ପ୍ରେମାନନ୍ଦ ବାରିକଙ୍କ ପୁଅ ବୋଲି ଜଣାପଡ଼ିଛି ।

● 'ନୂଆ-ଓ' ବୃତ୍ତିକୁ ନେଇ ଡିଗ୍ରୀ କଲେଜର ମନମୁଖୀ କାର୍ଯ୍ୟ

# ଛାତ୍ରଛାତ୍ରୀଙ୍କ ଆୟ ପ୍ରମାଣପତ୍ର ଦାବି

ଢେଙ୍କାନାଳ,୧୫ ।୨ (ସମିସ): ଢେଙ୍କାନାଳ ଜିଲ୍ଲାରେ ବିଭିନ୍ନ ଯୁକ୍ତ ୩ ମହାବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପାଇଁ ସରକାର ଘୋଷଣା କରିଛନ୍ତି । ଯେଉଁ ଛାତ୍ରଛାତ୍ରୀମାନେ ଯୁକ୍ତ ତିନି ଏବଂ ପିଜିରେ ଶିକ୍ଷାଲାଭ କରୁଥିବେ, ସେମାନଙ୍କ କ୍ଷେତ୍ରରେ ଛାତ୍ରମାନଙ୍କୁ ୯ ହଜାର ଏବଂ ଛାତ୍ରୀମାନଙ୍କୁ ଦଶ ହଜାର ଦେବାକୁ ସରକାର ଘୋଷଣା କରିଛନ୍ତି । ସେହି ଅନୁସାରେ ସରକାରଙ୍କ ତରଫରୁ 'ନୂଆ-ଓ' ଯୋଜନାରେ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଏକ ଘୋଷଣାନାମା ମଧ୍ୟ ଜାରି କରାଯାଇଛି । ଏହି ଘୋଷଣାନାମା ଅନୁସାରେ ଛାତ୍ରଛାତ୍ରୀଙ୍କ ଅଭିଭାବକ ସରକାରୀ, ସରକାରୀ ଉଦ୍ୟୋଗ, ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଦରମା ପାଉନଥିଲେ ଏବଂ ପିତା ମାତାଙ୍କ ଆୟ ସହିତ ଛାତ୍ରଛାତ୍ରୀଙ୍କ ଆୟ ପରିସରଭୁକ୍ତ ହୋଇନଥିଲେ ସେ କ୍ଷେତ୍ରରେ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ କେବଳ ବିଭାଗ ତରଫରୁ ଦିଆଯାଇଥିବା ଘୋଷଣାନାମାକୁ ପୂରଣ କରି ମହାବିଦ୍ୟାଳୟରେ ଦାଖଲ କରିବା କଥା । ସେହି ଘୋଷଣାନାମାରେ ଅଭିଭାବକଙ୍କ ଆୟକୁ ନେଇ ଘୋଷଣାନାମା ରହିଛି । କିନ୍ତୁ ବିଭାଗ ତରଫରୁ କୌଣସି ଆୟକର, ସ୍ଥାୟୀବାସିନ୍ଦା ପ୍ରମାଣ ପତ୍ର କିମ୍ବା ଅନ୍ୟକୌଣସି ତଥ୍ୟ ଦାଖଲ କରିବାକୁ ନିୟମ ନଥିବା ବେଳେ କେତେକ ମହବିଦ୍ୟାଳୟ ମନମୁଖୀ କାର୍ଯ୍ୟକରିବା ସହିତ ଛାତ୍ରଛାତ୍ରୀଙ୍କୁ ଅଭିଭାବକମାନଙ୍କର ଆୟ ପ୍ରମାଣ ପତ୍ର ପ୍ରଦାନ କରିବାକୁ ବାଧ୍ୟ କରୁଛନ୍ତି । ଫଳରେ ଛାତ୍ରଛାତ୍ରୀମାନେ ନିରାଶ ହେବା ସହିତ ୨୨ ତାରିଖ ମଧ୍ୟରେ ଆୟ ପ୍ରମାଣ ପତ୍ର ଦେବା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଛନ୍ତି । ଏ ଦିଗରେ ବିଭାଗ ଏବଂ ଜିଲ୍ଲାପାଳ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି ।

● ସଡ଼କ ସୁରକ୍ଷା କମିଟି ବୈଠକ

# ଜାନୁଆରୀରେ ୫ ଲକ୍ଷ ୨୯ ହଜାର ଜରିମାନା ଆଦାୟ

ଢେଙ୍କାନାଳ, ୧୫ ।୨ (ସମିସ)

● ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଦୁର୍ଘଟଣା ଏବଂ ମୃତ୍ୟୁ ସଂଖ୍ୟା ବୃଦ୍ଧି

ଢେଙ୍କାନାଳ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ରାଜପଥରେ ଚଳିତ ଜାନୁଆରୀ ମାସରେ ମୃତ୍ୟୁ ସଂଖ୍ୟାବୃଦ୍ଧି ପାଇଥିବାରୁ ସଦସ୍ୟମାନେ ଉଦବେଗ ପ୍ରକାଶ କରିଥିଲେ । ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଦୁର୍ଘଟଣା ଏବଂ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ରାସ୍ତାରେଥିବା ଖାଲ ଖମାଗୁଡିକର ମରାମତି, ଅଧିକ ରୋଡ ସାଇନେଜ ଲଗାଇବାର ବ୍ୟବସ୍ଥା କରିବା, ସ୍ପିଡ ଲିମିଟ ବୋର୍ଡ, ଆବଶ୍ୟକ ସ୍ଥଳରେ ରମ୍ବଲର୍ସ ବ୍ୟବସ୍ଥା କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା । ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ଯାଞ୍ଚ କରାଯାଇ ଟ୍ରାଫିକ ନିୟମ ଉଲ୍ଲଘଂନକାରୀଙ୍କ ଠାରୁ ଜାନୁଆରୀ ମାସରେ ୫ଲକ୍ଷ ୨୯ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବାର ଜଣାପଡ଼ିଛି । ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଜାତୀୟ ରାଜପଥ ନିର୍ମାଣ ଠିକା ସଂସ୍ଥା ଏମଏସଆଇଏଲର ଡିପିଏମ ଲକ୍ଷ୍ମଣ ମହାନ୍ତି ଯୋଗଦେଇ ରାଜପଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଜଣାଇଥିଲେ । ଏହି ବୈଠକରେ ପୌରନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, କମିଟି ସଦସ୍ୟ ପିଟିଆଇର ପ୍ରତିନିଧି ପ୍ରଦ୍ୟୁମ୍ନ ରଥ, ଗଣମାଧ୍ୟମ ପ୍ରତିନିଧି ରତନ ନାୟାର, ସାମାଜସେବୀ ସତ୍ୟସ୍ୱରୂପ ଦାସ, ରାପିଡ ରେସ୍ପନ୍ସ ଟିମର ସଂଯୋଜକ ବିରଞ୍ଚି ନାରାୟଣପାଣିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।

● ରାସ୍ତାପାର୍ଶ୍ୱକୁ ଓଲଟିଲା ସ୍କୁଲ ଭ୍ୟାନ୍

# ଆଦର୍ଶ ବିଦ୍ୟାଳୟର ୬ ଛାତ୍ରଛାତ୍ରୀ ଆହତ



କାମାକ୍ଷାନଗର, ୧୫ ।୨ (ସମିସ)

ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଥାନା ପଙ୍ଗାତିରା -କମର ପୂର୍ତ୍ତ ବିଭାଗ ରାସ୍ତାର ଡିହଡ଼ୋଳ ଗ୍ରାମ ଆଶ୍ କାରଖାନା ନିକଟରେ ଆଦର୍ଶ ବିଦ୍ୟାଳୟକୁ ଛାତ୍ରଛାତ୍ରୀନେଇ ଯାଉଥିବା ଏକ ସ୍କୁଲ ଭ୍ୟାନ ଓଲଟି ୬ ଜଣ ଛାତ୍ର ଛାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି । ଏହି ଦୁର୍ଘଟଣାରେ ଅଳ୍ପକେ ୧୨ଜଣ ଛାତ୍ରଛାତ୍ରୀ ବର୍ତ୍ତି ଯାଉଥିବା ଜଣାପଡ଼ିଛି । ସମସ୍ତ ଛାତ୍ରଛାତ୍ରୀ ପରଜଙ୍ଗ ବ୍ଲକ ବାରିହାପୁର ଆଦର୍ଶ ବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କୁ ନେଇଯାଉଥିଲା । ସ୍କୁଲ ଭ୍ୟାନ୍ଟି କଙ୍କଡ଼ାସୋଡ଼ା ଗ୍ରାମରୁ ବାରିହାପୁର ଆଦର୍ଶ ବିଦ୍ୟାଳୟକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା । ଆହତ ଛାତ୍ରଛାତ୍ରୀଙ୍କୁ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା । ଖବର ପାଇ ପରଜଙ୍ଗ ମେଡିକାଲରେ ସ୍ଥାନୀୟ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁ ପହଞ୍ଚି ଆହତ ଛାତ୍ରଛାତ୍ରୀଙ୍କୁ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ଏ ନେଇ ପରଜଙ୍ଗ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି । ଏହା ସହିତ ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ଓ ବ୍ଲକ ଶିକ୍ଷା ଅଧିକାରି ହରିହର ଦେହୁରୀ ମଧ୍ୟ ପହଞ୍ଚି ଆହତ ଛାତ୍ରଛାତ୍ରୀଙ୍କୁ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ସେ ପଟେ ପରଜଙ୍ଗ ଥାନା ଅଧିକାରୀ ପ୍ରିୟବ୍ରତ ଦାସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିବା ସହ ଅଧିକ ତଦନ୍ତ ଜାରି ରଖିଛନ୍ତି ।

# ପେଟ୍ରୋଲ ଟ୍ୟାଙ୍କରରେ ଅଗ୍ନିକାଣ୍ଡ

**ଢେଙ୍କାନାଳ,୧୫ ।୨ (ସମିସ):** ସହର ନିକଟସ୍ଥିତ ମାରୁତି ଶୋରୁମ ସମ୍ମୁଖସ୍ଥ ୫୫ନଂ ଜାତୀୟ ରାଜପଥରେ ଯାଉଥିବା ଏକ ପେଟ୍ରୋଲ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିବା ବେଳେ ବଡ଼ ଧରଣର ବିପଦରୁ ଅଳ୍ପକେ ବର୍ତ୍ତିଯାଇଛି । ଖୋର୍ଦ୍ଧା ଜିଲ୍ଲା ଜଟଣୀ ଆଇଓସିଏଲରୁ ପେଟ୍ରୋଲ ନେଇ ଏକ ଟ୍ୟାଙ୍କର ନଂ. ଡବ୍ଲ୍ୟୁବି୨୯ସି ୦୪୯୯ ତାଳଚେର ଯାଉଥିବା ସମୟରେ ୫୫ ନମ୍ବର ଜାତୀୟ ରାଜପଥର ମାରୁତି ସୋରୁମ ସମ୍ମୁଖରେ ଗାଡ଼ିର ପଛଚକା ଫାଟିଯିବାରୁ ହଠାତ ଗାଡ଼ିରେ ନିଆଁ ଲାଗିଯାଇଥିଲା । ଖବରପାଇ ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀର କର୍ମଚାରୀମାନ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ବିଭାଗ ତରଫରୁ ଆଇଓସିଏଲର ଢେଙ୍କାନାଳ ସେଲସ ଅଫିସର ଏବଂ କମ୍ପାନୀର ଟେକନିକାଲ ଟିମକୁ ଜଣାଇବା ପରେ



ସେମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବାର ଜଣାପଡ଼ିଛି । ଘଟଣାସ୍ଥଳରେ ପୁଲିସ ଉପସ୍ଥିତ ରହିଥିଲେ ।



# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ହିନ୍ଦୋଳ, ୧୫ ।୨ (ସମିସ)

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ଦୁଦୁରକୋଟ ପଞ୍ଚାୟତରେ ବିଧାୟୀମା ସୀମାରାଣୀ ନାୟକଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ସାରାରାଜ୍ୟରେ ଆରମ୍ଭ ହୋଇଥିବା ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ବିଧାୟିକା ସୀମାରାଣୀ ନାୟକଙ୍କ ନେତୃତ୍ୱରେ ବିପୁଳ ଜନସମାଗମରେ ହିନ୍ଦୋଳ ବ୍ଲକ ଦୁଦୁରକୁଟ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ବିଧାୟିକାଙ୍କ ସହ ଦଳୀୟ କାର୍ଯ୍ୟକର୍ତା ଓ କର୍ମୀମାନେ ପଞ୍ଚାୟତ ସାରା ବୁଲିବୁଲି ଶଙ୍ଖ ଚିହ୍ନ ମାରିବା ସହ ନବୀନ ବାବୁଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକୁ ଉପସ୍ଥାପନା କରି ପୁଣିଥରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଓ. ହିନ୍ଦୋଳ ବିଧାୟିକା ସୀମାରାଣୀଙ୍କୁ ତୃତୀୟ ଥର ନିର୍ବାଚିତ କରିବା ପାଇଁ କର୍ମୀମାନେ ଆହ୍ୱାନ ଦେଇଥିଲେ । ବିଧାୟିକା ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ନବୀନ ବାବୁଙ୍କ ଦ୍ୱାରା ହୋଇଥିବା ବିଭିନ୍ନ କଲ୍ୟାଣମୂଳକ ଜନହିତକର କାର୍ଯ୍ୟ ସହ ବିଜୁସ୍ୱାସ୍ଥ୍ୟ ଯୋଜନା, ମିଶନଶକ୍ତି ଯୋଜନା, କୃଷି, ଶିକ୍ଷା, ଗମନାଗମନ, ସ୍ୱାସ୍ଥ୍ୟ, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ୫ଶହ ଟଙ୍କା ବୃଦ୍ଧି ଓ ପଞ୍ଚାୟତର ଉର୍ନତିମୂଳକ କାର୍ଯ୍ୟ ବୁଝାଇବା ସହ ପୁଣି ଥରେ ନବୀନବାବୁଙ୍କ ହାତମୁଠାକୁ ଟାଣ କରିବା ପାଇଁ ଶଙ୍ଖ ଚିହ୍ନରେ ମୋହର ମାରିବାକୁ ଅନୁରୋଧ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ଜିଲ୍ଲା ପରିଷଦ ସଭ୍ୟ ସୁମନ୍ତ ଦେହୁରୀ, ବିଜେଡି ଜିଲ୍ଲା ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ବାବୁ ଭଞ୍ଜ, ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ସରପଞ୍ଚ, ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀଙ୍କ ସହ ସାହସ୍ରାଧିକ ମହିଳା ପୁରୁଷ ବିଧାୟିକାଙ୍କ ସହ ସାମିଲ ହୋଇଥିଲେ ।

DSPL-568

ଓଡ଼ିଶା ସରକାର

ଉଚ୍ଚ ମାଧ୍ୟମିକ ପରୀକ୍ଷାର୍ଥୀଙ୍କୁ
ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା



ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୪ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହା ପରିଚାଳିତ ହେଉଛି ।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ । ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ବିଶେଷ କରି, ଶିକ୍ଷକ ଶିକ୍ଷୟିତ୍ରୀ ଓ ପିତାମାତାଙ୍କର ଏ ଦିଗରେ ବିଶେଷ ଭୂମିକା ରହିଛି । ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ତଥା ସମସ୍ତ ଜନସାଧାରଣଙ୍କର ସହଯୋଗ କାମନା କରୁଛି ।

ଏହି ଅବସରରେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



ବାର୍ତ୍ତା

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଫେବୃଆରୀ ୧୬ ତାରିଖଠାରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି । ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କର ଇପ୍ସିତ ସଫଳତା କାମନା କରୁଛି । ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ପାଥେୟ କରି ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହେବେ ବୋଲି ଆଶା ଏବଂ ବିଶ୍ୱାସ । ଉକ୍ତ ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସଂପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପୋଲିସ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସୁଦାମ ମାର୍ଣ୍ଡି)
ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ
ପରିଚାଳନା ମନ୍ତ୍ରୀ, ଓଡ଼ିଶା

OIPR-11003/13/0013/2324

## ରାଜନଗର 'ଆମ ବସ୍‌ଷ୍ଟାଣ୍ଡ' ଉଦ୍‌ଘାଟିତ



**ରାଜନଗର, ୧୫।୨(ସମିସ):** ରାଜନଗର ବ୍ଲକର ସାନବଡଗୋପାଳପୁର ଠାରେ ରାଜନଗର ବସ୍‌ଷ୍ଟାଣ୍ଡ ଆଜି ଉଦ୍‌ଘାଟିତ ହୋଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଏହି ବସ୍‌ଷ୍ଟାଣ୍ଡର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ, ରାଜନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ସାନବଡଗୋପାଳପୁର ପଞ୍ଚାୟତର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ବରିଷ୍ଠ ନେତା ବିଜୟ ନାୟକ, ଜିଲ୍ଲାପରିଷଦ ସଭ୍ୟା ଖୁକୁମିନା କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଧୀନତା ପରେ ରାଜନଗରରେ ବସଷ୍ଟାଣ୍ଡଟିଏ ନଥିବାରୁ ରାଜନଗର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାସ୍ତା ଉପରେ ବସ୍ ଗୁଡିକ ଲୋକଙ୍କୁ ଓହ୍ଲାଇବା ସହ ଉଠାଉଥିଲେ। ଏଣିକି ରାଜନଗର ବସ୍‌ଷ୍ଟାଣ୍ଡ ଲୋକଙ୍କୁ ସେବା ଯୋଗାଇବ ବୋଲି ବିଧାୟକ କହିଥିଲେ।

## ମିଳୁନି ମୃତ୍ୟୁ ପ୍ରମାଣପତ୍ର

**ଡେରାବିଶ, ୧୫।୨(ସମିସ) :** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁର ଗ୍ରାମର ମୃତ ରୁକ୍ମିଣୀ ବାରିକଙ୍କ ମୃତ୍ୟୁ ପ୍ରମାଣପତ୍ର ନ ମିଳିବା ନେଇ ସ୍ୱାମୀ ବିଜୟ ବାରିକ ନିରାଶ ହୋଇପଡ଼ିଛନ୍ତି। ଦୀର୍ଘ ତିନିମାସ ତଳେ ରୁକ୍ମଣୀ ବାରିକଙ୍କ ମୃତ୍ୟୁ ହେବା ପରେ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରେ ମିଳୁଥିବା ସହାୟତା ପ୍ରଦାନ କରିଛନ୍ତି। ଗ୍ରାମରେ ସାଇଭାଇ ଶୁଦ୍ଧକ୍ରିୟା ପାଳନ କରିଛନ୍ତି। ରାସନ କାର୍ଡ଼ରେ ମିଳୁଥିବା ଚାଉଳ ବନ୍ଦ ହୋଇଯାଇଛି। ହେଲେ ମୃତ୍ୟୁ ପ୍ରମାଣପତ୍ର ପାଇଁ ଉପସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ରୁକ୍ମିଣୀ କେଉଁଠାରେ ମରିଛି ଆମ୍ଭେ ଜାଣିନଥିବା କହି ଆବେଦନପତ୍ରରେ ସ୍ୱାକ୍ଷର କରୁନାହାଁନ୍ତି। ଯାହା ଫଳରେ ରୁକ୍ମଣୀଙ୍କ ଉତ୍ତରାଧିକାରୀ ସ୍ୱାମୀ ବିଜୟ ବାରିକ ମୃତ୍ୟୁ ପ୍ରମାଣପତ୍ର ପାଉନଥିବା କାରଣରୁ ବିଭିନ୍ନ ଆର୍ଥିକ ସଂସ୍ଥାରେ ଏହି ପ୍ରମାଣପତ୍ରର ଆବଶ୍ୟକତା ପଡୁଥିବାରୁ ଶ୍ରୀ ବାରିକ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି।

### ଅନୁଦାନ ଦେଉଛନ୍ତି ସରକାର, କାମ କରୁଛନ୍ତି ୱାର୍କ ସରକାର

# ଉପସ୍ଥିତ ରହୁନାହାନ୍ତି ଯନ୍ତ୍ରୀ, ସଲାସୁତୁରାରେ ଚାଲିଛି କାମ

**କେନ୍ଦ୍ରାପଡ଼ା, ୧୫ ।୨(ସମିସ)**

ନୂତନ ରାସ୍ତା ନିର୍ମାଣ ଏବଂ ମରାମତି ପାଇଁ ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଉଛନ୍ତି। ହେଲେ ଠିକାଦାର, ବିଭାଗୀୟ ଅଧିକାରୀମାନେ ମିଳିମିଶି ଉକ୍ତ ଅନୁଦାନକୁ ଲୁଟିବାରେ ବ୍ୟସ୍ତ। ତେବେ କାମରେ ୱାର୍କ ସରକାର ଠିକାଦାରଙ୍କଠାରୁ ମୋଟା ଅଙ୍କର ଅର୍ଥ ନେଇ କାମ ନିମ୍ନମାନର କରାଉଥିବା ଦେଖିବାକୁ ମିଳିଛି। ଏହି ଲୁଟ ପାଇଁ କିଟିମିଟି ଅନ୍ଧାରରେ ରାସ୍ତା କାମ ହେଉଥିବା ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ ପିଚୁ କାମ କରାଯାଉଥିବା ଦୃଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରୁଛି। ବିଳମ୍ବିତ ରାତିରେ ଏବଂ ଅତି ନିମ୍ନମାନର କାମକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

ଏନେଇ ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସବୁ କାମରେ ଉପସ୍ଥିତ ରହିବା ସମ୍ଭବ ନୁହେଁ ବୋଲି କହିବା ସହ କାମ ଉପରେ ସାଇଡ ଇଂଜିନିୟର ରହିଥିବା କହି କଥା କାଟି ଦେଉଛନ୍ତି। ହେଲେ ବାସ୍ତବିକ କାମ ତଦାରଖ କରୁଥିବା ବ୍ୟକ୍ତିଜଣଙ୍କ କେଉଁ ଇଂଜିନିୟର ସେନେଇ କିଛି ଉତ୍ତର ମିଳୁନି। ଅନ୍ୟପଟେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସମସ୍ତେ ଚୁପ ରହୁଥିବା ଘଟଣା ଉକ୍ତ କାର୍ଯ୍ୟରେ ଅନିୟମିତତା ଦିଗକୁ ଦର୍ଶାଉଛି। ତେବେ ଅନ୍ୟ ଅଧିକାରୀଙ୍କୁ ପଚାରିଲେ ଯନ୍ତ୍ରୀଙ୍କ ବଦଳରେ ୱାର୍କ ସରକାର କାର୍ଯ୍ୟ ତଦାରଖ କରୁଛନ୍ତି ବୋଲି ଉତ୍ତର ମିଳୁଛି।ସବୁଠାରୁ ବଡ କଥା ହେଲା ମାତ୍ର କେଇ ମାସ ଆଗରୁ ଶେଷ ହୋଇଛି କାମ। ହେଲେ ବିଭାଗ ବଦଳିବା ପରେ ପିଚୁ ଉପରେ ପୁନଃ ପିଚୁ କାମ ହେଉଥିବା ଅଭିଯୋଗ ହୋଇଛି।୨୦୧୮ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଓଲଡ଼ି-ବେଣୀପୁର ରାସ୍ତା କାମର ଭିତ୍ତିପ୍ରସ୍ତର ଆରମ୍ଭ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଗତ ୮ ମାସ ତଳେ ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧିନକୁ ଆସିଥିବା ବେଳେ ଏହି ରାସ୍ତାକାମ ପାଇଁ ଟେଣ୍ଡର ପ୍ରକ୍ରିୟା କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ୍ ବ୍ଲକ ଅଧିନ ଚାଟରା ଚକଡ଼ା ପଞ୍ଚାୟତସ୍ଥିତ ୫୩ ନଂ ଜାତୀୟ ରାଜପଥ ଛତା ଛକଠାରୁ ବେଣୀପୁର ପର୍ଯ୍ୟନ୍ତ ୧୦ କିଲୋମିଟର ୭୦୦ ମିଟର ଲମ୍ବର ପିଚୁ ଓ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ପ୍ରାୟ ୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା।ଏହି ଟେଣ୍ଡର ସ୍ଥାନୀୟ କେନ୍ଦ୍ରାପଡ଼ା ଜିଲ୍ଲାର ଶିବପ୍ରସାଦ ପରିଡ଼ା ନାମକ ଠିକାଦାର ପାଇଥିବା ବେଳେ ଡିସେମ୍ବର ୨୯ ତାରିଖରେ କାମ ଆରମ୍ଭ କରାଯାଇଥିଲା ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।ତେବେ ଏହି ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ଗାଇଡ଼ ଲାଇନ ଅନୁଯାୟୀ ନା କୌଣସି ସ୍ଥାନରେ ଅଛି ସୂଚନା ଫଳକ ନା ଅଛି ନାଗରିକ ଫଳକ। କେବଳ ସାଧାରଣ ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଏହି ରାସ୍ତା କାମକୁ ତରବରିଆ ବିନା ବୈଷୟିକ ଅଧିକାରୀଙ୍କ ଉପସ୍ଥିତିରେ ରାତି ଅଧିଆ ପିଚୁ ବିଛାଯାଇ କାମ ହେଉଥିବା ନେଇ ଅଭିଯୋଗ ହୋଇଛି।ତେବେ ଉକ୍ତ କାମ ହେଉଥିବା ସ୍ଥାନରେ ଆର ଆଣ୍ଡ ବି ବିଭାଗ ଜେଇଙ୍କ ସୂଚନା ମୁତାବକ ଜଣେ ସାଇଡ ଇଂଜିନିୟର ରହିଥିବା କୁହାଯାଇଥିବା ବେଳେ ବାସ୍ତବିକ ଉକ୍ତ ବ୍ୟକ୍ତି ଜଣଙ୍କ କୌଣସି ବୈଷୟିକ ଜ୍ଞାନ ସମ୍ପନ୍ନ ବ୍ୟକ୍ତି ନୁହନ୍ତି। ସେ ଜେଇଙ୍କ ପାଖରେ ଘରୋଇ ଭାବରେ ରହିଥିବା ଜଣେ ଶ୍ରମିକ ଶ୍ରେଣୀର ବ୍ୟକ୍ତି ବୋଲି ଜଣାପଡ଼ିଛି।ତେବେ ଘଟଣା ପ୍ରଘଟ ପରେ ଜେଇ ଉକ୍ତ ରାସ୍ତାର କ୍ୱାଲିଟି ଟେଷ୍ଟ କରିବାକୁ ଯାଇଥିବା ବେଳେ ସାଧାରଣ ଲୋକେ ଜେଇଙ୍କୁ ଘେରିଯାଇ ପ୍ରଶ୍ନ କରିବାରୁ ଉକ୍ତ ସ୍ଥାନରୁ ଜେଇ ଫେରି ଯାଇଥିବା ଦେଖା ଯାଇଥିଲା।କେବଳ ଏହି ଗୋଟିଏ କାମ ନୁହେଁ ବରଂ ବିଭିନ୍ନ କାର୍ଯ୍ୟରେ ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁ ଚନ୍ଦ୍ରିକା ଯୋଗୁଁ ଯୋଜନାର ସଫଳ ରୂପାୟନ ହେବା ବଦଳରେ ଲୁଟ୍ ଅଧିକ ହେଉଥିବା ଅଭିଯୋଗ ହୋଇଛି। ଗତ ଅଢେଇ ବର୍ଷ ତଳୁ ଡେରାବିଶ୍ ବ୍ଲକ କୁରୁଜଙ୍ଗା ପଞ୍ଚାୟତରେ ଆରମ୍ଭ ହୋଇଥିବା ଆଦର୍ଶ ବିଦ୍ୟାଳୟ କାମ ମଧ୍ୟ ଅଧା ପନ୍ତରିଆ ହୋଇଥିବା ବେଳେ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କାମ ଉପରକୁ ଆସି ଏହାକୁ ନିରୀକ୍ଷଣ କରୁଥିବା ବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିପକ୍ଷରେ ଫେରାଦ ହୋଇଥିବା ଦେଖାଯାଇଥିଲା।



### ● ନିମ୍ନମାନର ରାସ୍ତା କାମକୁ ନେଇ ମୁଖ୍ୟ ଶାସନ ସଚିବଙ୍କୁ ଅଭିଯୋଗ

ଗତବର୍ଷ ପୂର୍ତ୍ତ ବିଭାଗ ଦ୍ୱା।ରା ନିର୍ମାଣାଧୀନ କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବାଇପାସ ପୋଲ ଭୁଶୁଡିବା ଘଟଣାରେ ପକ୍ଷପାତୀତା ଓ ଦୁର୍ନୀତିଖୋର ମନୋଭାବ ଯୋଗୁଁ ତିନି ଜଣ ଅଧିକାରୀ ନିଲମ୍ବିତ ହୋଇଥିବା ବେଳେ ବର୍ତ୍ତମାନ ପୂର୍ତ୍ତ ବିଭାଗ-୨ ଦ୍ୱାରା କରାଯାଉଥିବା ରାସ୍ତା କାମ ଓ ବିଭିନ୍ନ ଉନ୍ନୟନ ମୂଳକ କାମର ଭିଜିଲାନ୍ସ ତଦନ୍ତ କଲେ ଦୁର୍ନୀତିରେ ଲିପ୍ତ ଅଧିକାରୀ ଓ ଠିକାଦାର ସତର୍କ ହୋଇପାରନ୍ତେ ବୋଲି ମତପ୍ରକାଶ ପାଇଛି। ତେବେ ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ନିମ୍ନମାନର ରାସ୍ତା କାମ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ଅଭିଯୋଗ ହୋଇଛି।ଏନେଇ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଆର ଆଣ୍ଡ ବି-୨କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଅମୃତମଣୋହି ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ପଟ୍ଟାମୁଣ୍ଡାଇ, ୧୫ ।୨(ସମିସ):** ଏକ ବିକଶିତ ସମୃଦ୍ଧ ନୂତନ ଓଡ଼ିଶା ଗଠନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ବିଭିନ୍ନ ମହାବିଦ୍ୟାଳୟରେ ଆୟୋଜନ ପରେ ଗ୍ରାମାଞ୍ଚଳର ବିଭିନ୍ନ ପଞ୍ଚାୟତ ଓ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଆରମ୍ଭ ହୋଇଛି।ଏହି କ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକର ଅମୃତମଣୋହି ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଅମୃତମଣୋହି ପଞ୍ଚାୟତ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ବାବଦରେ ୫୦ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଯୋଗାଇ ଦିଆଯାଇଛି।ଏହି ଅନୁଦାନରେ ଯୁବବିକାଶ କେନ୍ଦ୍ର, ମିଶନଶକ୍ତି ଗୃହ ନିର୍ମାଣ, ଦେବାଦେବୀ ମନ୍ଦିର ଉନ୍ନତିକରଣ, ଗୋଷ୍ଠୀ କେନ୍ଦ୍ର ନିର୍ମାଣ, ସ୍କୁଲ ଗୃହ ଉନ୍ନତିକରଣ ଆଦି ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି। ଅମୃତମଣୋହି ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହିତ ରାଜ୍ୟରେ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ ସରକାରୀ ଯୋଜନାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ଏକ ସଭା ଆୟୋଜନ କରାଯାଇଥିଲା। ଅମୃତମଣୋହି ପଞ୍ଚାୟତ ପୂର୍ବତନ ସରପଞ୍ଚ କୂଳମଣି ମଲିକଙ୍କ ପୌରୋହିତ୍ୟରେ ଓ ଯୁବନେତା ସିଦ୍ଧାର୍ଥ ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳ ବିକାଶ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ପଦକ୍ଷେପ ହୋଇଥିବାରୁ ଏହି ଯୋଜନାରେ ମଞ୍ଜୁର ଅର୍ଥ ବିନିଯୋଗ କରି ଅମୃତମଣୋହି ପଞ୍ଚାୟତକୁ ଏକ ସମୃଦ୍ଧ ସଶକ୍ତ ଓ ବିକଶିତ ପଞ୍ଚାୟତରେ ପରିଣତ କରିବା ସହିତ ନବୀନ ସରକାରଙ୍କ ସଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ସରପଞ୍ଚ ନିରୁପମା ଦାସ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ମଲ୍ଲିକ କନିଷ୍ଠ ଯନ୍ତ୍ରୀ ସଂଘମିତ୍ରା ଦାସ, ପ୍ରାକ୍ତନ କୃଷି ଅଧିକାରୀ ସତ୍ୟାନନ୍ଦ ଦାସ, ପ୍ରାକ୍ତନ ଏବିଇଓ ସନାତନ ତରାଇ, ସଙ୍ଗୀତଜ୍ଞ ସୁଧାଂଶୁ ଦାସ, ପୂର୍ବତନ ସମିତିସଭ୍ୟ ପ୍ରଭାତ ସେଠୀ ପିଇଓ ପ୍ରଭାତ ମଲ୍ଲିକ, ଜିଆରଏସ ସସ୍ମିତା ସାହୁ ପ୍ରମୁଖ ଯୋଗ ଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ଲକ୍ଷ୍ୟ ଓ ଆଭିମୁଖ୍ୟ ତଥା ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ପ୍ରଭାତ ମଲ୍ଲିକ ଧନ୍ୟବାଦ ଦେଇଥିଲେ ଓ ଏହି କାର୍ଯ୍ୟକ୍ରମରେ ଅମୃତମଣୋହି ପଞ୍ଚାୟତର ବହୁ ସଂଖ୍ୟକ ମହିଳା ପୁରୁଷ ଓ ଯୁବକ ଯୋଗ ଦେଇଥିଲେ।

## ଲାଲବାବାଙ୍କ ସମାଧି ପ୍ରତିଷ୍ଠା



**ଡେରାବିଶ, ୧୫।୨(ସମିସ):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ପାଣିଓଳା ସ୍ଥିତ ପବିତ୍ର ଲୁଣାନଦୀର କୂଳରେ ଅବସ୍ଥିତ ବହୁ ପ୍ରାଚୀନ ବିଲ୍ୱମାଳ ମଠରେ ଲାଲବାବାଙ୍କ ସମାଧି ପ୍ରତିଷ୍ଠା ଉତ୍ସବ ଓ ଚତୁର୍ଥ ପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରୁ ମଠ ପରିସରରେ ସମାଧି ପ୍ରତିଷ୍ଠା ନିମନ୍ତେ ପୂଜାର୍ଚ୍ଚନା ସହିତ ଚତୁର୍ଥ ପ୍ରହର ନାମଯଜ୍ଞର ଶୁଭାରମ୍ଭ ହୋଇଥିଲା। ମଧ୍ୟାହ୍ନରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲଶ। ହରିଅଙ୍କର ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, ଦାନପୁରର ପୂର୍ବତନ ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସମାଜସେବୀ ଅଜୟ ରାଉତ, ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା, ବିଜେପି ଜିଲ୍ଲା ସମ୍ପାଦିକା ମନିଷା ପଣ୍ଡା, ରାଜ୍ୟ ଉଠାଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ, ଶାନ୍ତନୁ ନାୟକଙ୍କ ସମେତ ସ୍ଥାନୀୟ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀଙ୍କ ସମେତ ବାବାଙ୍କର ଶହଶହ ଭକ୍ତ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ହାଣ୍ଡିବାଡ଼ିଆ ପର୍ବର ପୁନରୁଦ୍ଧାର

**ଡେରାବିଶ, ୧୫।୨(ସମିସ):** ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଗ୍ରାମର ଗ୍ରାମଦେବତୀ ମା' ବୁଢ଼ୀ ଜାଗୁଲାଇଙ୍କ ପୀଠରେ ସରସ୍ୱତୀ ପୂଜା ଅବସରରେ ହାଣ୍ଡିବାଡ଼ିଆ ପର୍ବର ପୁନଃ ଆୟୋଜିତ ହୋଇଛି। ପରମ୍ପରା ଅନୁଯାୟୀ ଶହଶହ ବର୍ଷ ପୂର୍ବରୁ ଶ୍ରୀପଞ୍ଚମୀ ତିଥିରେ ଗ୍ରାମଦେବତୀ ମା' ବୁଢ଼ୀ ଜାଗୁଲାଇଙ୍କ ପୀଠରେ ଗ୍ରାମବାସୀମାନେ ମାନସିକ କରି ଚୁଲି ଖୋଳି ମା'ଙ୍କ ଉଦ୍ଦେଶ୍ୟରେ ନୈବିଦ୍ୟ ପ୍ରସ୍ତୁତ କରିଥାନ୍ତି। ପୂଜକ ମା'ଙ୍କର ଧଣ୍ଡା ଆଣି ସମସ୍ତଙ୍କ ଭୋଗ ପାତ୍ରରେ ପକାଇବା ପରେ ଭୋଗ ପ୍ରସ୍ତୁତ ହୋଇଯାଇଥାଏ। ଏହି ପ୍ରସାଦକୁ ସେଠାରେ ଭୋଜନ କରି ଏକ ଭୋଜନ ପ୍ରସ୍ତୁତ ମାଟି ହାଣ୍ଡି ସେଠାରେ ବାଡ଼େଇ ଭାଙ୍ଗି ଦିଆଯାଇଥାଏ। କୌଣସି ଏକ କାରଣରୁ ଦୀର୍ଘ ୩୦ ବର୍ଷ ହେଲା ଏହି ଉତ୍ସବ ବନ୍ଦ ରହିଥିଲା। ଚଳିତ ବର୍ଷର ଗ୍ରାମର ସମରେନ୍ଦ୍ର ରଥ, ପ୍ରଭାକର ସିଂ, ପ୍ରିୟବ୍ରତ ସିଂ ଓ ପ୍ରଦୀପ ରାଓ ପ୍ରମୁଖଙ୍କ ଉଦ୍ୟମରେ ଗ୍ରାମବାସୀଙ୍କୁ ସହମତ କରାଇ ଏହି ପର୍ବର ଗତକାଲି ପୁନଃ ଆରମ୍ଭ କରି ମହାସମାରୋହରେ ପାଳନ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗ ଦେଇଥିଲେ। ଉତ୍ସବର ପୁନରୁଦ୍ଧାର ପାଇଁ ଗ୍ରାମରେ ଆନନ୍ଦର ଲହରୀ ଖେଳି ଯାଇଥିଲା।

## ବେଣିପୁରରେ ଜମୁଛି ସରସ୍ୱତୀ ପୂଜା

**ପଞ୍ଚୁପାଣ୍ଡବ, ୧୫।୨ (ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ବେଣିପୁର ପଞ୍ଚାୟତର ବିଭିନ୍ନ ସଂଗଠନ ତରଫରୁ ସେମାନଙ୍କର ପୂଜା ମଣ୍ଡପରେ ଗତକାଲି ଶ୍ରୀପଞ୍ଚମୀ ତିଥିରୁ ମା' ସରସ୍ୱତୀଙ୍କ ପୂଜା ଆରମ୍ଭ ହୋଇଯାଇଛି। ଏହି ଉତ୍ସବ ଦୀର୍ଘ ୫ ଦିନ ଧରି ଚାଲିବ ବୋଲି ଗ୍ରାମର ଶିଶିର ମଲିକ ପ୍ରକାଶ କରିଛନ୍ତି। ଦୀର୍ଘ ୨୫ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ଉତ୍ସବରେ ଡାଇମଣ୍ଡ



କ୍ଲବର ଅଜୟ ଦାସ, ଚିନ୍ମୟ ସାହୁ, ଅଭୟ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ବେଣିପୁର ଯୁବକ ସଂଘର ପ୍ରତାପ ସାହୁ ଓ ଜୟ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି। ସମସ୍ତ ପୂଜା ମଣ୍ଡପ ବୈଦ୍ୟୁତିକ ଆଲୋକରେ ଝଲମଲ କରୁଥିବା ବେଳେ ପ୍ରତ୍ୟେହ ସନ୍ଧ୍ୟାରେ ମେଲୋଡ଼ି, ଭଜନ ସନ୍ଧ୍ୟା ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଚାଲୁ ରହୁଛି। ଅଗ୍ରଣୀ ଯୁବକ ସଂଘ ଓ କମ୍ୟୁନିଟି ସେଣ୍ଟର କ୍ଲବର ସଭାପତି ସମ୍ପାଦକ ଓ ଅନ୍ୟସଦସ୍ୟମାନେ କାର୍ଯ୍ୟକ୍ରମକୁ ସହଯୋଗ କରୁଛନ୍ତି।

## ଶ୍ରୀରାଧା ଗୋବିନ୍ଦଜୀୟୁଙ୍କ ବସନ୍ତ ଉତ୍ସବ

**କେନ୍ଦ୍ରାପଡ଼ା, ୧୫।୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପ୍ରସିଦ୍ଧ ଆରାଧ୍ୟ ସହରର ଚାଟରାପାଟଣାସ୍ଥିତ ଶ୍ରୀରାଧା ଗୋବିନ୍ଦ ଜୀୟୁ ମନ୍ଦିରର ଶ୍ରୀରାଧା ଗୋବିନ୍ଦଙ୍କ ବସନ୍ତ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ଓଡଣ ଷଷ୍ଠୀଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଶୀତ ଦାଉରୁ ରକ୍ଷାପାଇବା ପାଇଁ ଶ୍ରୀଜୀୟୁ ଶୀତ ବସ୍ତ୍ର ଘୋଡିଲାଗି ହୋଇଥାନ୍ତି। ବସନ୍ତ ପଞ୍ଚମୀରେ ବସନ୍ତ ଋତୁ ଆଗମନରେ ରାଧା ଗୋବିନ୍ଦ ଜୀୟୁ ତାଙ୍କ ଅଷ୍ଟସଖୀମାନଙ୍କ ସହିତ ବସନ୍ତ ମଣ୍ଡପ ଯାଇ ବସନ୍ତ ପବନ ଉପଭୋଗ କରିଥାନ୍ତି। ଏହାକୁ ଆଧାର କରି ଅପରାହ୍ନ ଉଠାଣି ଦୀପ ପରେ ଶ୍ରୀଜୀୟୁ ମନ୍ଦିରରୁ ବସନ୍ତ ବଗିଚା ଯାଇ ସେଠାରେ ଉପବିଷ୍ଟ ହୋଇଥିଲେ। ଏହିଠାରେ ଉଠାଣି ଦୀପ, ସନ୍ଧ୍ୟା ଆଳତୀ, ୩୨ଟି ବତୀରେ ବସନ୍ତ ବଗିଚା ଆଳତୀ ହୋଇଥିଲା ବୋଲି ମଶାଲ ସେବାୟତ ଶ୍ରୀକାନ୍ତ ବାରିକ ସୂଚନା ଦେଇଥିଲେ। ରାତିରେ ମନ୍ଦିରକୁ ଶ୍ରୀ ଜୀୟୁ ପ୍ରବେଶ କରିଥିଲେ। ଏହାପରେ ସେଠାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

### ■ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ପ୍ରଥମ କ୍ୱାର୍ଟରଫାଇନାଲରେ କେନ୍ଦ୍ରାପଡ଼ାର ଚାନ୍ଦ କ୍ଲବ

**କେନ୍ଦ୍ରାପଡ଼ା, ୧୫।୨(ସମିସ):** ଫକିରାବାଦ୍‌ର ଆଜାଦ କ୍ଲବ ଆନୁକୂଲ୍ୟରେ ଆଜି ଅପରାହ୍ନରେ କେନ୍ଦ୍ରାପଡ଼ା ହାଇସ୍କୁଲ ଖେଳପଡ଼ିଆରେ ଏକ ସର୍ବଭାରତୀୟସ୍ତରୀୟ ୪ଦିନିଆ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆଜାଦ୍ କ୍ଲବର ସଭାପତି ହିବଜୁର ରହେମାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନଗରପାଳ ସରିତା ସାହୁ, ମୁଖ୍ୟବକ୍ତା ଭାବେ ପୂର୍ବତନ ନଗରପାଳ ରୋସ୍ନା ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ଶିଳ୍ପପତି ଅମୀୟକାନ୍ତ ଦାସ ଓ ସମ୍ମାନୀତ ଅତିଥି ଭାବରେ ପୂର୍ବତନ କାଉନସିଲର ସୌମେନ୍ଦ୍ର ପୃଷ୍ଟି ଓ ପ୍ରଶାନ୍ତ କୁମାର ସିଂ ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚକୁ ଉଦଘାଟନ କରି କେନ୍ଦ୍ରାପଡ଼ାରେ ଏଭଳି ଟୁର୍ଣ୍ଣାମେଣ୍ଟର ଆୟୋଜନ ଦ୍ୱାରା ଆମର ଖେଳାଳୀମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରି କେନ୍ଦ୍ରାପଡ଼ାକୁ ଗୌରବାନ୍ୱିତ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ କେନ୍ଦ୍ରାପଡ଼ାର ଚାନ୍ଦ କ୍ଲବ ଏଫ୍. ସି. ଧାନବାଦ୍, ଝାଡଖଣ୍ଡକୁ ୮-୦ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଏହି କାର୍ଯ୍ୟକ୍ରମକୁ ଉପସଭାପତି ମୀର ବକାଉଲ୍ଲା, ସମ୍ପାଦକ ସେକ୍ ଲିଆକତ ଅଲ୍ଲୀ(ନସରୁ), ସୟଦ ଅବଦୁଲ ସତ୍ତାର, ମହମ୍ମଦ ଆମୀର, ସହ ସମ୍ପାଦକ ମିର ଖୁବେର, ସେକ୍ ସଫାତୁଲ୍ଲା, ଅକିଲ ଅହେମଦ୍, କୋଷାଧ୍ୟକ୍ଷ ସେକ ଅମିର ଅହେମଦ୍, ଉପଦେଷ୍ଟା କେନ୍ଦ୍ରାପଡ଼ା ପୌର ପରିଷଦର ସମସ୍ତ କାଉନସିଲରବୃନ୍ଦ, ସୟେଦ ଅହେସାନ ଅଲ୍ଲୀ, ସୟଦ ଅକମଲ ଅଲ୍ଲୀ, ସେକ ସିରହାନ ଅଲ୍ଲୀ, କଲିମ ଖାନ, ଆୟାଜ ମହମ୍ମଦ୍, ଅବଦୁଲ ମାଲିକ, ଓସିଉଲା ଖାଁ, ଭାବଗ୍ରାହୀ ସିଂହ, ସେକ ଅହେମଦ୍, ମିର ୟାସିର, ସେକ ଅଖତର, ମହମ୍ମଦ ଜାକିର, ମିର ମନଜର ଅଲି, ମିର ଅବୁସମା, ବାସା ଖାଁ, ଟିକା ଖାଁ, ମିର ଫାରୁକ, ଜାହିଦ ଖାଁ, ମହମ୍ମଦ ଅଜହର ଅଲି, ସେକ ତନଜା, ନୁରୁଲ ହକ୍, ତାଜୁଦିନ ଖାଁ, ପ୍ରଦୀପ କୁମାର ବେହେରା, ମିର ଆରିଫ୍, ଯୁବ ଗୋଷ୍ଠିର କାର୍ଯ୍ୟକର୍ତ୍ତା ଅବଦୁଲ ମଜିଦ୍, ନଫିସ ଅହେମଦ୍, ସେକ ସକାବତ୍, ଅଜହର ଉଦିନ ଖାଁ, ସେକ ସଗିର, ନୁର ଖାଁ, ବାବା ଖାଁ, ପରୱେଜ ଅଖତର, ଫୁରକାନ୍ ଖାଁ, ମହମ୍ମଦ ନାଜିର, ସେକ ଚାନ୍ଦ, ବାସୁ ଖାଁ, ସେକ ଫରହାନ ଅଲି, ନୁରାନି ଖାଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ କେନ୍ଦ୍ରାପଡ଼ାର ସୁରଜ କ୍ଲବ ଓ କଟକର ଜି.ଏସ. କମ୍ପାନୀ ମଧ୍ୟରେ ଅନୁଷ୍ଠିତ ହେଉଛି।



### ■ ଅଂଶୁମାନଙ୍କ ଇସ୍ତଫା ପରେ ରାଜନଗର ରାଜନୀତି ଉଷ୍ମ

## ବ୍ଲକ କଂଗ୍ରେସ, ପଞ୍ଚାୟତ କଂଗ୍ରେସ ଓ ଛାମୁଆ ନେତାଙ୍କ ସମୂହ ଇସ୍ତଫା

**ରାଜନଗର, ୧୫।୨(ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି କଂଗ୍ରେସରୁ ଇସ୍ତଫା ଦେବା ପରେ ରାଜନଗର ରାଜନୀତି ଉଷ୍ମ ହୋଇପଡ଼ିଛି। ଅଂଶୁମାନ କଂଗ୍ରେସରୁ ଇସ୍ତଫା ଦେବାର ୪୮ ଘଣ୍ଟା ପରେବି କେଉଁ ଦଳକୁ ଯିବେ, ସେ ନେଇ ସ୍ପଷ୍ଟ କରିନାହାଁନ୍ତି। ଅଂଶୁମାନ ବିଜେପିକୁ ଯିବେ ନାଁ ବିଜେଡିକୁ ଯିବେ ଏହି ଚର୍ଚ୍ଚା ଭିତରେ ବିଜେଡିକୁ ଯିବା ଏକପ୍ରକାର ନିଶ୍ଚିତ ବୋଲି ଆଲୋଚନା ବଢ଼ିଛି। ଅଂଶୁମାନ ଇସ୍ତଫା ଦେବା ପରେ ତାଙ୍କର ଅନୁଗତମାନେ ଆଜି ସମୂହ ଇସ୍ତଫା ଦେଇଛନ୍ତି। ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା, ପିସିସି ସଭ୍ୟ ସନ୍ତୋଷ କୁମାର ମହାନ୍ତି, ଛାତ୍ର କଂଗ୍ରେସ ସଭାପତି ସତ୍ୟବ୍ରତ ପାଣି, ମହିଳା କଂଗ୍ରେସ ସଭାନେତ୍ରୀ ମିନତୀ ବେହେରା, ଯୁବ କଂଗ୍ରେସ ସଭାପତି ପ୍ରଭାତ କୁମାର ରାଉଳ, ହାତିନା ସରପଞ୍ଚ ସମୀର ସେଠୀ, କଣ୍ଡିରା ପଞ୍ଚାୟତ ସରପଞ୍ଚ ହେମଲତା ମାହୁନ୍ତ, ଇଶ୍ୱରପୁର ପଞ୍ଚାୟତ ସରପଞ୍ଚ ସୁରେଖା ପ୍ରଧାନ, ସମିତିସଭ୍ୟ ପ୍ରମିଳା ଦାସ, ଶ୍ୟାମଳୀ ମାଇତି, ଅମର ସୂତାର ପୁଷ୍ପଲତା ସିୟ, ଅଭୟ ଖଣ୍ଡୁଆଳ, ଜନ୍ମେଜୟ ସେଠୀଙ୍କ ସମେତ ପଞ୍ଚାୟତ ସଭାପତି ରବୀନ୍ଦ୍ର ନାଥ ପାତ୍ର, ଗୋପବନ୍ଧୁ ରାଉଳ, ମହେଶ୍ୱର ନାୟକ, ମଙ୍ଗୁଳି ବାରିକ, ନିରଞ୍ଜନ ସ୍ୱାଇଁ, ମହେଶ୍ୱର ରାଉତ, ରବୀନ୍ଦ୍ର ପଡ଼ିହାରୀ, ପ୍ରମୋଦ କୁମାର ଚମ୍ପତିରାୟ, ହୃଷିକେଶ ପ୍ରଧାନ, ଭୀମସେନ ପଢ଼ିହାରୀ, କେଦାର କୁମାର ସାହୁ, ଅକ୍ଷୟ କୁମାର ପରିଡ଼ା, ବିଶ୍ୱନାଥ ରାଉତ, ଅର୍ଜୁନ ମଣ୍ଡଳ, ସତ୍ୟବାନ ସେଠୀ, ନିରାକାର ପଣ୍ଡା, ସୁବାସ ଚନ୍ଦ୍ର ବେହେରା, କଳାକାର ସାହୁ, ସୁବାଷ ଚନ୍ଦ୍ର ଦାସ, ଗୋବିନ୍ଦ ଦାସ, ଶଙ୍କର କୁମାର ପାଲ, ରାଜକିଶୋର ପଣ୍ଡା, ଗୋପାଳ ସାହୁ, ଗୋବର୍ଦ୍ଧନ ଦଳ, ବଙ୍କେଶ ଚନ୍ଦ୍ର ଦାସ, ଅକ୍ଷୟ କୁମାର ରାଉତ, ରବୀନ୍ଦ୍ର ଧାଉଡିଆ, ଦିବାକର ଜେନାଙ୍କ ସମେତ ବ୍ଲକ କଂଗ୍ରେସ କମିଟିର କର୍ମକର୍ତ୍ତାମାନେ କଂଗ୍ରେସ ଦଳରୁ ଇସ୍ତଫା ଦେଇଥିବା ପୂର୍ବତନ ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା ସୂଚନା ଦେଇଛନ୍ତି। ଅଂଶୁମାନ ମହାନ୍ତି କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେବା ପରଠୁଁ ନିଜ ମୋବାଇଲ ସୁଇଚ୍ଅଫ୍ ରଖିଥିବା ବେଳେ ତାଙ୍କ ଅନୁଗତମାନେ ଅଂଶୁମାନ କେଉଁ ଦଳକୁ ଯିବେ, ସେ ନେଇ ମୁହଁ ଖୋଲୁନାହାଁନ୍ତି। ଆଜି ତାଙ୍କର ଅନୁଗତମାନେ ସମୂହ ଇସ୍ତଫା ଦେଇଥିବା ବେଳେ ଆସନ୍ତାକାଲି ବିଜୁ ଜନତା ଦଳରେ ସାମିଲ ହେବେ ବୋଲି ସୂଚନା ମିଳିଛି।

### ଡେରାବିଶ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଯାଜପୁରର ଇଲେଭେନ ଷ୍ଟାର୍

**ଡେରାବିଶ, ୧୫।୨ (ସମିସ):** ଡେରାବିଶ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଡେରାବିଶ ମିନିଷ୍ଟାଡିୟମରେ ଚାଲିଥିବା ୫୧ତମ ବାର୍ଷିକ ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଖେଳାଯାଇଥିବା ଚିତାକର୍ଷକ ପ୍ରଥମ ସେମିଫାଇନାଲମ୍ୟାଚରେ କେନ୍ଦ୍ରାପଡ଼ା ଜିଲ୍ଲାର ପଞ୍ଚୁପାଣ୍ଡବ କ୍ରିକେଟକ୍ଲବକୁ ୧୫ରନରେ ହରାଇ ଯାଜପୁର ଜିଲ୍ଲାର ଇଲେଭେନଷ୍ଟାର କ୍ରିକେଟ କ୍ଲବ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶକରିଛି। ଟସଜିତି ପ୍ରଥମେ ବ୍ୟାଟିଂର ନିଷ୍ପତି ନେଇଥିବା ଇଲେଭେନ ଷ୍ଟାର ଦଳ ନିର୍ଦ୍ଧାରିତ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ପଞ୍ଚୁପାଣ୍ଡବ ଦଳ ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୧୯୦ରନ ସଂଗ୍ରହ କରି ବିଜୟବ୍ୟବଧାନ ଠାରୁ ୧୫ରନ ପଛରେ ପଡ଼ିଯାଇଥିଲା। ଓଡ଼ିଶା କ୍ରିକେଟ ଆସୋସିଏସନ ଅନୁବନ୍ଧିତ ଅମ୍ପାୟାର ପ୍ଲାବନ କୁମାର ସ୍ୱାଇଁ ଓ ବିଶ୍ୱଜିତ ଅଧିକାରୀ ଆଜିର ଖେଳ ପରିଚାଳନା କରିଥିଲେ। ପରେ ଟୁର୍ଣ୍ଣାମେଣ୍ଟ ଆୟୋଜକ କ୍ଲବର କର୍ମକର୍ତ୍ତା ସାହାଜାହାନ ଖାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପାଟକୁରା ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁରର ଇଲେଭେନ ଷ୍ଟାରର ସଫଳ ଅଲରାଉଣ୍ଡର ଶିବସୁନ୍ଦର ଦାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ବରେଣ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସମ୍ପାଦିକା ତଥା ବରିଷ୍ଠ ନାରୀନେତ୍ରୀ ମନିଷା ପଣ୍ଡା ଯୋଗଦେଇ ଆଜି ଖେଳାଯାଇଥିବା ପ୍ରଥମ ସେମି ଫାଇନାଲ ଖେଳର ଶୁଭାରମ୍ଭ କରିଥିଲେ।ଆଜିର ଖେଳରେ ଓଡ଼ିଶା କ୍ରିକେଟ ଆସୋସିଏସନ ଅନୁବନ୍ଧିତ ଚିରଞ୍ଜିବୀ ବଳ ସ୍କୋରର ଦାୟିତ୍ୱ ନିର୍ବାହ କରିଥିବା ବେଳେ ଶ୍ରୀକାନ୍ତ ମହାରାଣା ଭାଷ୍ୟକାର ଦାୟିତ୍ୱ ବହନ କରିଥିଲେ। ପରିଚାଳନାରେ ଡେରାବିଶ କ୍ରିକେଟ କ୍ଲବର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗକରିଥିଲେ।



## ଆଜି ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପର ଶିଳାନ୍ୟାସ

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବ୍ୟାପକ ପ୍ରସ୍ତୁତି





ପାରାଦୀପ,୧୫ ।୨ (ସମିସ)

ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି । ଢ଼ିଙ୍କିଆ ଚାରିଦେଶ ରୁ ଦକ୍ଷିଣ କୋରିଆ କମ୍ପାନୀ ପୋସ୍କୋ ଚାଲିଯିବା ପରେ ଜିନ୍ଦଲ ପ୍ରକଳ୍ପକୁ ନେଇ ଲାଗିରହିଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିବା ସହିତ ପାରାଦୀପରେ ଷ୍ଟିଲ ପ୍ଲାଣ୍ଟ ସ୍ୱପ୍ନ ସାକାର ହେବାକୁ ଯାଉଛି। ଆସନ୍ତା କାଲି ଜେଏସଡବ୍ଲ୍ୟୁ ପ୍ରକଳ୍ପର ଭିତ୍ତିପ୍ରସ୍ତର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିପାଇଁ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ପ୍ରକାଶ ପାଇଛି। ଜଗତସିଂହପୁର ଏସପି, ପାରାଦୀପ ଡିଏସପି ଓ ପାରାଦ୍ୱୀପର ସମସ୍ତ ଆଇଆଇସି ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିବା ସହିତ ବିଭିନ୍ନ ଦିଗକୁ ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମରେ ପାଖାପାଖି ୩୦ ହଜାର ଲୋକଙ୍କ ସମାଗମ ହେବାର ଅନୁମାନ କରାଯାଉଛି। ଏଥିପାଇଁ ସଭାସ୍ଥଳରେ ସମସ୍ତ ବ୍ୟବସ୍ଥା କରାଯାଇଛି। ସୁରକ୍ଷା ପାଇଁ ୩୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବା ସହିତ ୧୨୫ ଜଣ ଡିଏସପି, ଏଏସପି, ଆଇଆଇସି ଓ ଏସ ଆଇ ର୍‍ୟାଙ୍କର ଅଫିସର ନିୟୋଜିତ ହେବେ। ହେଲିପ୍ୟାଡ ଓ ଷ୍ଟେଜ ତିଆରି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜଗତସିଂହପୁରର ଏରସମା ବ୍ଲକ ଢିଙ୍କିଆ ଚାରିଦେଶରେ ବାର୍ଷିକ ୧୩.୨ ମିଲିୟନ ଟନ ବିଶିଷ୍ଟ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବ ଜେଏସଡବ୍ଲ୍ୟୁ। ଏଥିପାଇଁ ୨୯୫୦.୫୧ ଏକର ଜମି ଅଧିଗ୍ରହଣ ସରିଥିବା ବେଳେ, ପରିବେଶ ମଞ୍ଜୁରୀ ମଧ୍ୟ ମିଳିସାରିଛି। ଏଥିରେ ୨୬୭୭.୮୦ ଏକର ଜଙ୍ଗଲ ଜମି ଥିବାବେଳେ ୨୭୨.୫୧ ଏକର ଜମି ରହିଛି ସ୍ଥାନୀୟ ଲୋକଙ୍କର। ଏହି ପ୍ରକଳ୍ପ ପାଇଁ ଜେଏସଡବ୍ଲ୍ୟୁ ପକ୍ଷରୁ ୬୫ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ , ଯାହା ସ୍ଥାନୀୟ ଲୋକଙ୍କ ଆଶା ଓ ଅଭିଳାଷ ପୂରଣ କରିବ ବୋଲି ସ୍ଥାନୀୟ ବହୁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ମାହୋଲ ଖେଳିଯାଇଛି।

## ● ପାରାଦୀପ ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ ନିର୍ବାଚନ

# ପ୍ରାର୍ଥିପତ୍ର ଦାଖଲକଲେ ଦୁଇଟି ପ୍ୟାନେଲର କର୍ମକର୍ତ୍ତା



ପାରାଦୀପ,୧୫ ।୨(ସମିସ): ଫେବୃଆରୀ ୨୫ରେ ହେବ ପାରାଦୀପ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ।ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇ ସାରିଥିବା ବେଳେ ଆଜି ଥିଲା ପ୍ରାର୍ଥୀପତ୍ର ଦାଖଲ ।ପ୍ରାର୍ଥୀପତ୍ର ଦାଖଲ ନେଇ ବହୁ ଛକା ପଞ୍ଝା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ତାର ଆଜି ପୂର୍ଣ୍ଣଚ୍ଛେଦ ପଡିଛି ।ଏଥର ଗୋଟିଏ ପ୍ୟାନେଲ ପକ୍ଷରୁ ସଭାପତି ଭାବେ ରାକେଶ ଜେନା ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ବିଜୟ ପରିଡା, ଉପସଭାପତି ଭାବେ ସରୋଜ ମହାପାତ୍ର ଓ ସମ୍ପାଦକ ଭାବେ ବିଶ୍ୱ ରଞ୍ଜନ ପଲାଇ, ସହ ସମ୍ପାଦକ ଭାବେ ସୁଧୀର ଜେନା ଓ କୋଷାଧ୍ୟକ୍ଷ ଭାବେ ମାନସ ପାତ୍ର ପାର୍ଥିପତ୍ର ଦାଖଲ କରିଛନ୍ତି ।ଅପରପକ୍ଷରେ ଅନ୍ୟ ପ୍ୟାନେଲର ସଭାପତି ଭାବେ ଛଇଳ ଚନ୍ଦ୍ର ଜେନା, କାର୍ଯ୍ୟକାରୀ ସଭାପତି ଭାବେ ଗୌତମ ନାୟକ, ଉପ ସଭାପତି ଭାବେ ପ୍ରକାଶ ଜେନା, ସମ୍ପାଦକ ଭାବେ ମନୋଜ ସ୍ୱାଇଁ, ସହ ସମ୍ପାଦକ ଭାବେ ସୁନାକର ମହାନ୍ତି ଓ କୋଷାଧ୍ୟକ୍ଷ ଭାବେ ମନୋଜ ବିଶ୍ୱାଳ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।ଏଭଳି ପ୍ରାର୍ଥୀତ୍ୱକୁ ନେଇ ଏଥର ନିର୍ବାଚନ ଏକ ପ୍ରକାର ଗୋଳିଆ ପରିସ୍ଥିତି ସୃଷ୍ଟି ହେବ ବୋଲି ଅନୁମାନ କରାଯାଉଛି। କେତେକ ପୁରୁଣା କର୍ମକର୍ତ୍ତା ଏଥର ସ୍ଥାନ ପାଇ ଥିବାରୁ ନିର୍ବାଚନ ରୋଚକ ମୋଡ଼ ନେବ ବୋଲି ଅନୁମାନ କରାଯାଉଛି।

# ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ରାଜନଗର,୧୫।୨(ସମିସ):** ରାଜନଗର ବ୍ଲକ ତାଳଚୁଆସ୍ଥିତ ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ କ୍ରୀଡା ଉତ୍ସବକୁ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ ଉଦ୍‌ଘାଟନ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ଗଣଦୌଡ, ବେଲୁନ ଦୌଡ, ଆଳୁ ଚାମଚ, ମ୍ୟୁଜିକ ଚେୟାର ଆଦି ବିଭାଗରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ୫୦ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସୁନାମଣି ମଣ୍ଡଳ, ଗୀତାଞ୍ଜଳୀ ମହଣ, ସୁକେନ୍ଦୁ ସାହୁ, ଅପର୍ଣ୍ଣା କୁଣ୍ଡ, ବୁଲିରାଣୀ ପ୍ରମୁଖ ପରିଚାଳନା କରିଥିବା ବେଳେ ସମସ୍ତ ଅଭିଭାବକ ସହଯୋଗ କରିଥିଲେ।

# ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ

**ରାଜନଗର,୧୫ ।୨(ସମିସ):** ରାଜନଗର ବ୍ଲକ ସଦରମହକୁମାସ୍ଥିତ ଶ୍ରୀ ଦଧିବାମନଜୀଉ ମନ୍ଦିର ପରିସରରେ ରାଜନଗର ପଞ୍ଚାୟତ ପକ୍ଷରୁ ‘ଆମ ଓଡିଶା ନବୀନ ଓଡିଶା’ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ରଙ୍କ ସଭାପତିତ୍ୱ ଓ ଯୁବ ସମାଜସେବୀ ପବିତ୍ର ମୋହନ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, କବି ଅଭିରାମ ସାହୁ, ବ୍ଲକ ବିଜୁ ଜନତା ଦଳ ସଭାପତି ନିରଞ୍ଜନ ରାଉତ, ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ମନୋଜ କୁମାର ନାୟକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖ୍ୟ କାର୍ଯ୍ୟକ୍ରମ ସଂପର୍କରେ ବକ୍ତବ୍ୟ ରଖିବା ସହ ରାଜନଗର ପଞ୍ଚାୟତରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁରେନ୍ଦ୍ର କୁମାର ମହାପାତ୍ର, ପ୍ରଭାତ ଚନ୍ଦ୍ର ମିଶ୍ର, ରତ୍ନପ୍ରଭା ସାହୁ, ନିରୁପମା ଦାସ, ବିଶିଷ୍ଟ ଶିକ୍ଷାବିତ୍ ଭାବେ ବନମାଳି ମିଶ୍ର, ବୈକୁଣ୍ଠ ବିହାରୀ ନାୟକ, ଅଭିରାମ ପତି, ରବି ନାରାୟଣ ମିଶ୍ର, କନକଲତା ମିଶ୍ର, ଅଶ୍ୱିନୀ ମିଶ୍ର, ବରିଷ୍ଠ ନାଗରିକ ଭାବେ କୃଷ୍ଣଚନ୍ଦ୍ର ବଳ, କାଙ୍ଗାଳି ଚରଣ ସାହୁ, ନୀଳମଣି ସାହୁ, ଜୟୀରାମ ସେଠୀ, ଶ୍ରେଷ୍ଠ କୃଷକ ଭାବେ ପର୍ଶୁରାମ ଦାସ, ଅକ୍ଷୟ ମଲିକ, କାଙ୍ଗାଳି ପ୍ରଧାନ, ପ୍ରଫୁଲ୍ଲ ଦାସ, ଖଗେଶ୍ୱର ସେଠୀ, ଯୁବ ସମାଜସେବୀ ଭାବେ ଅଧ୍ୟାପକ ସଞ୍ଜୟ କୁମାର ବାଗ, ସାହିତ୍ୟିକ ଭାବେ କବି ଅଭିରାମ ସାହୁ, କବି ରତ୍ନାକର ନାୟକ, କବି ଭାବନୀ ପ୍ରସାଦ ମହାପାତ୍ର, ଆଇନଜିବୀ ଭାବେ ମହେଶ୍ୱର ସେଠୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମାନସୀ ସ୍ୱାଇଁ, ପ୍ରଭାତୀ ସାହୁ, ସୁଜାତା ସେଠୀ, ଭାରତୀ ସାମଲ, ସରସ୍ୱତୀ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଭଲ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ନାଏବ ସରପଞ୍ଚ ବାଇଧର ସେଠୀ, ଜିଆରଏସ ଇତିଶ୍ରୀ ମିଶ୍ର, ଉମେଶ ଚନ୍ଦ୍ର ଦାସ, ପର୍ଶୁରାମ ଦାସ, ଭିକାରୀ ବଳ, ନିତ୍ୟାନନ୍ଦ ସେଠୀ, ଛଇଳା ସେଠୀ, ବାସୁଦେବ ସାହୁ, ପଞ୍ଚାନନ ବାରିକ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଇଶ୍ୱରପୁର ପଞ୍ଚାୟତରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁରେଖା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ଶିବିରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ସମିତିସଭ୍ୟା ଶଶିକଳା ବେହେରା, କନିଷ୍ଠଯନ୍ତ୍ରୀ ପ୍ରଭାତ ଚନ୍ଦ୍ର ମାଝି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହୀତକର ଯୋଜନା ସଂପର୍କରେ ଲୋକମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଶୁଭ୍ରକାନ୍ତ ଭ୍ରମରରାୟ ପରିଚାଳନା କରିଥିବା ବେଳେ ଯୁବନେତା ମୋହନ ଚନ୍ଦ୍ର ବିଶ୍ୱାଳ, ଜିତେନ୍ଦ୍ର ବିଶ୍ୱାଳ, ରାଜେନ୍ଦ୍ର ବିଶ୍ୱାଳ, ନରହରି ବେହେରା, ରାଜୀବ ପାଲ, ନିର୍ମାଲ୍ୟ ମାନ୍ନା, ମାନସ ମଣ୍ଡଳ, ହୃଷିକେଶ ପ୍ରଧାନ, ରଘୁନାଥ ପ୍ରଧାନ, ସୋମନାଥ ସେଠୀ, ବାସୁଦେବ ବାରିକ, ଜଗନ୍ନାଥ ବେହେରା, ସୁବାସ ସାମଲଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ ସଭ୍ୟାମାନେ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଧାନ ଚନ୍ଦ୍ର କବି, ବିଶ୍ୱନାଥ କବି, ରାଜେନ୍ଦ୍ର ଭ୍ରମରରାୟ, ଲକ୍ଷ୍ମୀଧର ପଲାଇ, ଲକ୍ଷ୍ମୀଧର ଲେଙ୍କା (ମରଣୋତର) ନିରଞ୍ଜନ ବାରିକ, ଶରତ ଦାସ, ବୈକୁଣ୍ଠ ବାରିକ, ରଘୁନାଥ ପ୍ରଧାନ, ମନି ଭୂୟାଁ, କୁଳମଣି ନାୟକ, ସୁବାସ ଦାସ, ବିରେନ ପାଲ, ଭରତ ଚନ୍ଦ୍ ଘଡାଇ, ଦୟାନିଧି ମହାକୁଡ, ମୌସୁମୀ ସାମଲ, ଜ୍ୟୋତି ରଞ୍ଜନ ବିଶ୍ୱାଳ, କମଳାକାନ୍ତ ରାଉଳ, ମାନସ ପ୍ରଧାନ, ଭାରତୀ ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।






# ଶିଶୁ ମନ୍ଦିରରେ ପୂର୍ବତନ ଛାତ୍ର ପରିଷଦ ବୈଠକ

**ତିର୍ତ୍ତୋଲ, ୧୫।୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଛତ୍ରମଠସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଶିକ୍ଷାବିକାଶ ସମିତି ଯୋଜନା ଅନୁଯାୟୀ ପୂର୍ବଛାତ୍ର ପରିଷଦର ବୈଠକ ପରିଚାଳନା ସମିତି ସଭାପତି ଧୂନଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିକବି ସାରଳାଦାସ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ.ଅଶୋକ କୁମାର ରାଉତ, ସିଆରସିସି ସ୍ମିତିରଞ୍ଜନ ନାୟକ, ରାହାମା ସଂକୁଳ ପ୍ରମୁଖ ଅମରଜ୍ୟୋତି ସାହୁ, ଉପସଭାପତି ଅଲେଖ ଚରଣ ସେଠୀ, ପୁରାତନ ଛାତ୍ର ପରିଷଦର ତ୍ରିଲୋଚନ ଓ ପ୍ରଜ୍ଞାପରିମିତା ନାୟକ ପ୍ରମୁଖ ବକ୍ତବ୍ୟ ରଖି ପୁରାତନ ବିଦ୍ୟାର୍ଥୀମାନଙ୍କର ବିଦ୍ୟାଳୟର ଉନ୍ନତିରେ ପ୍ରମୁଖ ଭୂମିକା ରହିଛି ବୋଲି ମତଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୁରୁମା କମଳିନୀ ଶତପଥି, ସରୋଜିନୀ ରାଉତ, ମଞ୍ଜୁଶ୍ରୀ ବେହେରା, ସାବିତ୍ରୀ ମହଲା, ଗୁରୁଜୀ ଶିବପ୍ରସାଦ ନନ୍ଦ ଓ ଅଶୋକ ସିଂ ସହଯୋଗ କରିଥିଲେ। ସୁପ୍ରଭା ନାୟକ ସଭାକାର୍ଯ୍ୟ ସଂଯୋଜନା କରିଥିବାବେଳେ ଯୁଗ୍ମସମ୍ପାଦକ ବିଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଶେଷରେ ଦେବସ୍ମିତା ରାଉତଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ପାରାଦୀପ, ୧୫ ।୨ (ସମିସ) :** ଭୁତମୁଣ୍ଡାଇ ନିକଟସ୍ଥ ଜଗତିରେ ଥିବା ଏ ୱାନ କୋଚିଂ ସେଣ୍ଟରରେ ‘ସଡ଼କ ସୁରକ୍ଷା ଜୀବନ ରକ୍ଷା ଓ ଆମ ଜୀବନ ଆମ ହାତରେ’ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୋଚିଂ ସେଣ୍ଟରର ସମସ୍ତ ଛାତ୍ରଛାତ୍ରୀଙ୍କୁ କିଭଳି ଭାବେ ଗାଡିଚଲାଇବା, ହେଲମେଟ ପିନ୍ଧିବା, ଯାତାୟତ ସମୟରେ ଅନ୍ୟମନସ୍କ ନହେବା, ନିଶା ସେବନ ନକରିବା ପାଇଁ ପରାମର୍ଶ ଦେଇଥିଲେ ଯୁବସମାଜସେବୀ ତଥା ଦେବଦୂତ ସଡକ ସୁରକ୍ଷା ବାହିନୀର ସଭାପତି ପଙ୍କଜ କୁମାର ତରାଇ। ଏହି ସଚେତନତା କୁ ଜୀବନରେ କେବେ ଅଣଦେଖା ନକରିବା ପାଇଁ ଛାତ୍ରଛାତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏଭଳି ଏକ ଜନକଲ୍ୟାଣକାରୀ ସଚେତନତା କାର୍ଯ୍ୟକ୍ରମ ଜଗସିଂହପୁର ଜିଲ୍ଲାର ସମସ୍ତ ସ୍ଥାନରେ କରାଯିବ ବୋଲି ପଙ୍କଜ ତରାଇ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୋଚିଂ ସେଣ୍ଟରର ଶିକ୍ଷକ ବାବୁ ସାର, ନୀଳମଣି ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ଏଭଳି ସଚେତନତା କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଅପରପକ୍ଷରେ ଜଗସିଂହପୁର ଜିଲ୍ଲାର ଆରଟିଓ ମଧ୍ୟ ଭିଡିଓ କଲରେ ସଚେତନତା କରିଥିଲେ।

# ପ୍ରକାଶ ଚନ୍ଦ୍ର ଦଳାଇଙ୍କୁ ବିଜୁ ଛାତ୍ର ରାଜ୍ୟ ସମ୍ପାଦକ ଦାୟିତ୍ୱ



**ବାଲିକୁଦା,୧୫।୨(ସମିସ):** ବାଲିକୁଦା -ଏରସମା ଛାତ୍ର ନେତା ଶ୍ରୀ ପ୍ରକାଶ ଚନ୍ଦ୍ର ଦଳାଇଙ୍କୁ ଆଜି ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଏ ସମ୍ପର୍କରେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ପ୍ରକାଶ ଦଳାଇ ଆଗରୁ ବାଲିକୁଦା ମହାବିଦ୍ୟାଳୟର ସଭାପତି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସଭାପତି ପ୍ରାର୍ଥୀ, ବାଲିକୁଦା - ଏରସମା ନିର୍ବାଚନମଣ୍ଡଳୀ ସଭାପତି ଓ ବୈଷୟିକ ଛାତ୍ର ସଂଗଠନର ରାଜ୍ୟ କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟ ସୁଚାରରୂପେ ତଲାଇଛନ୍ତି। ଏହି ଦାୟିତ୍ୱ ପାଇବା ପରେ ଶ୍ରୀ ଦଳାଇ ବିଜୁ ଜନତା ଦଳର ନେତା ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜୁ ଜନତା ଦଳ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରବଣ ପ୍ରକାଶ ଦାସ, ବାଲିକୁଦା-ଏରସମା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଜିଲ୍ଲା ପର୍ଯ୍ୟବେକ୍ଷକ ଅରୁଣ କୁମାର ସାହୁ, ରାଜ୍ୟ ଛାତ୍ର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ, ରାଜ୍ୟ ଛାତ୍ର କାର୍ଯ୍ୟକାରୀ ସଭାପତି ରାଜେଶରାଜ ସ୍ୱାଇଁ ଏବଂ ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଶତାୟୁଙ୍କ ପରଲୋକ

**ରାଜନଗର,,୧୫।୨(ସମିସ):** ରାଜନଗର ବ୍ଲକ କେରେଡାଗଡ ଗ୍ରାମର ପୁରସ୍ତମ ଗୋଛାୟତଙ୍କର ୧୦୨ ବର୍ଷରେ ପରଲୋକ ହୋଇଯାଇଛି। ସେ କେରେଡାଗଡ ଶ୍ରୀ ଜଗନ୍ନାଥ ମନ୍ଦିରର ସେବକ ଥିଲେ। ସେ ମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମରେ ମହୁରୀ ବଜାଇଥାନ୍ତି। ସେ କନିକା ରାଜ ଦରବାରରେ ମହୁରୀ ବଜାଇ ପୁରସ୍କୃତ ହୋଇଥିଲେ। ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ସମସ୍ତଙ୍କ ନିକଟରେ ଆଦରଣୀୟ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ସରପଞ୍ଚ ତାପସ କୁମାର ସାହୁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଅଲ ଓଡିଶା ଦଳିତ କଲ୍ୟାଣ ପରିଷଦର କେନ୍ଦ୍ରାପଡା ଜିଲ୍ଲା ସଭାପତି ରାଜକିଶୋର ମୁଦୁଲି, ଗ୍ରାମର ମୁରବୀ ବାସନ ଚରଣ ନାୟକ, ରଞ୍ଜନ ମାହାରୀ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଗାଁ ମଶାଣିରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଏକମାତ୍ର ପୁତ୍ର ରତ୍ନାକର ମୁଖାଗ୍ନି ଦେଇଥିଲେ।

# ମା ଜାଗୁଲାଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ଅସାରେଣା ଚାମ୍ପିଅନ



**ତିର୍ତ୍ତୋଲ, ୧୫।୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ଅଲଣା ଗ୍ରାମ ପଡିଆରେ ଅନୁଷ୍ଠିତ ମା ଜାଗୁଲାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଅସାରେଣା ଟିମ ଚର୍ଚ୍ଚିକା ଟିମକୁ ହରାଇ ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟାପକ ରବୀନ୍ଦ୍ର କୁମାର ଲେଙ୍କା ଓ ସମ୍ମାନିତ ଅତିଥି ସମାଜସେବୀ ପ୍ରଶାନ୍ତ କୁମାର ପଣ୍ଡା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ପୁରସ୍କାର ବିତରଣ ଉତ୍ସବରେ ଅତିଥି ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ଦାସ ଓ ସମାଜସେବୀ ପ୍ରଦ୍ୟୁମ୍ନ ରଥ ଯୋଗଦେଇ ଅର୍ଥରାଶି ସହ ବିଜେତା ଦଳ ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ନାରାୟଣ ପଲାଇ ଓ ବିଶ୍ୱଜିତ କୁଅଁର ଖେଳ ପରିଚାଳନା କରିଥିଲେ। ମା ଜାଗୁଲାଇ କ୍ରିକେଟ କ୍ଲବର ସଦସ୍ୟ ମାନେ ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ।

## ଅମର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଯାଜପୁରକୁ ହରାଇ ଫାଇନାଲରେ ଡାଇମଣ୍ଡ



**ପାରାଦୀପ,୧୫ ।୨(ସମିସ):** ପ୍ରଥମ ବାର୍ଷିକ ଅମର ସ୍ମାରକୀ କ୍ରିକେଟ୍ କ୍ଲବ ବାବା ବନବିହାରୀ ଯୁବକ ସଂଘ ସିଜୁ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି ।ପ୍ରଥମ ଟସ୍ ଜିତି ଯାଜପୁର ଅପର ପକ୍ଷଡାଇମଣ୍ଡ କ୍ରିକେଟ ଟିମ୍ ପାରାଦୀପକୁ ବ୍ୟାଟିଂ ନିମନ୍ତ୍ରଣ ଦେଇଥିଲା। ଡାଇମଣ୍ଡ ପାରାଦୀପ ୨୦ ଓଭରରେ ୬ ୱିକେଟ ହରାଇ ୨୨୦ ରନ କରିଥିବା ବେଳେ ତାର ଜବାବରେ ଯାଜପୁର ୭ ୱିକେଟ ୧୯୦ ରନ୍ କରିଥିଲା। ଡାଇମଣ୍ଡ ପାରାଦୀପ ଟିମ୍ ର ଗୌତମ କୁମାର ୭୬ ରନ୍ କରିଥିବା ବଳେ ପ୍ରମୋଦ ବେହେରା ୫୮ ରନ୍ ଓ ୪ ୱିକେଟ ନେଇଥିଲେ ସେମିଫାଇନାଲ ମ୍ୟାଚ ରେ ଡାଇମଣ୍ଡ ପାରାଦୀପ କ୍ରିକେଟ ଟିମ୍‌ର ପ୍ରମୋଦ ବେହେରାଙ୍କୁ ମ୍ୟାନ୍ ଅଫ ଦ ମ୍ୟାଚ୍ ବିବେଚିତ ହୋଇଥିଲେ ।ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ କୋଠି ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀଧର ସାହୁ ଓ ସମାଜସେବୀ ମନୋଜ କୁମାର ମହାନ୍ତି ଉପସ୍ଥିତ ଥିଲେ ।ଏହି ମ୍ୟାଚ ରେ ଧାରା ବିବରଣୀ କରିଥିଲେ ଲକ୍ଷ୍ମୀକାନ୍ତ ଦାଶ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ମନୋରଞ୍ଜନ ତରାଇ ସୁରେଶ ଲେଙ୍କା, ସେଖର ତରାଇ, ପ୍ରସାନ୍ତ ନାୟକ, ମନୋଜ ତରାଇ, ନିଖିଳ କୁମାର ତରାଇ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## କୋମାରେ ଶିଶୁ ସୁରକ୍ଷା ବିଭାଗ

# ଜିଲ୍ଲାରେ ବୃଦ୍ଧି ପାଉଛି ବାଲ୍ୟ ବିବାହ

ଜଗତସିଂହପୁର,୧୫ ।୨(ସମିସ)

ବାଲ୍ୟ ବିବାହକୁ ବେଆଇନ ବୋଲି ଘୋଷଣା କରାଯିବା ସହିତ ଏଥିପାଇଁ ଆଇନରେ ଦଣ୍ଡବିଧି ବ୍ୟବସ୍ଥା ରହିଛି। ମାତ୍ର ଏହାକୁ ଭ୍ରୂକ୍ଷେପ ନକରି ଜିଲ୍ଲାର ବିଭିନ୍ନ ବ୍ଲକର ଉଣା ଅଧିକେ ବାଲ୍ୟ ବିବାହ ଚାଲିଥିବା ସୂଚନା ମିଳିଛି। ଗତ ବର୍ଷ କେବଳ ଗୋଟିଏ ବାଲ୍ୟ ବିବାହ ଘଟଣାରେ ଶିଶୁ ସୁରକ୍ଷା ବିଭାଗ ପଦକ୍ଷେପ ଗ୍ରହଣ କରିଥିଲା। ମାତ୍ର ସେଦିନରୁ ଆଜି ପର୍ଯ୍ୟନ୍ତ ଜିଲ୍ଲାରେ ଘଟୁଥିବା ଅଧିକାଂଶ ବାଲ୍ୟ ବିବାହ ଘଟଣାରେ ଶିଶୁସୁରକ୍ଷା ବିଭାଗର ନିରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜିଲ୍ଲାରେ ନାବାଳିକାଙ୍କ ବିବାହ ଖୋଲାମେଲା ଚାଲୁଥିବା ବେଳେ ଏହାକୁ ରୋକିବାକୁ ପ୍ରଶାସନ ନିକଟରେ ଆନ୍ତରିକତା ନଥିବା ଅଭିଯୋଗ ହେଉଛି। ଜିଲ୍ଲାର ଏରସମା, ବାଲିକୁଦା, କୁଜଙ୍ଗ, ନାଉଗାଁ ପ୍ରଭୃତି ଅଞ୍ଚଳରେ ବହୁ ବାଲ୍ୟ ବିବାହ ଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ ଏହା ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇ ପାରିନଥିବା ଅଭିଯୋଗ ହେଉଛି।

ଜିଲ୍ଲାରେ ବାଲ୍ୟ ବିବାହ ରୋକିବାରେ ଏକମାତ୍ର ଚାଇଲ୍ଡ ଲାଇନର ପ୍ରମୁଖ ଭୂମିକା ଗ୍ରହଣ କରି ଆସିଥିଲା। ବାଲ୍ୟ ବିବାହ ରୋକିବାକୁ ଚାଇଲ୍ଡ ଲାଇନକୁ ଶିଶୁସୁରକ୍ଷା ବିଭାଗ, ପୁଲିସ, ସ୍ଥାନୀୟ ଜନ ପ୍ରତିନିଧି ଓ ଅଙ୍ଗନବାଡି କର୍ମୀ ସହଯୋଗ କରୁଥିଲେ। ତେବେ ଚାଇଲ୍ଡ ଲାଇନର କାର୍ଯ୍ୟକାଳ ପୁରିଯିବା ପରେ ଜନସଂପର୍କ ଅଭାବରୁ ବାଲ୍ୟ ବିବାହ ସଂପର୍କୀତ ଖବର ଶିଶୁ ସୁରକ୍ଷା ବିଭାଗ ନିକଟରେ ପହଞ୍ଚିପାରୁନାହିଁ। ଏଦିଗରେ ଜିଲ୍ଲା ଶିଶୁ ସୁରକ୍ଷା ଶାଖା କିମ୍ବା ଶିଶୁମଙ୍ଗଳ ସମିତିର କୋ÷ଣସି ଉଦ୍ୟମ ନଥିବା ଜଣାପଡିଛି। ଏପରିକି ଏକବର୍ଷ ପୂର୍ବରୁ ପ୍ରତିବର୍ଷ ପ୍ରାୟ ଚାରି ପାଞ୍ଚୋଟି ବାଲ୍ୟ ବିବାହ ସଫଳତାର ସହିତ ରୋକାଯାଇ ପାରୁଥିବା ସମୟରେ ଚାଇଲ୍ଡଲାଇନର କାର୍ଯ୍ୟକାଳ ପୁରିବା ପରେ ଏଦିଗରେ ଶିଶୁସୁରକ୍ଷା ବିଭାଗର ଆଗ୍ରହ ନଥିବା ଅଭିଯୋଗ ହେଉଛି। ୨୦୨୦ରେ ଏକ ଜାତୀୟ ସ୍ତରର ବେସରକାରୀ ସଂଗଠନ କରିଥିବା ସର୍ଭେ ଅନୁସାରେ ଏରସମା ବ୍ଲକ ଅଞ୍ଚଳରେ ବର୍ଷକୁ ୧୨ରୁ ୧୫ ବର୍ଷ ବୟସ ମଧ୍ୟରେ ୭ରୁ ୯ଟି ବିବାହ ହେଉଥିବା ବେଳେ , ୧୫ରୁ ୧୭ ବର୍ଷ ବୟସ ମଧ୍ୟରେ ୧୧ରୁ ୧୪ଟି ବାଳିକା ବିବାହ ହେଉଛି। ସେହିପରି କୁଜଙ୍ଗ ତଥା ପାରାଦୀପ ଅଞ୍ଚଳରେ ୧୨ରୁ ୧୫ ବର୍ଷ ବୟସ ମଧ୍ୟରେ ୭ରୁ ୧୨ଟି ବିବାହ ହେଉଥିବା ବେଳେ, ୧୫ରୁ ୧୭ ବର୍ଷ ବୟସ ମଧ୍ୟରେ ୮ରୁ ୧୦ଟି ବିବାହ ପ୍ରତିବର୍ଷ ହେଉଥିବା ଏହି ତଥ୍ୟରେ ଉଲ୍ଲେଖ କରାଯାଇଥିଲା । ସାଧାରଣତଃ ଅଶିକ୍ଷା , ଦାରିଦ୍ର୍ୟ, ଦଲାଲଙ୍କ କୁମନ୍ତ୍ରଣା ଓ ବୟସ ବଢିଲେ ଝିଅମାନେ ଅସୁନ୍ଦର ହେବାର ଭୟ କାରଣରୁ ଏହି ବାଲ୍ୟ ବିବାହ ହେଉଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଜିଲ୍ଲାର ଏରସମା ବ୍ଲକର ବଙ୍ଗଭାଷୀ ଓ ଅନୁସୁଚିତ ଜାତୀର ଲୋକ ବସବାସ କରୁଥିବା ଅଞ୍ଚଳରେ ସ୍କୁଲରେ ପଢୁଥିବା ବାଳିକା ବିବାହ ବେଦିରେ ବସୁଥିବା ବେଳେ, ରଘୁନାଥପୁର , ବିରିଡି ଓ ତିର୍ତ୍ତୋଲ ବ୍ଲକରେ ମଧ୍ୟ ନାବାଳିକା ବିବାହର ଖବର କେବେ କେବେ ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ପୁଲିସ ନିକଟରେ ଅଭିଯୋଗ ହେଉନଥିବା କାରଣରୁ ଉଭୟ ପକ୍ଷର ସହମତିରେ ବିବାହ ସମ୍ପନ୍ନ ହେଉିଥିବା ଜଣାପଡିଛି। ବିଭିନ୍ନ ବୈଠକରେ ବାଲ୍ୟ ବିବାହ ବିରୋଧରେ କଠୋର ଓ ସମୟୋଚିତ ପଦେକ୍ଷପ ନେବାକୁ ଜିଲ୍ଲାପାଳ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଉଥିଲେ ମଧ୍ୟ ଲୋକଙ୍କୁ ସଚେତନ କରିବାକୁ ଜିଲ୍ଲାର ପ୍ରଶାସନ ଓ ସ୍ୱଚ୍ଛାସେବୀ ସଂଗଠନ ବିଫଳ ହୋଇଥିବା ଅଭିଯୋଗ ହେଉଛି।

ଏକବର୍ଷ ତଳେ କୁଜଙ୍ଗ ଥାନା ଅଞ୍ଚଳରେ ବାଲ୍ୟ ବିବାହ କରିଥିବା ଜଣେ ନାବାଳିକାକୁ ତାର ସ୍ୱାମୀ ଘରୁ ଉଦ୍ଧାର କରାଯାଇଥିଲା। ସେହିପରି ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଯଶୋବନ୍ତପୁର ଅଞ୍ଚଳର ଜଣେ ନାବାଳିକାର ବିବାହକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିବାପରେ ତାକୁ ଶାଶୁ ଘରୁ ଉଦ୍ଧାର କରାଯାଇଥିଲା। ସେହିପରି ଜୈନିକ ବ୍ୟକ୍ତି ନିଜର ୧୪ ବର୍ଷର ନାବାଳିକା ଝିଅକୁ ଚାରିପୋଲିଆ ଅଞ୍ଚଳର ଜଣେ ୨୫ବର୍ଷୀୟ ଯୁବକଙ୍କ ସହିତ ବିବାହ କରାଇଥିଲେ । ପ୍ରଶାସନ ବିବାହ କରିଥିବା ନାବାଳିକାଙ୍କୁ ସେତେବେଳେ ଉଦ୍ଧାର କରିଥିଲା। ମାତ୍ର ଜଗତସିଂହପୁର ସାଁପୁର ଗ୍ରାମରେ ଜନୈକ ସଂଖ୍ୟାଲଘୁ ବ୍ୟକ୍ତିଙ୍କ ନାବାଳିକା ଝିଅର ବିବାହ ପାଇଁ ପ୍ରସ୍ତୁତିଚାଲିଥିବା ସମୟରେ ଖବରପାଇ ମଧ୍ୟ ଶିଶୁ ସୁରକ୍ଷା ବିଭାଗ ନାବାଳିକାଙ୍କଘରେ ନ ପହଞ୍ଚିବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଥିଲା। ତେବେ ଆକ୍ସନ ଏଡ ପକ୍ଷରୁ ନିଯୁକ୍ତ ବାଲ୍ୟ ବିବାହ ନିରୋଧ ଅଧିକାରୀ ସମ୍ପୃକ୍ତ ନାବାଳିକା ପରିବାରକୁ ଡକାଇ ଲିଖିତ ଅଣ୍ଡର ଟେକିଂ ନେବାପରେ ଏହି ବିବାହ ରୋକାଯାଇ ପରିଥିବା ସୂଚନା ମିଳିଛି। ବାଲ୍ୟ ବିବାହ ରୋକିବାକୁ ପ୍ରଶାସନ ଅଧିକ ଦକ୍ଷତାର ସହିତ କାର୍ଯ୍ୟକରିବାକୁ ସାଧାରଣରେ ଦାବି ହେଉଛି।

# ଟେଣ୍ଡର ପ୍ରକ୍ରିୟା ପରେ ବି ବିଳମ୍ବ ହେଉଛି କାମ

## ଗଞ୍ଜା -ସାତଘରିଆ ବଗି ବନ୍ଧ ରାସ୍ତା ଶୋଚନୀୟ ହେଲାଣି



**ରାଜକନିକା, ୧୫।୨(ସମିସ):** ଆଳି ତଟବନ୍ଧ ଅନ୍ତର୍ଗତ ରାଜକନିକା ବ୍ଲକ ଉପଖଣ୍ଡ ଗଞ୍ଜା-ସାତଘରିଆ ଗାଁ ବଗିବନ୍ଧ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ସ୍ଥାନୀୟ ଅଞ୍ଚଳର ଲୋକେ ଯାତାୟାତରେ ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି। ଏହି ରାସ୍ତା ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲେ ହେଁ କାମ ବିଳମ୍ବ ହେଉଛି। ଏହି ରାସ୍ତା କାମ କରାଯିବାକୁ ଲୋକେ ଦାବି କରିଛନ୍ତି।

ଗଞ୍ଜା-ସାତଘରିଆ ବଗିବନ୍ଧ ରାସ୍ତା ରାଜକନିକା ସହ ସିଧା ଯୋଡୁଥିବାବେଳେ ଏହା କମ୍ ଦୂରତା ହୋଇଥିବାରୁ ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଏବେ ରାସ୍ତା ସାରା ଗାଡ଼। ପିଚୁ ଉଠି ଯାଇ ଏଣେ ତେଣେ ବିକ୍ଷିପ୍ତ ଭାବେ ପଡ଼ିବା ସହିତ ସାମାନ୍ୟ ବର୍ଷାରେ ରାସ୍ତାଟି ବେହାଲ ହୋଇ ପଡ଼ିବା ଯୋଗୁଁ ଯାତାୟାତରେ ଭୀଷଣ ଅସୁବିଧା ହେଉଛି। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇ ଦୁଇମାସ ତଳେ ଏହି ରାସ୍ତାର ଟେଣ୍ଡର ପ୍ରକ୍ରିୟା ବି ସରିଯାଇଛି। ଏମିତିକି ଚୁକ୍ତିନାମା ବି ହୋଇଥିବା ନେଇ ସୂଚନା ମିଳିଛି। ତେବେ ଏଯାଏ ରାସ୍ତା କାମ ବିଳମ୍ବ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆଗାମୀ ସାଧାରଣ ନିର୍ବାଚନକୁ ଆଉ କେଇଟା ଦିନ ବାକି ଅଛି। ଯେକୌଣସି ସମୟରେ ନିର୍ବାଚିତ ତାରିଖ ଘୋଷଣା ପରେ ଆଚରଣବିଧି ଲାଗୁ ହୋଇଯିବ। ଏଥିପାଇଁ ଏହି ରାସ୍ତାକାମ ବି ଅଟକିଯିବା ଆଶଙ୍କା ପ୍ରକାଶ ପାଇଲାଣି। ଅପରପକ୍ଷେ ଦିନକୁ ଦିନ ରାସ୍ତା ଅବସ୍ଥା ଖରାପ ହେବା ସହିତ ଯାତାୟାତ ବେଳେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏଣୁ ବିଭାଗ ପକ୍ଷରୁ ତୁରନ୍ତ ଏହି ରାସ୍ତା କାମ ଆରମ୍ଭ କରିବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।

# ଶେଷହେଲା ତ୍ରିବେଣୀ ମେଳା ଓ ମହାଯଜ୍ଞ

**ଡେରାବିଶ, ୧୫।୨(ସମିସ):** ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ସ୍ଥିତ ପ୍ରସିଦ୍ଧ ଶୈବପୀଠ ଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ ଗତ ଶୁକ୍ରବାର ପବିତ୍ର ତ୍ରିବେଣୀ ଅମାବାସ୍ୟାରୁ ଆରମ୍ଭ ହୋଇଥିବା ତ୍ରିବେଣୀ ମେଳା ଓ ବିଶ୍ୱକଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ମଙ୍ଗଳବାର ବିଳମ୍ବିତ ରାତିରେ ଶେଷ ହୋଇଛି। ପାଞ୍ଚଦିନ ଧରି ଅନୁଷ୍ଠିତ ମେଳାଟି ବ୍ଲକ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଥିବା ବେଳେ ପ୍ରତ୍ୟେହ ସନ୍ଧ୍ୟାରେ ଦର୍ଶକଙ୍କ ଭିଡ଼ ଲାଗି ରହିଥିଲା। ବିଭିନ୍ନ ଘରକରଣା ସାମଗ୍ରୀର ଦୋକାନ ସାଙ୍ଗକୁ ଫାଷ୍ଟଫୁଡ୍ ଦୋକାନରେ ମହିଳାଙ୍କର ଭିଡ଼ ଅଧିକ ଥିବା ବେଳେ ମେଳାରେ ପ୍ରଦର୍ଶିତ ଅପେରାରେ ଭିଡ଼ ମଧ୍ୟ ଲାଗି ରହିଥିଲା। ସେହିପରି ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ଓ ବିଶିଷ୍ଟ ପ୍ରବଚକଙ୍କ ଦ୍ୱାରା ପ୍ରବଚନ ପରିବେଶକୁ ଭକ୍ତିମୟ କରିଥିଲା। ଆର୍ତ୍ତେଶ୍ୱରଙ୍କ ମନ୍ଦିର ବେଢ଼ାରେ ଅନୁଷ୍ଠିତ ମହାଯଜ୍ଞର ମଙ୍ଗଳବାର ରାତିରେ ପୂର୍ଣ୍ଣାହୁତି ସହ ଚରୁଅନ୍ନ ବିତରଣ କରାଯାଇଥିଲା। ଏହି ଅବସରରେ ରଘୁଦେଇପୁର ପଞ୍ଚାୟତ ଗୋବରୀ ସେବା ସଂଗଠନର ସଦସ୍ୟମାନେ ଦୀର୍ଘ ୫ ଦିନ ଧରି ଅସ୍ଥାୟୀ ଶିବିର ପକାଇବା ସହ ଲୋକଙ୍କୁ ସେବାକାର୍ଯ୍ୟ ଯୋଗାଇ ଦେଇଥିଲେ। ପ୍ରତ୍ୟେକ ଦିନ ଉପସ୍ଥିତ ଦର୍ଶକଙ୍କୁ ମାଗଣାରେ ଚାହା ବଣ୍ଟନ ସେବା ସଂଗଠନର ମୁଖ୍ୟ କାର୍ଯ୍ୟ ଥିଲା। ଶେଷ ସନ୍ଧ୍ୟାରେ ବେଦପ୍ରକାଶ ଅଗ୍ରୱାଲ ସ୍ମୃତି ପରିଷଦର ଅଧ୍ୟକ୍ଷା ମଧୁମତୀ ଅଗ୍ରୱାଲ ମେଳାକୁ ଆସି ସେବା ସଂଗଠନର ସଦସ୍ୟଙ୍କୁ ଟି ସାର୍ଟ ସହ ଉପଢ଼ୌକନ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟ, ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁ ଓ ପୂର୍ବତନ ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ତ୍ରିବେଣୀ ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ପରିଲକ୍ଷିତ କରି ନିକିରେଇ ଥାନା ପକ୍ଷରୁ ବ୍ୟାପକ ପୁଲିସ୍ ବ୍ୟବସ୍ଥା କରାଯାଇଥିଲା। ଏଥିସହିତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ମେଳାରେ ସେବା କାର୍ଯ୍ୟ ଯୋଗାଇ ଦେବା ସହ ଭିଡ଼କୁ ନିୟନ୍ତ୍ରଣ କରିଥିଲେ। ମେଳା ଓ ଯଜ୍ଞ କମିଟିର ସଭାପତି ଅକ୍ଷୟ କୁମାର ଦାସ ସମ୍ପାଦକ ନାରାୟଣ ଲେଙ୍କା, ପ୍ରଦୀପ ନାୟକ, ହୃଷିକେଶ ଦାସ, ଅଜୟ ମହାଭୋଇ, କୈଳାସ ଚନ୍ଦ୍ର ଲେଙ୍କା, ସନ୍ତୋଷ କୁମାର ରାଉତ, ରଶ୍ମି ରଞ୍ଜନ ପଣ୍ଡା, ଦିବାକର ସ୍ୱାଇଁ, ବିଶ୍ୱ ସେଠୀ, ରାଜକିଶୋର ମଳିକ, ନିରଞ୍ଜନ ସେଠୀ, ଶରତ ମଳିକ ପ୍ରମୁଖ ପରିଚାଳନା କରିଥିଲେ।

# ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍ଯାପିତ

**ନାଉଗାଁ, ୧୫।୨(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ ଉଦ୍ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଜ୍ୟୋତି ପ୍ରକାଶ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅଧ୍ୟାପକ ବିଭୁତି ଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ବିଜୟ କୁମାର ସାହୁ, ଚନ୍ଦ୍ରସେଖର ପୁହାଣ, ପ୍ରଭାତ ଶତପଥୀ, ଚୈତନ୍ୟ ପରଡା ପ୍ରମୁଖ ଯୋଗଦାନ କରି ଅନ୍ୟାୟ ଓ ଅତ୍ୟାଚାରରୁ ନାରୀମାନେ କିପରି ଭାବରେ ନିଜକୁ ରକ୍ଷା କରିପାରିବେ ସେ ସମ୍ବନ୍ଧରେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ସୁଦିପ୍ତା ମଲ୍ଲ ଛାତ୍ରୀମାନଙ୍କୁ ଜୀବନରେ ଆତ୍ମରକ୍ଷା କୌଶଳର ଆବଶ୍ୟକତା ସମ୍ବନ୍ଧରେ କହିଥିବା ବେଳେ ଅଧ୍ୟାପକ ଚୌଧୁରୀ ବିନେଶ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।

# ବତୀମିରା ସରସ୍ୱତୀ ବିଦ୍ୟାମନ୍ଦିରରେ ପିତୃମାତୃ ସମ୍ମିଳନୀ



**ବିରିଡ଼ି, ୧୫।୨(ସମିସ):** ବିରିଡ଼ି ବ୍ଲକ ବତୀମିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମା' ବାଗଦେବୀଙ୍କ ପୂଜା କରାଯିବା ସହ ପିତୃମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛଇ। ଆରମ୍ଭରେ ଉପସ୍ଥିତ ପିତାମାତାଙ୍କୁ ବିଦ୍ୟାଳୟ ପକ୍ଷରୁ ପୂଜାର୍ଚ୍ଚନା କରଯାଇଥିଲା। ପରେ ବିଦ୍ୟାଳୟ ପରିଚାଳନା କମିଟିର ସ୍ଥାୟୀ ସଭାପତି ଉଷା ବୋଷଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷ ଡଃ ମିନତୀ ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ଡାକ୍ତର ଶୁଭ କୁମାର ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ବିକ୍ରମ କୁମାର ଦାଶ, କୋଷାଧ୍ୟକ୍ଷ ମନୋରମା ବାରିକ ଯୋଗ ଦେଇଥିଲେ। ସେହିପରି ପୂର୍ବତନ ସଭାପତି ଅନୁପ କୁମାର ବୋଷ, ଜିଲ୍ଲା ବିଜେଡି ସଭାପତି ରବିନାରାୟଣ ଜେନା, ଶିକ୍ଷାବିତ୍ ସୁଧାକର ସ୍ୱାଇଁ, ସମାଜସେବୀ ବଳରାମ ମଲିକ, ବିମ୍ବାଧର ଦାଶ, ପ୍ରମୋଦ କୁମାର ଲେଙ୍କା, ବିଶ୍ୱଜିତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସରସ୍ୱତୀ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସୁବାସିନୀ ମହାପାତ୍ର ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ମୁଖ୍ୟଅତିଥି ଓ ଅନ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ମୁଖ୍ୟ ଅତିଥି ଡଃ ମିନତୀ ବେହେରା କହିଥିଲେ, ପିତାମାତାଙ୍କ ବିନା ଶିଶୁର ଭବିଷ୍ୟତ ଗଢିବା ସମ୍ଭବପର ନୁହେଁ। ତେଣୁ ମାଆମାନେ ବିଶେଷ ଭାବେ ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ।

# ବୀଣାପାଣି ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ରାଜକନିକା, ୧୫।୨(ସମିସ):** ରାଜକନିକା ବ୍ଲକ ଚରପଡ଼ାଠାରେ ଅବସ୍ଥିତ ବୀଣାପାଣି ବିଦ୍ୟା ମନ୍ଦିରର ଉନବିଂଶତମ ଦୁଇ ଦିନିଆ ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବର ପ୍ରଥମ ଦିବସର ଅଧିବେଶନରେ ଶିକ୍ଷାବିତ ସଞ୍ଜୟ କୁମାର ସାମଲ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ: ଭାବରେ ପଦ୍ମାକର ଗୁରୁ, ର, ମୁଖ୍ୟ ଅତିଥି ଭାବରେ ଇଂ ନିଳାଦ୍ରୀ ଭୂଷଣ ମହାପାତ୍ର, ମୁଖ୍ୟ ବକ୍ତା:ଭାବରେ ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ବିଶ୍ୱାଳ, ବି.ଆର୍.ବିଜ୍ଞାନ କଲେଜ, ହାଟସାହି, ସମ୍ମାନୀତ ଅତିଥିଭାବେ ବାଙ୍ଗରା ସରପଞ୍ଚ ଜ୍ଞାନ ରଞ୍ଜନ ଯେନା ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନର ଜୟଯାତ୍ରାକୁ ପ୍ରଶଂସା କରିଥିଲେ। ସେହିପରି ଉଦଯାପନୀ ଦିବସରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ କୃଷି ବିଶେଷଜ୍ଞ ଧରଣୀ ପାତ୍ର, ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ନେତା ପର୍ଶୁରାମ ରାଉତରାୟ, ସମ୍ମାନିତ ଅତିଥି ଭାବେ କବି ଗୋବିନ୍ଦଚନ୍ଦ୍ର ନନ୍ଦ, ଦିଲ୍ଲୀପ କୁମାର ମହାନ୍ତି, କୃଷ୍ଣଚନ୍ଦ୍ର ମଳିକ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିର ପ୍ରତିଷ୍ଠାତା ତଥା ସମ୍ପାଦକ ଲୋତକ ବିନ୍ଦୁ ଦାସ ଅନୁଷ୍ଠାନର ପରିଚାଳନା ସମ୍ପର୍କରେ ମତାମତ ଦେଇଥିଲେ। ଏହି ଅବସରରେ ପ୍ରଥମ ଦିବସରେ ଜେଜେ ଜେଜେମା ପୂଜାର୍ଚ୍ଚନା ଓ ଦ୍ୱିତୀୟ ଦିବସରେ ମାତୃ ପୂଜା ସହ ପ୍ରାକ୍ତନ ସିଆରସିସି କୁଳମଣି ସାହୁ, ଚଳିତବର୍ଷ ନିଟ୍ ପରୀକ୍ଷା ରେ ସଫଳତା ଅର୍ଜନ କରିଥିବା ପ୍ରାକ୍ତନ ଛାତ୍ର ଶୁଭମ ଦାସ, ପ୍ରାକ୍ତନ ଗୁରୁମା ପ୍ରିୟଦର୍ଶିନୀ ବାରିକ ଓ ଶ୍ରେଷ୍ଠ ଗୁରୁମା ଜୟଶ୍ରୀ ଦାଶ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଗୁରୁଜୀ ମହେଶ ଚନ୍ଦ୍ର ଦାସ ସଂଯୋଜନା କରିଥିଲାବେଳେ ଜୟଶ୍ରୀ ଦାଶ, ସସ୍ମିତା ସାହୁ, ବୈଶାଖୀ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ସହିଦ ଯବାନଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା




**ପାରାଦୀପ, ୧୫।୨ (ସମିସ):** ପୁଲୱାମା ଆକ୍ରମଣକୁ ୫ ବର୍ଷ ପୂରିଛି। କଳା ଦିବସର ସ୍ମରଣ ସହିତ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ଦେଶବାସୀ। ଆତଙ୍କବାଦୀ ଆକ୍ରମଣରେ ୪୦ ଯବାନ ପ୍ରାଣ ହରାଇଥିଲେ।ଏହି ଦିନକୁ କଳା ଦିବସ ଭାବେ ଘୋଷଣା କରାଯାଇଥିଲା। ସେହି ବୀର ଯବାନଙ୍କ ବଳିଦାନକୁ ଉଜ୍ଜୀବିତ କରିବା ଓ ସ୍ମୃତିଚାରଣ କରିବା ଉଦ୍ଦେଶ୍ୟରେ ପାରାଦୀପ ଅଠରବାଙ୍କୀଠାରେ ଗୋପୀନାଥ ୟୁଥ କ୍ଲବର ଶତାଧିକ ମହିଳା, ପୁରୁଷ, ଯୁବବର୍ଗ ଓ କୁନି କୁନି ପିଲା କ୍ୟାଲେଣ୍ଡ ଶୋଭାଯାତ୍ରା କରିଥିଲେ।

# କପିଳମୁନିଙ୍କ ଜନ୍ମ ଉତ୍ସବରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ମାର୍ଶାଘାଇ, ୧୫।୨(ସମିସ):** ମାର୍ଶାଘାଇ ବ୍ଲକ ପିକରାଳି କପିଳମୁନି ପୀଠରେ ପବିତ୍ର କୁମ୍ଭ ସଂକ୍ରାନ୍ତି ଅବସରରେ କପିଳମୁନିଙ୍କ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। କପିଳମୁନିଙ୍କ ଜନ୍ମଉତ୍ସବରେ ବିଭିନ୍ନ ପ୍ରାନ୍ତରରୁ ମୁନି, ଋଷି ସମାବେଶ ହେବା ସହ କପିଳ ମୁନିଙ୍କ ଯଥାବିଧି ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଭଜନ କୀର୍ତ୍ତନ ହରିହାଟ କାର୍ଯ୍ୟକ୍ରମ ସମଗ୍ର ଅଞ୍ଚଳକୁ ଭକ୍ତିମୟ ପରିବେଶ ସୃଷ୍ଟିକରିଛି। ଏହିଅବସରରେ କପିଳମୁନିଙ୍କ ପୀଠ ରୂପାନ୍ତରିକରଣ କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖାଦ୍ୟ, ଯୋଗାଣ, ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କପିଳମୁନିଙ୍କ ଦର୍ଶନ କରି ଆଶ୍ରୀର୍ବାଦ ଭିକ୍ଷା କରିଥିଲେ। ସରକାରଙ୍କ ୫-ଟି ଯୋଜନାରେ ପୀଠ ରୂପାନ୍ତରିକରଣ ଯୋଜନାକୁ ମନ୍ତ୍ରୀ ଶ୍ରୀ ନାୟକ ଉଦ୍‌ଘାଟନ କରିଥିଲେ। ୧୦ଲକ୍ଷ ବ୍ୟୟ ବରାଦରେ କପିଳମୁନି ଆଶ୍ରମ ଉପଯୋଗିତା କେନ୍ଦ୍ର ଓ ୫ଲକ୍ଷ ବ୍ୟୟବରାଦରେ ଆଶ୍ରମ ଗୃହ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଦୀପ୍ତିରଞ୍ଜନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ନାୟକ ପ୍ରାଚୀନ କପିଳ ମୁନି ଆଶ୍ରମ ନିମନ୍ତେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଅନ୍ନଦା ସାମଲ, ସମିତି ସଭ୍ୟ ସଞ୍ଜୟ ପାତ୍ର, ଭାଗବତ ପଣ୍ଡା, ପୂର୍ବତନ ସରପଞ୍ଚ ପ୍ରତାପ ଦାସ, ରମାକାନ୍ତ ଜେନା, ଚିତ୍ରସେନ ସେଠୀ, ସୁଶାନ୍ତ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗନ୍ଧର୍ବ ମହାପାତ୍ର, ପ୍ରଶାନ୍ତ ଦାସ, ପ୍ରଦୀପ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର



**ମାର୍ଶାଘାଇ, ୧୫।୨(ସମିସ):** ମାର୍ଶାଘାଇ ବ୍ଲକ ଆଖୁଆଦକ୍ଷିଣୀ ପଞ୍ଚାୟତ କାର୍ଯ୍ୟାଳୟରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକାରୀ ସରପଞ୍ଚ ଗୀତାଞ୍ଜଳି ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, କେନ୍ଦ୍ରାପଡ଼ା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲଚନ୍ଦ୍ର ଦାସ, ଜିଲ୍ଲାପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ସମିତି ସଭ୍ୟ ରଶ୍ମିରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ଶୁକଦେବ ବିଶ୍ୱାଳ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଧର୍ମାନୁଷ୍ଠାନ ରୂପାନ୍ତରିକରଣ ଯୋଜନା ଦ୍ୱାରା ବିକାଶ ସମ୍ଭବ ହୋଇଥିବା କହିଥିଲେ। ପିଇଓ ନିଶାନ୍ତ ସାହୁ, ନିବାସ ନାୟକ, ସୁକାନ୍ତି ଜେନା, ବିଶ୍ୱଭୂଷଣ ରାଉତ, ଅଶୋକ ନାୟକ, ଗୁରୁଚରଣ ରାଉତ, ରତ୍ନାକର ପଟ୍ଟନାୟକ, ରଶ୍ମିରଞ୍ଜନ ପରିଡ଼ା ଉପସ୍ଥିତ ଥିଲେ।

# ରୋହିଆ ଓ ବଛାଲୋ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା

**ନାଉଗାଁ, ୧୫।୨(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ବଛାଲୋ ପଞ୍ଚାୟତର ସରପଞ୍ଚ ପ୍ରିୟଦର୍ଶିନୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସରକାରଙ୍କ 'ମୋ ଓଡ଼ିଶା ନବୀନ୍ ଓଡ଼ିଶା'ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥିଭାବେ ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ତପନ କୁମାର ମହାପତ୍ର, ଜିଲ୍ଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ସମିତିସଭ୍ୟ ଚନ୍ଦନ କୁମାର ଲେଙ୍କା, ଦିଲ୍ଲିପ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇଥିବା ବେଳେ ରୋହୋଆ ପଞ୍ଚାୟତରେ ସରପଞ୍ଚ ହେମାମାଳିନୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ତପନ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମିତି ସଭ୍ୟା ବିଜୟଲକ୍ଷ୍ମୀ ରାଉତ, ଗଳଧାରୀ ସରପଞ୍ଚ ଦିଲ୍ଲିପ କୁମାର ନାୟକ, ପଦ୍ମଚରଣ ରାଉତ, କ୍ଷୀରୋଦ ରାଉତ, କମଳଲୋଚନ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ଉଭୟ କର୍ଯ୍ୟକ୍ରମରେ ନୃତ୍ୟ, ଗୀତ ଓ ପାଲା ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଉନ୍ନୟନମୂଳକ କାର୍ଯ୍ୟକ୍ରମ ଗୁଡିକ ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ଏଥିସହିତ ରାଜ୍ୟ ସରକାରଙ୍କୁ ଏହି ଉନ୍ନୟନ ମୂଳକ ଯୋଜନା ଗୁଡିକ କିପରି ସାଧାରଣ ଲୋକମାନଙ୍କ ପାଖରେ ପହଞ୍ଚିପାରିବ ସେଥିପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

# ଲୋକନାଥ ମହାରଥୀ ଜିଲ୍ଲା ସଭାପତି ହେବା ପରେ କଂଗ୍ରେସ କର୍ମୀ ଉତ୍ସାହିତ

**ମହାକାଳପଡ଼ା, ୧୫।୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ସଭାପତି ଭାବେ ମହାକାଳପଡ଼ାର ଲୋକନାଥ ମହାରଥୀଙ୍କୁ ଦାୟିତ୍ୱ ଦିଆଯାଇଥିବା ଖବର ପ୍ରସାରିତ ହେବା ପରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ କଂଗ୍ରେସରେ ନୂଆ ଆଶା ଓ ଉଦ୍ଦୀପନା ସୃଷ୍ଟି ହୋଇଛି। ଅନେକ କଂଗ୍ରେସ କର୍ମୀ ଗ୍ରାମାଞ୍ଚଳରେ ମିଠାବାଣ୍ଟିବା ସହ ବାଣ ଫୁଟାଇ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ପୂର୍ବରୁ ଲୋକନାଥ ରାଜ୍ୟ ଯୁବ କଂଗ୍ରେସର ସଭାପତି ଭାବେ ନିଜର ଦକ୍ଷତା ପ୍ରଦର୍ଶନ କରିସାରିଛନ୍ତି। ମହାକାଳପଡ଼ା ବ୍ଲକ ଗହ୍ମା ଗ୍ରାମରେ ଜନ୍ମିତ ଲୋକନାଥ ଲୋକଙ୍କ ବିଶ୍ୱାସ ଜିତି ମହାକାଳପଡ଼ାର ମହାରଥୀ ହେବେ ବୋଲି ଆଲୋଚନା ହେଉଛି। ଲୋକନାଥଙ୍କୁ ଜିଲ୍ଲା ସଭାପତି ଦାୟିତ୍ୱ ଦିଆଯାଇଥିବାରୁ ମହାକାଳପଡ଼ା ବ୍ଲକ କଂଗ୍ରେସ ସଭାପତି କବିନ୍ଦ୍ର ସାମଲ, ପ୍ରମୋଦ ଚନ୍ଦ୍ର ସ୍ୱାଇଁ, ବସନ୍ତ କୁମାର ସେଠୀ, ନିରାକାର ଜେନା, କାର୍ତ୍ତିକ ବେରା ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ରାଜକନିକାରେ ଆମ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ

**ରାଜକନିକା, ୧୫।୨(ସମିସ):** ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଏବେ ରାଜକନିକାର ବିଭିନ୍ନ ପଞ୍ଚାୟତରୁ ଗଡ଼ିବ ଲକ୍ଷ୍ମୀ ବସ୍। ରାଜ୍ୟର ଅନେକ ଘରୋଇ ଓ ସରକାରୀ ବସ ରାଜକନିକା ଆମ ବସଷ୍ଟାଣ୍ଡରୁ ରାଜ୍ୟ ଓ ଜିଲ୍ଲା ମୁଖ୍ୟାଳୟକୁ ଗଡ଼ିବ। ଏହି ଅବସରରେ ଆଜି ରାଜକନିକା ଷ୍ଟକ୍‌ଚର ଛକ ନିକଟରେ ନବ ନିର୍ମିତ ଆମ ବସଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନସିଂ ଜରିଆରେ ଉଦଘାଟନ କରିଥିବା ବେଳେ ଆନୁଷ୍ଠାନିକ ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ରାଜକନିକା ବ୍ଲକ ଅଧ୍ୟକ୍ଷା ମିନତୀ ରାଉତ, ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ବାଘବୁଦା ସରପଞ୍ଚଙ୍କ ପ୍ରତିନିଧି କୁମର ନାୟକ, ଯୁବନେତା ଅରୁଣ ରାଉତ, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ବିଜୁ ମହିଳା ଜନତା ଦଳର ବ୍ଲକ ସଭାପତି ସଂଯୁକ୍ତା ଶତପଥୀ ପ୍ରମୁଖ ଉପସ୍ଥିତ ରହି ବ୍ଲକ ଅଧ୍ୟକ୍ଷାଙ୍କ ଦ୍ୱାରା ଉଦଘାଟିତ କରାଯାଇଥିଲା।ରାଜ୍ୟ ସରକାରଙ୍କ ଏହି ସ୍ୱାଗତଯୋଗ୍ୟ ପଦକ୍ଷେପ ଦ୍ୱାରା ରାଜକନିକା ଅଞ୍ଚଳବାସୀ ବେଶ ଉପକୃତ ହେବା ସହିତ ସେମାନଙ୍କର ଅନେକ ସମସ୍ୟା ଦୂର ହୋଇ ପାରିବ ବୋଲି ମତ ପ୍ରକାଶ ପାଇଛି।

# ବିଧାନସଭାସ୍ତରୀୟ ମାଷ୍ଟର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ



**କେନ୍ଦ୍ରାପଡ଼ା, ୧୫।୨(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ବିଧାନସଭାସ୍ତରୀୟ ମାଷ୍ଟର ପ୍ରଶିକ୍ଷକଙ୍କ ଏକ ଦିବସୀୟ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇ କହିଥିଲେ ଭାରତୀୟ ନିର୍ବାଚନ ଆୟୋଗଙ୍କ ନୀତି ନିୟମକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ହେବ। ସାଧାରଣ ନିର୍ବାଚନ-୨୦୨୪କୁ ମୁକ୍ତ, ଅବାଧ ଓ ନିରପେକ୍ଷ ସହ ଶାନ୍ତିପୂର୍ଣ୍ଣଭାବେ ସମାପନ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ।ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର (ନିର୍ବାଚନ) ରମେଶ ଚନ୍ଦ୍ର ପଣ୍ଡା ପ୍ରମୂଖ ବିଧାନସଭାସ୍ତରୀୟ ମାଷ୍ଟର ପ୍ରଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପୋଲିଂ ପାର୍ଟି ଓ ମତଦାନ ଦିବସର ବ୍ୟବସ୍ଥା, ମତଦାନ ପାଇଁ ଆବଶ୍ୟକ ହେଉଥିବା ଉପକରଣର ବିତରଣ, ସଂଗ୍ରହ ଆଦିର ରିପୋର୍ଟିଂ, ଇଭିଏମ୍ ପ୍ରଶାସନିକ ପଦ୍ଧତି, ନିର୍ବାଚନ ସମୟରେ କ'ଣ କରିବ ଓ କ'ଣ କରିବ ନାହିଁ, ଭୋଟ ଗଣତି ଓ ଫଳାଫଳ ଘୋଷଣା ସମୟରେ ପ୍ରଶାସନିକ କର୍ତ୍ତବ୍ୟ ଆଦି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଜିଲ୍ଲାର ସମସ୍ତ ବିଧାନସଭାସ୍ତରୀୟ ପ୍ରଶିକ୍ଷକମାନେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ବାଟିପଡ଼ା ଗ୍ରାମବାସୀ



**କେନ୍ଦ୍ରାପଡ଼ା, ୧୫।୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବିଲିକଣା ପଞ୍ଚାୟତ ବାଟିପଡ଼ା ଗ୍ରାମବାସୀ ବିଭିନ୍ନ ମୌଳିକ ସମସ୍ୟା ଦେଇ ଗତି କରୁଛନ୍ତି। ଗାଁକୁ ପକ୍କା ରାସ୍ତା ନ ହେଲେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବିଲିକଣା ପଞ୍ଚାୟତ ଅଧୀନରେ ଥିବା ବାଟିପଡ଼ା ଗ୍ରାମର ୧୫୦ ପରିବାର ବସବାସ କରୁଛନ୍ତି। ଗାଁର ମୁଖ୍ୟ ରାସ୍ତା ଜଟେଶ୍ୱର ପ୍ରାଥମିକ ବିଦ୍ୟାଳୟରୁ ବ୍ରାହ୍ମଣ ଘର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷା ହେଲେ ଆଣ୍ଠୁଏ ପାଣିରେ ଯିବା ଆସିବା କରୁଛନ୍ତି ଲୋକେ। ୮ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଗ୍ରାମବାସୀ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ଯାଇ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। କେବଳ ରାସ୍ତା ନୁହେଁ ବରଂ ଗ୍ରାମରେ ଦୁଇଟି ନଳକୂପ ଅଛି। କାହାର ଚଟାଣ ଭାଙ୍ଗିଯାଇଛି। ନୂତନ ଚଟାଣ ଏ ପର୍ଯ୍ୟନ୍ତ ହୋଇପାରୁନାହିଁ। ମହିଳାଙ୍କ ପାଇଁ ଗାଧେଇବାର ସୁବିଧା ନାହିଁ। ମାଆ, ଭଉଣୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ଏଭଳି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଯେତେ ଦେଖୁଥିଲେ ନୂଆ ଦିଶୁଥାଇ

**ଅନୁଗୋଳ ପ୍ରକୃତି-ତାପସୀର ଗୋପନ ଗନ୍ତାଘର, ତପସ୍ୱୀମାନଙ୍କର ତପୋଭୂମି, ସାଧକମାନଙ୍କର ସାଧନାପୀଠ, ଶୈବ-ଶାକ୍ତ-ବୈଷ୍ଣବମାନଙ୍କର ପବିତ୍ର ତୀର୍ଥ, କଳ୍ପନାବିଳାସୀ ମଣିଷମାନଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ। ଏହି ସୁନ୍ଦର ଅନୁଗୋଳ ଜିଲ୍ଲାର କେତୋଟି ଦର୍ଶନୀୟ ସ୍ଥାନ ସମ୍ପର୍କରେ ସଂକ୍ଷିପ୍ତ ଆଲେଖ୍ୟ।**

ଅପରିକଳ୍ପନୀୟ ଈଶ୍ୱରଦତ୍ତ ଖଣିଜ ସମ୍ପଦ, ନିଃସର୍ଗ ସୁଷମାର ବୈଚିତ୍ର୍ୟଭରା ଭୂଭାଗ ଓ କଳାତ୍ମକ ମୂଲ୍ୟବୋଧର ପୁଣ୍ୟଭୂମି ଅନୁଗୋଳ ଓଡ଼ିଶାର ଗୌରବ ମସ୍ତକରେ ମଣିସଦୃଶ୍ୟ। ଶିଳ୍ପ ନାଭିକେନ୍ଦ୍ର ରୂପେ ଅନୁଗୋଳ କେବଳ ଓଡ଼ିଶା ନୁହେଁ, ସମଗ୍ର ବିଶ୍ୱରେ ଏହାର ଉପସ୍ଥିତି ସମଗ୍ର ରାଜ୍ୟ ବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଓଡ଼ିଶାର କେନ୍ଦ୍ର ସ୍ଥଳରେ ଅବସ୍ଥିତ ଅନୁଗୋଳର ସମୃଦ୍ଧ ଐତିହ୍ୟ, ସଂସ୍କୃତିଗତ ଉତ୍କର୍ଷ, ଦେଶପ୍ରେମ ଓ ଭାରତର ସ୍ୱାଧୀନତା ସଂଗ୍ରାମରେ ଏହାର ବଳିଦାନର ଅକୁହା ଗାଥା ଅସରନ୍ତି ଓ ଅବର୍ଣ୍ଣନୀୟ।

## ବ୍ଲାକ ଡାଇମଣ୍ଡ

ଅନୁଗୋଳ ସହରରେ ଅବସ୍ଥିତ ବ୍ଲାକ୍ ଡାଇମଣ୍ଡ ଏକ ବିଶ୍ୱସ୍ତରୀୟ ପାଠାଗାର ଓ ଜିଲ୍ଲା ବ୍ୟାଖ୍ୟା କେନ୍ଦ୍ର ଭାବରେ ପାଲଟିଛି ଆକର୍ଷଣର କେନ୍ଦ୍ରବିନ୍ଦୁ। ପ୍ରାଚୀନ ଓ ନବୀନର ଯୁଗଳବନ୍ଦୀରେ ପୂର୍ଣ୍ଣ କଳାର ଜଗତକୁ ବହନ କରୁଛି ବ୍ଲାକ୍ ଡାଇମଣ୍ଡ। କଳା ହୀରାର ସମାକୃତି ବିଶିଷ୍ଟ ଓ ମାନବୀୟ ବୈଶିଷ୍ଟ୍ୟକୁ ପ୍ରତିପାଦନ କରୁଥିବା ଏହି ବ୍ଲାକ୍ ଡାଇମଣ୍ଡ ଅନୁଗୋଳର ଐତିହାସିକ, ଅର୍ଥନୈତିକ ଓ ସାଂସ୍କୃତିକ ବିବର୍ତ୍ତନକୁ ଉପସ୍ଥାପନ କରିବାସହ ବହୁ ଅକୁହା ଗୌରବର ସ୍ମୃତିକୁ ପରଶିବାକୁ ସତତ ଉନ୍ମୁଖ। ଏହି ବ୍ଲାକ୍ ଡାଇମଣ୍ଡ ଅନୁଗୋଳ ପାଇଁ ଏକ ଜୀବନ୍ତ ସ୍ମାରକୀ ଭାବରେ ପ୍ରୋତ୍ସାହିତ କରୁଥିବ ଦର୍ଶକ, ପାଠକ, ଗବେଷକ ଓ ସାଧାରଣ ଜନମାନସକୁ।

## ଶୈଳ ଶ୍ରୀକ୍ଷେତ୍ର

ଅନୁଗୋଳ ସହରର କେନ୍ଦ୍ରରେ ଐତିହାସିକ ସୁନାଶଗଡ଼ ପାହାଡ଼ ଶିଖରେ ଶୋଭାପାଉଛି ଶ୍ରୀ ଜଗନ୍ନାଥଙ୍କ ଅତ୍ୟୁଚ୍ଚ ମନ୍ଦିର। ଏହା ଓଡ଼ିଶାର ଦ୍ୱିତୀୟ ଉଚ୍ଚତମ ମନ୍ଦିର। ୭୫୦୦ ବର୍ଗଫୁଟ ପରିସୀମାରେ ଅବସ୍ଥିତ ମୁଖ୍ୟ ମନ୍ଦିରର ଉଚ୍ଚତା ୧୧୧ ଫୁଟ। କର୍ଲିଙ୍ଗିୟର ଶୈଳୀରେ ନିର୍ମିତ ଏହି ମନ୍ଦିରର ମୁଖଶାଳା, ଜଗମୋହନ, ନାଟ୍ୟମନ୍ଦିର ଓ ଗର୍ଭଗୃହସ୍ଥ ଦୃଶ୍ୟ ଅନିର୍ବଚନୀୟ। ରତ୍ନସିଂହାସନ ଉପରେ ବିଜେ କରିଛନ୍ତି ଜଗତର ନାଥ ଜଗନ୍ନାଥ, ଜ୍ଞାନମୟ ବଳଭଦ୍ର ଏବଂ ରହସ୍ୟମୟୀ ଦେବୀ ସୁଭଦ୍ରା। ସମ୍ମୁଖରେ ଅନ୍ୟ ରତ୍ନ ସିଂହାସନରେ ବିଜେ କରିଛନ୍ତି ମଦନମୋହନ। ଓଡ଼ିଶାରେ ଶୈଳଶ୍ରୀକ୍ଷେତ୍ର ନାମରେ ନାମିତ ହୋଇଛି ଏହି ତୀର୍ଥ। ଶ୍ରୀମନ୍ଦିର ଢାଞ୍ଚାରେ ନିର୍ମିତ ଏହି ଜଗନ୍ନାଥ ମନ୍ଦିରରେ ବହୁ ଦେବାଦେବୀଙ୍କର ଆସ୍ଥାନ ରହିଛି। ପୁରୀ ଶ୍ରୀଜଗନ୍ନାଥଙ୍କ ଭଳି ଏଠି ବର୍ଷସାରା ରୀତିନୀତି ପାଳନ ସହ ଜାନିଯାତ୍ରା ଅନୁଷ୍ଠିତ ହୁଏ। ଓଡ଼ିଶାର କୋଣାନୁକୋଣରୁ ବହୁ ଭକ୍ତ ଓ ଦର୍ଶକଙ୍କର ଆଗମନ ଶୈଳଶ୍ରୀକ୍ଷେତ୍ରକୁ ସର୍ବଦା ଚଳଚଞ୍ଚଳ କରି ରଖିଛି। ଏହା ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ।

## ବୁଢ଼ୀ ଠାକୁରାଣୀ

ସୁନାଶଗଡ଼ର ଏକ ଗୁମ୍ଫାଗୁହାରେ ବସିଛନ୍ତି ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା’ ବୁଢ଼ୀ ଠାକୁରାଣୀ। କିମ୍ବଦନ୍ତୀ କହେ, ମାତା କୁନ୍ତୀ ପଞ୍ଚପୁତ୍ରଙ୍କ ଅସ୍ତ୍ରଶସ୍ତ୍ରକୁ ଗୁମ୍ଫା ଭିତରେ ଲୁଚାଇ ଦ୍ୱାର ଜଗିଛନ୍ତି। ପ୍ରକୃତରେ ମାତା ଜଗିଛନ୍ତି ଅଗଣିତ ପୁତ୍ର କନ୍ୟାମାନଙ୍କ ସୁଖ, ସମୃଦ୍ଧି, ଆନନ୍ଦ ଓ ଶାନ୍ତିର ଶାଶ୍ୱତ ନିଳୟ ଅନୁଗୋଳକୁ। ମା’ ବୁଢ଼ୀ ଠାକୁରାଣୀ ଖମ୍ବ ଉପାସନାର ଏକ ପ୍ରତୀକ ମାତ୍ର। ମା’ ବୁଢ଼ୀ ଠାକୁରାଣୀ ଜନତାର ଆଧ୍ୟାତ୍ମିକ ଚେତନାର ମୂକସାକ୍ଷୀ ରୂପେ ସୁନାଶଗଡ଼ ପାହାଡ଼ ଉପରେ ଅନ୍ୟାନ୍ୟ ବହୁ ପାର୍ଶ୍ୱଦେବୀ-ଦେବତାଙ୍କ ମଧ୍ୟରେ ବିରାଜିତା। ପାହାଡ଼ର ପଶ୍ଚିମ ଦିଗରେ ମଦନମୋହନଙ୍କ ମନ୍ଦିର। ମଦନମୋହନ ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ରୂପେ ଅନୁଗୋଳର ସର୍ବଜନପ୍ରିୟ ଦେବତା। ସେ ଏକାଧାରରେ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ କାୟବ୍ୟୂହା ରୂପୀ ପ୍ରତିନିଧି।

## ଟିକରପଡ଼ା ସାତକୋଶିଆ

ସାତକୋଶିଆର ଶୋଭା ବର୍ଣ୍ଣିବାକୁ କବିର ଲେଖନୀରେ ଭାଷା ନାହିଁ। ସେ ରୂପର ଲୀଳା ପ୍ରକୃତରେ ଅନିର୍ବଚନୀୟ ଓ ଅବର୍ଣ୍ଣନୀୟ। ଦୁଇ ଉତ୍ତୁଙ୍ଗ ପର୍ବତରେ ମଝିରେ ମହାନଦୀ ସ୍ୱଚ୍ଛ ନିର୍ମଳ ଢଳ ଢଳ ହୋଇ କଳକଳ ନାଦରେ ବହୁଛି ସାଗର ସହିତ ମିଳନ ଆଶାରେ। ଘୋର ଅରଣ୍ୟାଦିପୂର୍ଣ୍ଣ ପର୍ବତ ଶିଖରେ ଓ ନଦୀର ଉପତ୍ୟକାରେ ହିଂସ୍ରଜନ୍ତୁମାନଙ୍କର ଆତଯାତ। ପକ୍ଷୀର କାକଳିରେ ବନଭୂମି ମୁଖରିତ। ସରକାର ସାତକୋଶିଆକୁ ଏକ ଅଭୟାରଣ୍ୟରେ ପରିଣତ କରିଛନ୍ତି। ଏହି ଅଭୟାରଣ୍ୟରେ ୩୮ ପ୍ରକାରର ଜୀବଜନ୍ତୁ, ୧୨୮ ପ୍ରକାରର ପକ୍ଷୀ, ୨୭ ପ୍ରକାରର ସରୀସୃପ ଏବଂ ୧୮୩ ପ୍ରକାରର ମତ୍ସ୍ୟ ସଂରକ୍ଷିତ ହୋଇ ରହିଛନ୍ତି। ଅନୁଗୋଳ ସଦର ମହକୁମାଠାରୁ ୪୮ କି.ମି ଦୂର ଟିକରପଡ଼ାର ସାତକୋଶିଆ। ସାତକୋଶିଆ ଓଡ଼ିଶାରେ ଶୋଭାର ଭଣ୍ଡାର ରୂପେ ଦର୍ଶକ ଓ ପର୍ଯ୍ୟଟକମାନଙ୍କ ମନୋରଞ୍ଜନ ଓ ପ୍ରାଣସ୍ପନ୍ଦନର କେନ୍ଦ୍ର ଭାବରେ ସୁପରିଚିତ।

## ବାଟବାୟାଣୀ

ପାତ୍ରପଡ଼ା ଗ୍ରାମଟି ଅନୁଗୋଳ ଉପଖଣ୍ଡର ଏକ ସୀମାନ୍ତ ଗ୍ରାମ ଅଟେ। ଏହାର ଏକ ପାର୍ଶ୍ୱରେ ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ଅଞ୍ଚଳ ଥିବାବେଳେ, ଅନ୍ୟ ପାର୍ଶ୍ୱରେ ଆଠମଲ୍ଲିକ ଉପଖଣ୍ଡର ହଣ୍ଡପା ଅଞ୍ଚଳ ଅବସ୍ଥିତ। ଛେଣ୍ଟିପଦାର ଉପରବିଶ ଅଞ୍ଚଳ ଓ ଆଠମଲ୍ଲିକ ଉପଖଣ୍ଡର ହଣ୍ଡପା କିଶୋରନଗର ଅଞ୍ଚଳଟି ମଧ୍ୟରେ ଏହି ଅରଣ୍ୟ ମଧ୍ୟ ଦେଇ ଆତଯାତ ହୋଇଥାଏ। ବାସ୍ତବପକ୍ଷେ ଏହି ପଥ ଆଜି ଦିନରେ ମଧ୍ୟ ବିପଦପୂର୍ଣ୍ଣ ଅଟେ। ଏଣେ ସେତେବେଳେ ବା ଆଜିକୁ ପାଞ୍ଚଶତ ବର୍ଷ ପୂର୍ବେ ମା’ ବାଟବାୟାଣୀ ବା ବନଦୁର୍ଗା ନିର୍ଭୟ ଆଶୀର୍ବାଦରେ ପଥିକମାନେ ଏହି ଅରଣ୍ୟ ପଥ ଅତିକ୍ରାନ୍ତ ହେଉଥିଲେ। ଆଜି ଦିନରେ ପାତ୍ରପଡ଼ାର ପଥର ପୁଞ୍ଜି, ବାୟାଣୀ ପୀଠ ବା ବନଦୁର୍ଗା ପୀଠଟି ଅତ୍ୟନ୍ତ ମନୋରମ ହୋଇ ଗଢ଼ି ଉଠିଛି।

ଏହି ପୀଠର ବାର୍ଷିକ ପୂଜା ଚୈତ୍ର ମାସ, ଶୁକ୍ଳ ପକ୍ଷ, ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ। ପର୍ଯ୍ୟଟନ ବିଭାଗର ଏକ ଡାକବଙ୍ଗଳା ଏଠାରେ ନିର୍ମିତ ହେଉଅଛି। ନୂତନ ଭାବେ ଏକ ଆଶ୍ରମ ଓ ଶ୍ରୀ ଜଗନ୍ନାଥ ମନ୍ଦିର ନିର୍ମିତ ହୋଇ ବାର୍ଷିକ ରଥଯାତ୍ରା ଅନୁଷ୍ଠିତ ହେଉଛି। ସନ୍ତାନ ପ୍ରାପ୍ତି ଓ ଅନ୍ୟାନ୍ୟ ମାନସିକ ଲାଗି ବର୍ଷ ତମାମ ଏଠାରେ ଭିଡ଼ ଲାଗି ରହିଥାଏ। ମା’ ଖୁବ୍ ପ୍ରତ୍ୟକ୍ଷ ବୋଲି ଅଞ୍ଚଳବାସୀ ବିଶ୍ୱାସ କରନ୍ତି।



## ଲୋଭୀ ଠାକୁରାଣୀ

ଅନୁଗୋଳ ସହରର ପୂର୍ବ ଦିଗରେ ଥିବା କଅଁରପାଳଠାରୁ ମାତ୍ର ୫ କିମି ଦୂରରେ ଗଡ଼ସନ୍ତ୍ରୀ ଗ୍ରାମରେ ଅବସ୍ଥିତ ଦେବୀ ଲୋଭୀ ଠାକୁରାଣୀଙ୍କ ମନ୍ଦିର। ଏହା ଏକ ପୁରାତନ ଶକ୍ତିପୀଠ। ଇତିହାସ କହେ ଅନୁଗୋଳ ରାଜାଙ୍କ ପାଞ୍ଚଗଡ଼ ମଧ୍ୟରୁ ସନ୍ତ୍ରୀଗଡ଼ର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା’ଲୋଭୀ ଠାକୁରାଣୀ। ଆବହମାନ କାଳରୁ ଆଦିବାସୀ କନ୍ଧମାନଙ୍କ ଦ୍ୱାରା ନିରାକାର ପ୍ରତୀକଧର୍ମୀ ଖମ୍ବାକୃତି ପାଷାଣଦେବୀ ପରବର୍ତ୍ତୀ କାଳରେ ବ୍ରାହ୍ମଣ୍ୟଧର୍ମର ପ୍ରଭାବରେ ହିନ୍ଦୁଦେବୀ ଲୋଭୀ ଠାକୁରାଣୀ ନାମରେ ରୂପାନ୍ତରିତ। ସେ ପ୍ରଥମେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ଆରାଧ୍ୟା ଦେବୀ ଥିଲେ ବୋଲି ଲୋକକଥାରୁ ଜଣାଯାଏ। ଏଠାରେ ପ୍ରତ୍ୟେକ ବର୍ଷ ଅକ୍ଟୋବର-ନଭେମ୍ବର ମାସରେ ବିରାଟ ମେଳା ଅନୁଷ୍ଠିତ ହୁଏ।

## ଭୀମକାଣ୍ଡର ବିଷ୍ଣୁମୂର୍ତ୍ତି

ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ପ୍ରଣୀତ ‘ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ’ରେ ମୁଦ୍ରିତ ରୂପ ଦେଇଥିବା ଭୀମକାଣ୍ଡର ବିଷ୍ଣୁମୂର୍ତ୍ତି ତାଳଚେର ଉପଖଣ୍ଡ କଣିହାଁର ଭୀମକାଣ୍ଡ ଗ୍ରାମରେ ଅବସ୍ଥିତ। ଭୀମକାଣ୍ଡର ବିଷ୍ଣୁମୂର୍ତ୍ତି ପ୍ରତ୍ନତତ୍ତ୍ୱ ବିଭାଗର ମାନ୍ୟତାପ୍ରାପ୍ତ ଓ ସମ୍ପ୍ରତି ଏହା କଣିହାଁର ଜାତୀୟ ତାପଜ ଶକ୍ତି ନିଗମର ବଳୟ ମଧ୍ୟରେ ସୁରକ୍ଷିତ। ପ୍ରତ୍ନତତ୍ତ୍ୱର ଗୁରୁତ୍ୱ ଥିବା ଏହି ମୂର୍ତ୍ତିର ସମୟ ଆନୁମାନିକ ୯ମ ଶତାବ୍ଦୀ ବା ସାମାନ୍ୟ ପୂର୍ବବର୍ତ୍ତୀ ବୋଲି ଗବେଷକମାନେ ମତ ଦିଅନ୍ତି। ଭୀମକାଣ୍ଡ ଗ୍ରାମର ଦୁଇମାଇଲ୍ ଦୂରରେ ବହି ଯାଉଥିବା ଟିକିରା ନଦୀ ନିକଟସ୍ଥ ପ୍ରାନ୍ତର ମଧ୍ୟରେ ଏକ ସ୍ୱସ୍ତର ଚଟାଣ ଉପରେ ଖୋଦିତ ହୋଇଛି ଏହି ବିଷ୍ଣୁମୂର୍ତ୍ତି। ବିଷ୍ଣୁ ଶାୟିତ ଅବସ୍ଥାରେ ଆଲମ୍ବିତ। ଦକ୍ଷିଣ ପାର୍ଶ୍ୱକୁ ଢଳି ଶୋଇଛନ୍ତି। ତେଣୁ ଦକ୍ଷିଣ ପାର୍ଶ୍ୱସ୍ଥ ଭୁଜଯୁଗଳ ଖୋଦନ ହୋଇ ନାହିଁ। ବାମପାର୍ଶ୍ୱର ଉର୍ଦ୍ଧ୍ୱଭୁଜରେ ଚକ୍ରଧାରଣ କରିଛନ୍ତି, ଯାହାର ଲମ୍ବ ୪ ଫୁଟ। ସମଗ୍ର ଭୁଜଟିର ଦୈର୍ଘ୍ୟ ୧୭ ଫୁଟ। ମଝି ଆଙ୍ଗୁଠିର ଦୈର୍ଘ୍ୟ ୩ ଫୁଟ ୬ ଇଞ୍ଚ। ଦକ୍ଷିଣ ପାଦ ବାମ ପାଦ ଉପରେ ସ୍ଥାପିତ। ଶରୀରେ ରହିଛି ଅଳଙ୍କାର ଓ ସୁକ୍ଷ୍ମନବସ୍ତ୍ର। କର୍ଣ୍ଣରେ ମକର କୁଣ୍ଡଳ, ଭୁଜରେ କଙ୍କଣ, ପଦଯୁଗଳରେ କେୟୂର। ମୂର୍ତ୍ତିର ରୂପ ଚମତ୍କାର ଶିଳ୍ପ ନୈପୁଣ୍ୟର ପରିଚୟ ପ୍ରଦାନ କରେ।

## ହିଙ୍ଗୁଳା ପୀଠ

ଅନୁଗୋଳ ଜିଲ୍ଲାର ତାଳଚେର ଉପଖଣ୍ଡସ୍ଥ ତାଳଚେର ବ୍ଲକର ଗୋପାଳ ପ୍ରସାଦ ପଞ୍ଚାୟତରେ ପ୍ରସିଦ୍ଧ ହିଙ୍ଗୁଳା ପୀଠ, ମା’ଙ୍କର ପ୍ରିୟ ଆରାଧସ୍ଥଳୀ। ସିଙ୍ଗଡ଼ା ନଦୀ କୂଳରେ ଗଢ଼ିଉଠିଛି ମା’ଙ୍କ ଭବ୍ୟମନ୍ଦିର। ଜିଲ୍ଲା ସଦର ମହକୁମାଠାରୁ ୩୦ କିଲୋମିଟର ଓ ତାଳଚେରଠାରୁ ୧୪ କି.ମି ଦୂରରେ ଅବସ୍ଥିତ ହିଙ୍ଗୁଳା ପୀଠ ଏକ ମନୋରମ ପର୍ଯ୍ୟଟନସ୍ଥଳ ଓ ପ୍ରସିଦ୍ଧ ଶକ୍ତିକ୍ଷେତ୍ର। ଆରାଧ୍ୟା ଦେବୀ ହିଙ୍ଗୁଳା ଶାବରୀ ମନ୍ତ୍ରରେ ପୂଜିତା। ଏହା ଏକ ଶକ୍ତିପୀଠ ହୋଇଥିବାରୁ ଉଭୟ ଶାରଦୀୟ ଓ ବାସନ୍ତିକ ପୂଜା ଅନୁଷ୍ଠିତ ହୁଏ। ଚୈତ୍ରଶୁକ୍ଳ ଚତୁର୍ଦ୍ଦଶୀ ଅର୍ଥାତ୍ ବିଷ୍ଣୁ ଦମନକ ଚତୁର୍ଦ୍ଦଶୀ ତିଥିରେ ମା’ ହିଙ୍ଗୁଳା ଅଗ୍ନିରୂପା ହୋଇ ଆବିର୍ଭାବ ହୁଅନ୍ତି ଓ ନଅଦିନ ବ୍ୟାପୀ ଯାତ୍ରା ଅନୁଷ୍ଠିତ ହୋଇଥାଏ। କେବଳ ଏତିକି ନୁହେଁ, ବର୍ଷ ତମାମ ମନ୍ଦିରେ ଭକ୍ତଙ୍କ ଭିଡ଼ ଲାଗି ରହିଥାଏ।

## ଦେଉଳଝରି

୧୯୭୩ ମସିହାରୁ ସରକାରୀ ମାନ୍ୟତାପ୍ରାପ୍ତ ଏବଂ ଲୋକପ୍ରସିଦ୍ଧି ଅର୍ଜନ କରିଥିବା ପ୍ରାଚୀନ ଶୈବକ୍ଷେତ୍ର ଦେଉଳଝରି ଅନୁଗୋଳର ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳୀ। ଆଠମଲ୍ଲିକ ସହରଠାରୁ ୬ କିମି ଓ ଅନୁଗୋଳ ସହର ମହକୁମାଠାରୁ ୯୦ କିମି ଦୂରରେ ଏହି ଦର୍ଶନୀୟ ସ୍ଥାନଟି ଅବସ୍ଥିତ। ଓଡ଼ଶିଙ୍ଗା ଗ୍ରାମରେ ୨୪ ଏକର ୫୫ ଡେସିମିଲ ଜାଗା ଉପରେ ଏହି ଶୈବପୀଠ, କିଆବଣ ଓ ଉଷ୍ଣ ପ୍ରସ୍ରବଣ ସହ ଅନେକ ଦେବାଦେବୀ ମନ୍ଦିରରେ ପରିପୂର୍ଣ୍ଣ। ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ରହିଛି ୮୪ଟି ଉଷ୍ଣ କୁଣ୍ଡ। ଏଥିମଧ୍ୟରୁ ବର୍ତ୍ତମାନ ୨୪ଟି କୁଣ୍ଡ ରହିଛି। ଏହି ଉଷ୍ଣ ପ୍ରସ୍ରବଣ କୁଣ୍ଡଗୁଡ଼ିକ ମଧ୍ୟରେ ରକ୍ତକୁଣ୍ଡ, ଘୃତକୁଣ୍ଡ, ଅଗ୍ନିକୁଣ୍ଡ, ତପ୍ତକୁଣ୍ଡ, ହିମକୁଣ୍ଡ, ଲବକୁଶକୁଣ୍ଡ ପ୍ରଭୃତି ପ୍ରଧାନ। କୁଣ୍ଡଗୁଡ଼ିକରେ ଜଳର ଉଷ୍ଣତା ୪୦°ରୁ ଆରମ୍ଭ ହୋଇ ୬୨° ପର୍ଯ୍ୟନ୍ତ ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଜନ ମଣ୍ଡପ ଓ ସରକାର ଡାକବଙ୍ଗଳା ନିର୍ମାଣ କରିଛନ୍ତି। ଦର୍ଶକୀୟ ତୃପ୍ତି ପ୍ରଦାନ କରୁଥିବା ଏହି ପବିତ୍ର କ୍ଷେତ୍ର ପଛରେ ରହିଛି ଅନେକ ପୌରାଣିକ କାହାଣୀ ଓ କିମ୍ବଦନ୍ତୀ। ବାବା ସିଦ୍ଧେଶ୍ୱର ଏହି କ୍ଷେତ୍ରର ଆରାଧ୍ୟ ଦେବତା। ଏହା ଶୈବ, ଶାକ୍ତ ଓ ବୈଷ୍ଣବ ପୀଠର ମିଳନସ୍ଥଳୀ।

## ବିନିକେଇ

ଆଠମଲ୍ଲିକ ଉପଖଣ୍ଡର ସଦର ମହକୁମାଠାରୁ ପ୍ରାୟ ୨୫ କିମି ଦୂରରେ ପବିତ୍ର ମହାନଦୀ କୂଳରେ ଦରୁହା ଗ୍ରାମ ସନ୍ନିକଟ ପଞ୍ଚଧାରା ପାହାଡ଼ ପାଦଦେଶରେ ବିନିକେଇ ଶକ୍ତିପୀଠ ଅବସ୍ଥିତ। ଏହା ଏକ ମହାନ ଦର୍ଶନୀୟ ଶକ୍ତିପୀଠ। ମହାନଦୀର ସୁନୀଳ ଜଳରାଶି କୁଳୁକୁଳୁ ନାଦରେ ଦେବୀଙ୍କ ପାଦ ଦେଶରେ ପ୍ରବାହିତ। ନିକଟରେ ରହିଛି ବିସ୍ତୀର୍ଣ୍ଣ ବାଲୁକାଶଯ୍ୟା। ଶକ୍ତିପୀଠରେ ପୂଜା ପାଇ ଆସୁଥିବା ମା’ଙ୍କ ପ୍ରସ୍ତରମୂର୍ତ୍ତି ବହୁ ପୁରାତନ କାଳରୁ ସ୍ଥାପିତ। ମା’ଙ୍କ ପୀଠରେ ବାରମାସରେ ପର୍ବପର୍ବାଣୀ ଯଥାବିଧି ପାଳନ କରାଯାଏ। ବିଶେଷତଃ ମହାନଦୀର ବାଲୁକାଶଯ୍ୟାରେ ଅଷ୍ଟଦୋଳଯାତ୍ରା ସବୁଠାରୁ ବେଶ୍ ଆକର୍ଷଣୀୟ। ପ୍ରକୃତିର ଗନ୍ତାଘର ବିନିକେଇରେ ଚିତ୍ତବିନୋଦନ ଓ ବଣଭୋଜି ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଥିବାରୁ ପର୍ଯ୍ୟଟକମାନଙ୍କୁ ଏହା ଆକୃଷ୍ଟ କରୁଛି।

## ଖୁଲୁଡ଼ି

ପାଲଲହଡ଼ା ଉପଖଣ୍ଡର ସର୍ବୋଚ୍ଚ ଶୃଙ୍ଗ ମାଲ୍ୟଗିରି ସମୁଦ୍ର ପତ୍ତନଠାରୁ ୩୮୯୬ ଫୁଟ୍ ଉଚ୍ଚତାରେ ଅବସ୍ଥିତ। ଏକଦା ଗିରିଶୃଙ୍ଗ ମାଲ୍ୟଗିରିରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ଭ୍ରାତା ଲକ୍ଷ୍ମଣ ଏବଂ ଦେବୀ ସୀତାଙ୍କ ସହ ବର୍ଷା ଋତୁରେ ଆଶ୍ରୟ ନେଇଥିବା ଜନଶ୍ରୁତିରୁ ଶୁଣିବାକୁ ମିଳିଥାଏ। ଏତଦ୍‌ଭିନ୍ନ ପ୍ରକୃତି ଦ୍ୱାରା ସୃଷ୍ଟ ସୁବିଶାଳ ଶିଳା ଗୁହା ମଧ୍ୟରେ ପୂର୍ବ କାଳରେ ମୁନିଋଷିଗଣ ତପସ୍ୟା ମଗ୍ନ ଥିବା ମଧ୍ୟ ଜନଶ୍ରୁତିରୁ ଶୁଣିବାକୁ ମିଳିଥାଏ। ଏତାଦୃଶ ପବିତ୍ର ଗିରିଶୃଙ୍ଗ ମାଲ୍ୟଗିରିରେ ଅବସ୍ଥିତ ନାଗେଶ୍ୱର ବଣର ଦୁଇ କିଲୋମିଟର ନିମ୍ନକୁ ପାଲଲହଡ଼ାର ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ଖୁଲୁଡ଼ି ମନ୍ଦିର ବିଦ୍ୟମାନ। ସୁଉଚ୍ଚ ମାଲ୍ୟଗିରି ପର୍ବତ ଶିଖରରୁ କାଚ ବିନ୍ଦୁ ସମ ବାରିଧାରା କୁଳୁକୁଳ ନାଦରେ ନାଗେଶ୍ୱର ବଣ ଅତିକ୍ରମ କରି ଏକ ବିରାଟ ଶିଳାଖଣ୍ଡ ଉପରୁ ନିମ୍ନକୁ ଲମ୍ଫ ପ୍ରଦାନ କରିଅଛି।

ଏହି ଜଳପ୍ରପାତର ଅନତି ଦୂରରେ ବ୍ରହ୍ମାଣ୍ଡ ନାୟକ ଗିରିଶ୍ୱର ଶିବ ବିରାଜମାନ କରିଅଛନ୍ତି। ପ୍ରକୃତିରାଣୀ ଅବିରତ ପରମକାରୁଣିକଙ୍କ ମସ୍ତକରେ ସୁଶୀତଳ ନୀର ଢାଳି ନିତ୍ୟ ମହାସ୍ନାନର ଅପୂର୍ବ ସୁଯୋଗ ପ୍ରଦାନ କରୁଅଛି। ପ୍ରଥମେ ଦୁଇଟି ବିଶାଳ ଶିଳା ମଧ୍ୟରେ ଆବିର୍ଭୂତ ଶିବ ଶଙ୍କର ଏବେ ଏକ କ୍ଷୁଦ୍ର ମନ୍ଦିର ମଧ୍ୟରେ ପୂଜିତ ହେଉଅଛନ୍ତି। ପାଲଲହଡ଼ା ଉପଖଣ୍ଡ ଅନ୍ତର୍ଗତ ଝାରବେଡ଼ା ଗ୍ରାମ ପଞ୍ଚାୟତରେ ଅବସ୍ଥିତ ଖୁଲୁଡ଼ି ମନ୍ଦିର, ପାଲଲହଡ଼ା ଟାଉନଠାରୁ ୨୬ କି.ମି. ଦୂର। ଜାତୀୟ ରାଜପଥ ୪୯ରେ ପାଲଲହଡ଼ାଠାରୁ କେନ୍ଦୁଝର ଯିବା ରାସ୍ତାରେ କନ୍ତଲା ଗ୍ରାମଠାରୁ ଅଥବା ଜଗମୋହନପୁର ଛକଠାରୁ ତେଲକୋଇ ରାସ୍ତାରେ ୧୫କି.ମି. ଅତିକ୍ରମ କଲେ ଖୁଲୁଡ଼ି ମନ୍ଦିରରେ ପହଞ୍ଚି ହେବ।

## ବଜ୍ରକୋଟ ଭ୍ରିଙ୍ଗେଶ୍ୱର ମନ୍ଦିର

ତାଳଚେର ସହରର ଉତ୍ତର ଦିଗରେ ୩୨ କିମି ଦୂରରେ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ ବଜ୍ରକୋଟର ଭ୍ରିଙ୍ଗେଶ୍ୱର ମନ୍ଦିର। ରୈଖିକ ଶୈଳୀରେ ନିର୍ମିତ ଏହି ମନ୍ଦିରର କାରୁକାର୍ଯ୍ୟ ଦେଖିଲେ ଏହା ୮ମ ଶତାବ୍ଦୀର ବୋଲି ଜଣାପଡ଼େ। ପଥରରେ ଖୋଦିତ କଳା ଓ ଭାସ୍କର୍ଯ୍ୟର ସ୍ୱର୍ଣ୍ଣଲିପି ଉତ୍କଳର ଉତ୍କୃଷ୍ଟ କଳାର ପରିଚୟ ପ୍ରଦାନ କରେ। ମୁଖ୍ୟ ମନ୍ଦିର ସହ ଅନେକ ଦେବାଦେବୀଙ୍କର ମନ୍ଦିର ରହିଛି। ଅତୀତର ସଂସ୍କୃତିକୁ ଉତ୍କୀର୍ଣ୍ଣ କରୁଥିବା ଏହି ପ୍ରାଚୀନ ମନ୍ଦିର ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା ସୁସଂରକ୍ଷିତ ଓ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ତଥା ଦର୍ଶନୀୟ ସ୍ଥଳ।

ଏତଦ୍‌ବ୍ୟତୀତ ସରକାରଙ୍କଦ୍ୱାରା ମାନ୍ୟତାପ୍ରାପ୍ତ ପର୍ଯ୍ୟଟନସ୍ଥଳ ଭାବରେ ରହିଛି ଡେରଜାଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ, ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ଓ ମାନ୍‌ଜୋର୍ ଜଳସେଚନ ପ୍ରକଳ୍ପ। ପ୍ରକୃତିର ବର୍ଣ୍ଣାଢ଼୍ୟ ସେବା ସହ ପିକ୍‌ନିକ୍ ପାଇଁ ଏହି ସ୍ଥାନଗୁଡ଼ିକ ବେଶ୍ ନିରାପଦ ଓ ଉପଯୋଗୀ।

ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଅନୁଗୋଳର ସାଂସ୍କୃତିକ ବିଭବ ସମୃଦ୍ଧ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଜିଲ୍ଲାର ଜନସାଧାରଣଙ୍କ ଜୀବନଚର୍ଯ୍ୟାରେ ସାମାଜିକ ବିକାଶ ଓ ସାଂସ୍କୃତିକ ଚେତନାକୁ ଉଦ୍‌ବୁଦ୍ଧ କରିବା ନିମନ୍ତେ ପ୍ରଶାସନୀୟ ସକରାତ୍ମକ ପଦକ୍ଷେପ ଓ ପ୍ରତ୍ୟକ୍ଷ ପ୍ରୋତ୍ସାହନ ଜିଲ୍ଲାର ଉତ୍କର୍ଷ ପ୍ରତିପାଦନରେ ଯେ ସମର୍ଥ ଏକଥା କହିବା ବାହୁଲ୍ୟ ମାତ୍ର।

ସାମାଜିକ ଜୀବନରେ କଳା, ସାହିତ୍ୟ ଓ ସଂସ୍କୃତି ଭଳି ପର୍ଯ୍ୟଟନର ମଧ୍ୟ ଗୁରୁତ୍ୱ ରହିଛି। କର୍ମକ୍ଳାନ୍ତ ଜୀବନରେ ଶାନ୍ତି ଖୋଜୁଥିବା ମଣିଷ ପାଇଁ ଦର୍ଶନୀୟ ସ୍ଥାନର ଆକର୍ଷଣ ଖୁବ୍ ବେଶି। ଭାରାକ୍ରାନ୍ତ ମନକୁ ହାଲୁକା କରିଦେବା ସହ ଚିତ୍ତ ବିନୋଦନ କରିବା ପାଇଁ ପର୍ଯ୍ୟଟନସ୍ଥଳଗୁଡ଼ିକ ଗୋଟିଏ ଗୋଟିଏ ସାଧନ କ୍ଷେତ୍ର : ଯେଉଁଠି ନିରୋଳା ମୁହୂର୍ତ୍ତରେ ମନ ବିଭୋର ହୋଇଉଠେ। ପ୍ରକୃତିଦତ୍ତ ନୈସର୍ଗିକ ଶୋଭାରେ ବିଚିତ୍ରବର୍ଣ୍ଣା ଅନୁଗୋଳ ଜିଲ୍ଲାରେ ବହୁ ଦର୍ଶନୀୟ ସ୍ଥାନ ଲୋକଲୋଚନ ଆଢୁଆଳରେ ରହିଛି। ନୂଆ ପରିଚୟର ସନ୍ଧାନରେ ସମାନେ ଚାହିଁ ରହିଛନ୍ତି ଅନାହତ ଭବିଷ୍ୟତର ସମୟକୁ। କେତେବେଳେ ମଣିଷର ପାଦପଡ଼ିବ, ସେମାନେ ରୋମାଞ୍ଚିତ ହୋଇଉଠିବେ।

**ବିରଞ୍ଚି ନାରାୟଣ ସାମଲ**
ବିଭାଗୀୟ ମୁଖ୍ୟ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ











ସକାଳ
THE SAKALA
www.sakalaepaper.com

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପାଲଲହଡ଼ା ବସ୍‌ଷ୍ଟାଣ୍ଡ ଲୋକାର୍ପିତ

**ପାଲଲହଡା, ୧୫।୨(ସମିସ)**

ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ରାମମନ୍ଦିର ଛକଠାରେ ନୂତନ ଭାବେ ନିର୍ମିତ ହୋଇଥିବା ଅତ୍ୟାଧୁନିକ ବସଷ୍ଟାଣ୍ଡ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଛନ୍ତି। ଏହି ଅବସରରେ ପାଲଲହଡ଼ା ଆମ ବସଷ୍ଟାଣ୍ଡ ଠାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ ଯୋଗ ଦେଇଥିଲେ ଓ ପାଲଲହଡ଼ା ଉପଖଣ୍ଡ ଦେଇ ଦୁଇ ଦୁଇଟି ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥ ଯାଇଥିବା ବେଳେ ଲୋକମାନେ ସହଜରେ ଗମନା ଗମନ କରିବା ପାଇଁ ଏହି ଅଞ୍ଚଳରେ ଏକ ବସଷ୍ଟାଣ୍ଡ ପାଇଁ ଦାବି ହୋଇଆସୁଥିଲା ତେବେ ଦୀର୍ଘଦିନର ଦାବିକୁ ମୁଖ୍ୟମନ୍ତ୍ରୀ ଆଜି ପୂରଣ କରିଛନ୍ତି। ଯାହାଫଳରେ ଉପଖଣ୍ଡର ଲୋକମାନେ ଏହାଦ୍ୱାରା ଉପକୃତ ହେବେ ବୋଲି ବିଧାୟକ ଶ୍ରୀ ପାଲ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି, ବ୍ଲକ ଅଧ୍ୟକ୍ଷା ରୀନା ରାଣୀ ନାୟକ, ବିଡିଓ ଦିଲ୍ଲୀପ କୁମାର ବାଡ଼ା ଏବଂ ତାଳଚେର ପରିବହନ ଅଧିକାରୀଙ୍କ ସହ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




■ କଣିହାଁରେ ଆମ ବସ୍‌ଷ୍ଟାଣ୍ଡ ଲୋକାର୍ପିତ

# ଗାଁରୁ ସହରକୁ ଯୋଡ଼ିହେଲା ଲକ୍ଷ୍ମୀ

**କଣିହାଁ, ୧୫।୨(ସମିସ)**

କଣିହା ବ୍ଲକ ବିଜିଗୋଳ ପଞ୍ଚାୟତ ଅଧୀନସ୍ଥ ଏନଟିପିସି ସଦର ଥାନା ପାର୍ଶ୍ୱରେ ଆମ ବସଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡିଜିଟାଲ ମାଧ୍ୟମରେ ଲୋକାର୍ପିତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ, ଉପଖଣ୍ଡ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ ନିର୍ମଳ ସାହୁ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କଣିହା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ପ୍ରଧାନ ସଂଯୋଜନା କରିଥିଲେ। ଏହି ଅବସରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଉପସ୍ଥିତ ଥିବା ସମସ୍ତ ଜନସାଧାରଣଙ୍କୁ ଲକ୍ଷ୍ମୀ ବସ୍ ଦେଇ ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଗାଁରୁ ସହରକୁ ସୁଲଭ ବସ୍ ସେବା ମାଧ୍ୟମରେ ଯୋଡୁଛି ଲକ୍ଷ୍ମୀ ବସ୍ ଓ ମାତ୍ର ୫ ଟଙ୍କାରେ ଏକ ସୁସଂଯୋଜିତ ଏବଂ ନିର୍ଭରଯୋଗ୍ୟ ଗମନାଗମନ ସେବା ଯୋଗାଇ ଗ୍ରାମାଞ୍ଚଳବାସୀଙ୍କ ଆର୍ଥିକ ଏବଂ ସାମାଜିକ ବିକାଶ କ୍ଷେତ୍ରରେ ସହଭାଗୀ ହେଉଛି ବୋଲି କହିଥିଲେ। ବାର୍ଦ୍ଧକ୍ୟ, ଅସହାୟ, ବିଧବା, ଭିନ୍ନକ୍ଷମଙ୍କୁ ମଧୁବାବୁ ପେନସନ ଯୋଜନା, ଛାତ୍ରଛାତ୍ରୀମାନଙ୍କୁ ସ୍କଲାରସିପ୍, କଳାକାର ଭତ୍ତା ବୃଦ୍ଧି, ମମତା ଯୋଜନା ଦୁଇଗୁଣା, ଲକ୍ଷ୍ମୀବସ୍ ଜିଲ୍ଲା ସ୍ତରରୁ ଜଗନ୍ନାଥ ଧାମ ପୁରୀକୁ ଶ୍ରୀ ଜଗନ୍ନାଥ ଯୋଜନା ପରିବହନ ବ୍ୟବସ୍ଥା ଏକ ମାଇଲ ଖୁଣ୍ଟ ବୋଲି ଶ୍ରୀ ପାଣ୍ଡିଆନ୍ ସୂଚନା ଦେଇଛନ୍ତି।



# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର

**ପବିତ୍ରନଗର, ୧୫।୨(ସମିସ):** ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ଅର୍କିଳୀ ଗ୍ରାମ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସରପଞ୍ଚ ହେମନ୍ତ ପ୍ରଧାନ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ କୈଳାସ ଚନ୍ଦ୍ର ସାହୁ, କଣିହାଁ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ପ୍ରଧାନ, ଗ୍ରାମ ସଭାପତି ପତିତପାବନ ସାହୁ, ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶା ସରକାରଙ୍କ ସମସ୍ତ ଯୋଜନା ଜନସାଧାରଣଙ୍କ ନିକଟରେ ସୁବିଧାରେ ପହଞ୍ଚିବା ପାଇଁ ସଚେତନତା କାର୍ଯ୍ୟକ୍ରମ ପ୍ରତେକ ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ଏହା ବ୍ୟତୀତ କୃଷି ବିଭାଗ, ପାନୀୟ ଜଳ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମିଶନ ଶକ୍ତି ବିଭାଗ, ସଂପୂର୍ଣ୍ଣ ବିଭାଗ ସମସ୍ୟା ସମାଧାନ କରଥିଲେ ଅର୍କିଳ ପିଇଓ ସୌଭାଗ୍ୟ ପ୍ରଧାନ, ଗ୍ରାମ ରୋଜଗାର ସେବକ ଜିତେନ୍ଦ୍ର ଗଡ଼ନାୟକ ବାଲିପଶି ସହଯୋଗ କରିଥିଲେ। ଏହି ଅବସରରେ ସମସ୍ତ ଷ୍ଟଲ୍ ବୁଲି ଅତିଥିଗଣ ଖୁସି ବ୍ୟକ୍ତ କରିଥିଲେ।



# ମାଘ ମେଳା ଓ ମହିମା ମହୋତ୍ସବ ପାଳନ ଲାଗି ବୈଠକ

**ଅନୁଗୋଳ, ୧୫।୨(ସମିସ):** ଚଳିତ ମାସ ୨୨ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଅଙ୍ଗାରବନ୍ଧଠାରେ ଅନୁଷ୍ଠିତ ହେବାକୁ ଥିବା ୧୭୧ତମ ମାଘମେଳା ଓ ମହିମା ମହୋତ୍ସବ ପାଳନ ନିମନ୍ତେ ଏକ ସମନ୍ୱୟ ବୈଠକ ଅନୁଗୋଳ ଉପଜିଲ୍ଲାପାଳ ବରଣ୍ୟଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉତ୍ସବକୁ ସଫଳ ରୂପେ ଆୟୋଜନ କରାଯିବା ସହ ଉତ୍ସବ ସ୍ଥଳରେ ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍, ଅଗ୍ନି ନିରାପତ୍ତା, ଶାନ୍ତି ଶୃଙ୍ଖଳା ରକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ବିଷୟବସ୍ତୁକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଭୂଷଣ, ଡେପୁଟୀ କଲେକ୍ଟର ସ୍ୱାହା ମହାନ୍ତି, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଅଗ୍ନିଶମ ଅଧିକାରୀ କରୁଣାକର ସାମଲ, ଏସଡିଓ (ବିଦ୍ୟୁତ୍) ସୁନିଲ ନନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ଆଲୋକ ମହିମା ଧାମ ପରିଚାଳନା କମିଟିର ସଭାପତି ଲୋକନାଥ ସାହୁ, ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ, ବାବା ବୈଷ୍ଣବ ଚରଣ ଦାସ, ସଦସ୍ୟ ଅଷ୍ଟମୀ ସାହୁ, ଅଙ୍ଗାରବନ୍ଧ ସରପଞ୍ଚ ସୁଜାତା ସାହୁ ଓସମିତି ସଭ୍ୟ ସୁଜାତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ଏନ୍‌ଟିପିସି କଣିହାଁକୁ ସ୍ୱର୍ଣ୍ଣଶକ୍ତି ସାମଗ୍ରିକ ଚାମ୍ପିଅନ ଏବଂ ଏଚ୍‌ଆର ପୁରସ୍କାର




**କଣିହାଁ, ୧୫।୨(ସମିସ):** ଦେଶର ସମସ୍ତ ଏନଟିପିସି ଷ୍ଟେସନ ମଧ୍ୟରେ ୨୦୨୨-୨୩ ବର୍ଷ ପାଇଁ ମାନବ ସମ୍ବଳ ପରିଚାଳନାରେ ଉତ୍କର୍ଷତା ପାଇଁ ଏନଟିପିସି କଣିହାଁ ସମ୍ମାନଜନକ ଏନଟିପିସି ସ୍ୱର୍ଣ୍ଣ ଶକ୍ତି ସାମଗ୍ରିକ ଚାମ୍ପିଅନ୍ ପୁରସ୍କାର ଏବଂ ମାନବ ସମ୍ବଳ ପରିଚାଳନାରେ ଉତ୍କର୍ଷତା ପାଇଁ ଏନଟିପିସି ସ୍ୱର୍ଣ୍ଣ ଶକ୍ତି ପୁରସ୍କାର ପାଇଛି। ପ୍ରତିବର୍ଷ ବିଭିନ୍ନ ବର୍ଗରେ ଏନଟିପିସିର ଶ୍ରେଷ୍ଠ ପ୍ରଦର୍ଶନକାରୀ ଷ୍ଟେସନ୍ ପ୍ରୋଜେକ୍ଟକୁ ଏନଟିପିସି ସ୍ୱର୍ଣ୍ଣ ଶକ୍ତି ପୁରସ୍କାର ପ୍ରଦାନ କରାଯାଇଥାଏ। ଷ୍ଟେସନ ୨୦୨୩-୨୪ ପାଇଁ ଏନଟିପିସି ବିଜନେସ୍ ଏକ୍ସଲେନ୍ସ ବର୍ଗରେ ଓଭରଲେନ୍ ଏକ୍ସଲେନ୍ସ ଆୱାର୍ଡ ମଧ୍ୟ ପାଇଲା ୧୩ ତମରୁ ରାୟପୁରରେ ଅନୁଷ୍ଠିତ ଭାରତୀୟ ଶକ୍ତି କେନ୍ଦ୍ର (ଆଇ ପି ଏସ -୨୦୨୪) ଓ ଆଣ୍ଡ ଏମ ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ଏ କେ ସେହଗଲ୍, ହେଡ୍ ଅଫ ପ୍ରୋଜେକ୍ଟ କଣିହାଁ ଏବଂ ସୁଦୀପ ନାଗ, ରେଡ୍ (ଇଆର -୧ ଏବଂ ୨) ସିଏମଡି, ଏନଟିପିସି ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।























































# ୧୬ରେ ଶିଳ୍ପ ଧର୍ମଘଟକୁ ସଫଳ ପାଇଁ ପ୍ରସ୍ତୁତି




**ଅନୁଗୋଳ, ୧୫ ।୨(ସମିସ):** କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଚାଷୀ ସଂଗଠନର ମିଳିତ ମଞ୍ଚ ପକ୍ଷରୁ ଡାକରା ଦିଆଯାଇଥିବା ସାରାଦେଶରେ ଗ୍ରାମୀଣ ବନ୍ଦ ଓ ଶିଳ୍ପ ଧର୍ମଘଟକୁ ସଫଳ କରିବା ପାଇଁ ଆଜି ଅନୁଗୋଳ ସହର ସମେତ ଶିଳ୍ପ ସଂସ୍ଥା ଓ ଗ୍ରାମଗୁଡିକରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯିବା ସହ ଅନୁଗୋଳ ପୁରୁଣା ବସ୍ ଷ୍ଟାଣ୍ଡଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଚାଷୀ ଉତ୍ପାଦିତ ଦ୍ରବ୍ୟଗୁଡିକରେ ଏମ୍.ଏସ୍.ପି.କୁ ଆଇନ୍ ସମ୍ମତ କରିବା, ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ କରିବା, ବିଦ୍ୟୁତ୍ ଆଇନ୍-୨୦୨୩କୁ ବାତିଲ୍ କରିବା, ଶ୍ରମିକ ବିରୋଧୀ ଚାରୋଟି ଶ୍ରମ କୋଡ୍ ବାତିଲ କରିବା, ପୁରୁଣା ପେନ୍ସନ୍ ସ୍କିମ୍ ଲାଗୁ କରିବା, ବେକାର ସମସ୍ୟା ଦୂର କରିବାକୁ ବାସ୍ତବ ପଦକ୍ଷେପ ଗ୍ରହଣ କରିବା, ସର୍ବନିମ୍ନ ମଜୁରୀ ୨୬ହଜାର ଟଙ୍କା, ଆଶା, ଅଙ୍ଗନବାଡ଼ି, ପାଚିକା-ସହାୟିକା ତଥା ସ୍କିମ୍ ୱାର୍କରମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଆଦି ଦାବିରେ ଏହି ଧର୍ମଘଟର ଡାକରା ଦିଆଯାଇଛି। ଏ.ଆଇ.କେ.କେ.ଏମ୍.ଏସ୍ ଜିଲ୍ଲା ସଭାପତି ସୁବାସ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ଏ.ଆଇ.ୟୁ.ଟି.ୟୁ.ସି. ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ସାହୁ, ସି.ଆଇ.ଟି.ୟୁ ନେତା ଡ. ଉପେନ୍ଦ୍ର ଶର୍ମା, ଏ.ଆଇ.ସି.ସି.ଟି.ୟୁ ନେତା ତପନ ମହାନ୍ତି, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ମାନସ ପାଳ, ସଞ୍ଜୟ ସାହୁ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ କରିଥିଲେ।

# ବ୍ରାହ୍ମଣୀରେ ଦ୍ୱିତୀୟ ସେତୁ ନିର୍ମାଣ ଲାଗି ଟେଣ୍ଡର ଅନୁମୋଦିତ

**ତାଲଚେର, ୧୫।୨(ସମିସ)**

ତାଲଚେର ସହର ବାଇପାସ୍ ମଧ୍ୟରେ ଯାଇଥିବା ଏକମାତ୍ର ୧୪୯ନମ୍ବର ଜାତୀୟ ରାଜପଥ ଉପରେ ଦୈନନ୍ଦିନ ହଜାର ହଜାର ସଂଖ୍ୟକ ଅହରହ ଭାରୀଯାନ ଚଳାଚଳ ହେବା ଫଳରେ ପ୍ରଚୁର ଧୂଳିଧୂଆଁ ସମେତ ଦୁର୍ଘଟଣା ଘଟି ବହୁ ଜୀବନ ଯାଇଥିବା ବେଳେ ଆଉ କିଛି ଆହାତ ମୃତ୍ୟୁ ସହ ସଂଗ୍ରାମ କରିଥିବା ନଜିର ରହିଛି। ଏହି ରାଜପଥକୁ ଛାଡ଼ିଦେଲେ ଏହାର ଅନ୍ୟ ବିକଳ୍ପ ରାସ୍ତା ନଥିବାରୁ ଏହି ରାସ୍ତାରେ ଭାରୀଯାନ ସମେତ ବାଇକ, ସାଇକେଲ, ଓ ଛୋଟମୋଟ ଯାନ ଇତ୍ୟାଦି ନିର୍ଭର କରିଥାନ୍ତି। ଏଥିନେଇ ତାଲଚେର ସହରର ବ୍ରାହ୍ମଣୀ ନଦୀ ଉପରେ ବିକଳ୍ପ ରାସ୍ତା ନିମନ୍ତେ ବ୍ରାହ୍ମଣୀନଦୀ ଉପରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ କରିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇ ଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ଦ୍ୱିତୀୟ ବ୍ରିଜ ନିର୍ମାଣ ନେଇ ପ୍ରାୟ ୫ବର୍ଷ ପୂର୍ବେ ତାଲଚେର ଉପଖଣ୍ଡ ପୌର ପରିଷଦର ୧ନମ୍ବର ୱାର୍ଡ଼ର ରାଜପ୍ରସାଦ ନିକଟସ୍ଥ ମାଙ୍କଡ଼କେନ୍ଦା ଠାରେ ଦ୍ୱିତୀୟ ବ୍ରାହ୍ମଣୀ ବ୍ରିଜ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେହି ସମୟରେ ଖଣି ଓ ଇସ୍ପାତମନ୍ତ୍ରୀ ପ୍ରଫୁଲ ମଲ୍ଲୀକ୍, ସ୍ଥାନୀୟ ବିଧାୟକ, ସାଂସଦ ଓ ପୂର୍ତ୍ତ ବିଭାଗୀୟ ଅଧିକାରୀମାନେ ଜମି ଚିହ୍ନଟ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିନେଇ ଟେଣ୍ଡର ପ୍ରକ୍ରିୟା ସରିଥିଲେ ମଧ୍ୟ କୌଣସି କାରଣରୁ ଠିକାଦାର ଏହି ବ୍ରିଜ୍ କାର୍ଯ୍ୟରୁ ଓହରି ଯିବାପରେ ପୁନଶ୍ଚ ଟେଣ୍ଡର କରାଯାଇଥିଲା। ବିଳମ୍ବରେ ହେଉ ପଛେ ସରକାର ଏହାକୁ ବିଚରାକୁ ନେଇ ଶହେକୋଟି ଟଙ୍କା ବ୍ୟୟରେ ବ୍ରାହ୍ମଣୀ ନଦୀରେ ଟେଣ୍ଡରକୁ ଅନୁମୋଦନ କରିଛନ୍ତି। ବାଙ୍କା କନଷ୍ଟ୍ରକସନ୍ ଏହି ବ୍ରିଜ୍ ନିର୍ମାଣ କାର୍ଯ୍ୟ କରିବାକୁ ଆଗାମୀ ୭ଦିନ ମଧ୍ୟରେ ସରକାରଙ୍କ ସହ ଏକ ଚୁକ୍ତିନାମା ସ୍ୱାକ୍ଷର କରିବ ବୋଲି କୁହାଯାଉଛି। ତେବେ ଏହି ବ୍ରିଜ୍ ନିର୍ମାଣ ହେଲେ ୧୪୯ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ୍ ସମସ୍ୟା ଦୂରୀଭୂତ ହେବା ସହ ତାଲଚେର ଓ ପର୍ଜଙ୍ଗ, କାମାକ୍ଷାନଗର, ଭୁବନ, ସୁକିନ୍ଦା, ପାଣିକୋଇଲି, ଢୁବୁରୀ, ଯାଜପୁର ଓ ଢ଼େଙ୍କାନାଳକୁ ଯାତାୟତରେ ସୁଗମ ହେବ ବୋଲି ଜଣାପଡ଼ିଛି। କେବେ ତାଲଚେରରେ ଦ୍ୱିତୀୟ ବ୍ରାହ୍ମଣୀ ବ୍ରିଜ୍ ପୂର୍ଣ୍ଣାଙ୍ଗ ହେବ ତାହା ଦେଖିବାକୁ କେବଳ ବାକି ରହିଛି। ଏହାକୁ ନେଇ ପୂର୍ବତନ ପାଲଲହଡ଼ା ବିଧାୟକ ବିଭୂଧେନ୍ଦୁ ପ୍ରତାପ ଦାସ ତଥା ତାଲଚେରବାସୀଙ୍କ ପକ୍ଷରୁ ମନ୍ତ୍ରୀ ଶ୍ରୀ ମଲ୍ଲୀକ୍‌ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



# ଦୀନେଶଙ୍କୁ ନନ୍ଦଦୁଲାର ବାଜପେୟୀ ପୁରସ୍କାର



**କଣିହାଁ, ୧୫।୨(ସମିସ):** ପ୍ରସିଦ୍ଧ ସମାଲୋଚକ ଦୀନେଶ କୁମାର ମାଲିଙ୍କୁ ୨୦୨୩ ମସିହାର ନନ୍ଦଦୁଲାର ବାଜପେୟୀ ସମାଲୋଚନା ପୁରସ୍କାର ପ୍ରଦାନ କରାଯାଇଛି। ବିଗତ ଦିନରେ ହିନ୍ଦୀ ଭବନରେ ସାହିତ୍ୟ ସଞ୍ଚୟ ସୌଧ ସମ୍ବାଦ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜଧାନୀ ଦିଲ୍ଲୀରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାହିତ୍ୟିକ ତଥା ହିନ୍ଦୀ ପ୍ରେମୀଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରସିଦ୍ଧ ସମାଲୋଚକ, କବି, ବିଭିନ୍ନ ଭାଷାର ଅନୁବାଦକ, ଆଧ୍ୟାତ୍ମିକ, ଦାର୍ଶନିକ, ଓ କାବ୍ୟ ଉପରେ ଶ୍ରୀ ମାଲି ଅନେକ ଜ୍ଞାନ ଆହରଣ କରିଛନ୍ତି ଓ ପୁସ୍ତକ ମାଧ୍ୟମରେ ସାଧାରଣଙ୍କୁ ପ୍ରଦାନ କରିଛନ୍ତି। ସଂଗଠନର କବି-ଚିନ୍ତକ ପ୍ରଫେସର ହରିଶ ଆରୋରା ୫ହଜାର ଟଙ୍କାର ସମ୍ମାନୀୟ ଚେକ୍ ପ୍ରଦାନ କରିବା ସହ ଶ୍ରୀ ମାଲିଙ୍କ ଦ୍ୱାରା ଲେଖାଯାଇଥିବା ପୁସ୍ତକ ଉପରେ ବିସ୍ତୃତ ଉଲ୍ଲେଖ କରିଥିଲେ। ଏହି ସମ୍ମାନରେ ଭୂଷିତ ହେବାପରେ ତାଙ୍କୁ ଅନେକ ମହଲରୁ ଶୁଭେଚ୍ଛା ସୁଅ ଛୁଟିଛି।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ତାଲଚେର ସଦର, ୧୫ ।୨(ସମିସ):** ତାଲଚେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ତାଲଚେର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅଜୟ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବାଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ତାଲଚେର ଥାନାର ଭାରପ୍ରାପ୍ତ ଅଧିକାରୀ ଦିଗବିଜୟ ବିଶ୍ୱାଳ ଯୋଗଦେଇ ଆତ୍ମରକ୍ଷାର ବିଭିନ୍ନ କୌଶଳ ଉପରେ ଆଲୋକପାତ କରିଥିଲେ। ତାଲଚେର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରାଧ୍ୟାପକ ସୁବ୍ରତ କୁମାର ଦାସ, ଅଧ୍ୟାପିକା ସଂଯୁକ୍ତା ବେବର୍ତ୍ତା, ଛାତ୍ରୀମାନଙ୍କୁ ଉଦବୋଧନ ଦେଇ ଉତ୍ସାହିତ କରିଥିଲେ। ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷତା ଶିବିରରେ ସଂଯୋଜିକା ଅନିମା ଲାକ୍ରା ସ୍ୱାଗତ ଭାଷଣ ଦେଇଥିଲେ। ଇଂରାଜୀ ଅଧ୍ୟାପିକା ସୁନିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୋନାଲିକା ପଣ୍ଡାଙ୍କ ତତ୍ୱାବଧାନରେ ୧୨୫ଜଣ ଛାତ୍ରୀ ତାଲିମ ନେଇଥିଲେ ଓ ଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଇତିହାସ ବିଭାଗର ଅଧ୍ୟାପିକ ଶାନ୍ତି ବୁଢ଼େକ ଧନ୍ୟବାଦ୍ ଅର୍ପଣ କରିଥିଲେ।





With Best Complements From :-

**P. K. PATTNAIK & CO**

**ANGUL**

Required banking
(HDFC & ICICI BANK)
recovery collection executive
through P.K PATTNAIK & CO for
All Odisha Location
Contact - 9861046872,
9861060416


# ଏମ୍‌ସିଏଲ୍‌ର ଉନ୍ନୟନ ପରାମର୍ଶଦାତା କମିଟି ବୈଠକ



**ଅନୁଗୋଳ, ୧୫।୨(ସମିସ)**

ଆଜି ପୂର୍ବାହ୍ନରେ ମହାନଦୀ କୋଇଲା ଖଣି ସଂସ୍ଥା(ଏମ୍.ସି.ଏଲ୍)ର ୧୩ତମ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତଥା ଆରପିଡିଏସି ର ଅଧ୍ୟକ୍ଷ ଶ୍ରୀକାନ୍ତ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଢେଙ୍କାନାଳ ସାଂସଦ ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଅଗସ୍ତି ବେହେରା ଓ ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମିତ୍ରା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ମହମ୍ମଦ ଅଦାଲ୍ ଅଖତର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଏହି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଏହି ବୈଠକରେ ୧୬ଟି ବିଷୟରେ ଆଲୋଚନା ହୋଇଥିଲା। ଗତ ୩୧.୦୮.୨୦୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ଆରପିଡିଏସି ବୈଠକର ବିବରଣୀକୁ ଏହି ବୈଠକରେ ଅନୁମୋଦନ କରାଯାଇଥିଲା। ଏହି ବୈଠକରେ ତାଳଚେରର ଗୋପାଳ ପ୍ରସାଦ ଖମାର, ପଥରମୁଣ୍ଡା (୩୩ଟି ପରିବାର), କଣିହାଁ, ଏକତାଳ, ହିଲୋଇ (ନୂଆସାହି), ସୋଲଡ଼ା ଓ ବଳଣ୍ଡା ଗ୍ରାମର ବିସ୍ଥାପିତଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଓ ସମାଧାନକୁ ନେଇ ଆଲୋଚନା ହୋଇଥିଲା। ସେହିପରି ଛେଣ୍ଡିପଦା ସୁଭଦ୍ରା ଏରିଆ କୋଇଲା ଖଣିର କଙ୍କରେଇ, ଛୋଟବେରେଣୀ, ପୀଡ଼ଖମଣଗ୍ରାମର ବିସ୍ଥାପିତ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ଏମସିଏଲ୍ ଦ୍ୱାରା ବିସ୍ଥାପିତ ହୋଇଥିବା ସମସ୍ତ ବିସ୍ଥାପିତ ପରିବାରକୁ କ୍ଷତିପୂରଣ ବଣ୍ଟନ, ନିଯୁକ୍ତି ପ୍ରଦାନ, ଦେୟମୁକ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରଦାନ ଉପରେ ମଧ୍ୟ ଏହି ବୈଠକରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହେଇଥିଲା। ଏମସିଏଲର ସି ଏସ୍ ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ ତାଳଚେର ଅଂଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେବା ସହ ସଠିକ୍ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଉପରେ ମଧ୍ୟ ବୈଠକରେ ଆଲୋଚନା ହେଇଥିଲା। ସେହିପରି ପରିବେଶ ପ୍ରଦୁଷଣକୁ ରୋକିବା ନିମନ୍ତେ ଏମସିଏଲ ପକ୍ଷରୁ ବିଭିନ୍ନ ପଦକ୍ଷେପ ଓ ଖନନ ଶେଷ ହୋଇଥିବା ଖଣିଗୁଡିକୁ ବାଲିରେ ପୋତିବା ସମ୍ପର୍କରେ ଆଲୋଚନା ହେଇଥିଲା। ଏହି ବୈଠକରେ ଡିଏଫଓ(ଟେରିଟୋରିଆଲ) ବିବେକ କୁମାର, ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ) ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ପ୍ରୀତିମୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିକ୍ରମ କେଶରୀ ଭୋଇ, ଅନୁଗୋଳ ଉପଜିଲ୍ଲାପାଳ ବରଣ୍ୟନ୍ଦୁ ମହାନ୍ତି, ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ, ବିସ୍ଥାପିତ ଗ୍ରାମବାସୀଙ୍କ ପ୍ରତିନିଧି ରାଜେନ୍ଦ୍ର ସିଂହ, ଓ ଝୁଲୁପରିଡ଼ା, ସ୍ୱେଚ୍ଛାସେବୀ ସଂଠନର ପ୍ରତିନି ଚିତ୍ତରଂଜନ ପ୍ରଧାନ ଓ ବିଭୂତି ଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏମସିଏଲ ପକ୍ଷରୁ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ କାଉଲେ, ମହାପ୍ରବନ୍ଧକ (ଭୂ ରାଜସ୍ୱ) ପ୍ରଦୀପ କୁମାର ମିଶ୍ର, ନିର୍ଦ୍ଦେଶକ କେଶବ ରାଓ ଓ ଯୁଗଳ କୁମାର ବୋରା, ସାଧାରଣ ପରିଚାଳକ ଅଶୋକ କୁମାର ଧଳ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।


RAIN, SUN AND FIREPROOF
KONARK IS THE RIGHT ROOF

KONARK
Right at the top

USE

KONARK
AC SHEETS & ACCESSORIES

**UAL - ODISHA**
**(PROP. : UAL INDUSTRIES LTD.)**
**(AN ISO 9001, 14001 & 45001 CERTIFIED COMPANY)**

ODISHA WORKS
At/P.o. Korian, Dist. Dhenkanal-759013 (Odisha)
Mobile : 9437021312, 9437960758
E-mail : brmohanty@ualind.com

BENGAL WORKS
UAL - BENGAL
Guptamani Kultikri Road, Midnapore (West Bengal)
Phone : (03222) 202401, 202402
Fax : (03222) 257274, E-mail : ual_kgp@ualind.com

U.P. WORK
UAL - UTTAR PRADESH
At- Barmanpur, Tehsil- Kerakat, Dist. Jaunpur - 222129 (U.P.)
Phone : (05450) 249301, E-mail : ual_up@ualind.com



*WHILE SOME PERSUE FOR EXCELLENCE*
*WE ARE BORN TO EXCELL.*


# ଦଶମ ବୋର୍ଡ ପରୀକ୍ଷା ଲାଗି ବୈଠକ

**ଅନୁଗୋଳ, ୧୫।୨(ସମିସ):** ଚଳିତ ବର୍ଷ ଅନୁଗୋଳ ଜିଲ୍ଲାରେ ଆୟୋଜିତ ହେବାକୁଥିବା ଦଶମ ବୋର୍ଡ ପରୀକ୍ଷା ନିମନ୍ତେ ପରୀକ୍ଷା କେନ୍ଦ୍ରର ପରିଚାଳକ ତଥା ପ୍ରଧାନଶିକ୍ଷକ ଏବଂ ନୋଡାଲ ସେଣ୍ଟର ପରିଚାଳକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱଚ୍ଛ ପରୀକ୍ଷା ପରିଚାଳନା ସମ୍ବନ୍ଧରେ ଦିଗଦର୍ଶନ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରିଣୀ ସୁସ୍ମିତା ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର ପ୍ରଶ୍ନପତ୍ର ଖୋଲିବାର ସଠିକ୍ ସମୟ ଓ ପ୍ରକ୍ରିୟା, ପରୀକ୍ଷାର୍ଥୀମାନଂକ ପାଇଁ ପାନୀୟ ଜଳର ବନ୍ଦୋବସ୍ତ, ପୃଥକ ଶୌଚାଳୟର ବ୍ୟବସ୍ଥା ଓ ଦିବ୍ୟାଙ୍ଗ ପରୀକ୍ଷାର୍ଥୀମାନଂକୁ ଅତିରିକ୍ତ ସମୟ ସୀମା ଇତ୍ୟାଦି ବିଷୟରେ ପାଓ୍ୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକ, ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।






ଅନୁଗୋଳ ସ୍ୱତନ୍ତ୍ର
ସକାଳ THE SAKALA
www.sakalaepaper.com

# ଲୋକସଂସ୍କୃତି ଓ ପରମ୍ପରାରେ ଅନୁଗୋଳ-ଢେଙ୍କାନାଳ

ଗୋଟିଏ ଜାତିର ବର୍ଷ ବର୍ଷ ଧରି ପ୍ରଚଳିତ ଲୋକକଥା, ଲୋକକଳା, ଲୋକ ସଙ୍ଗୀତ, ଲୋକନାଟ୍ୟର ଏକ ସମ୍ମିଳିତ ଓ ବ୍ୟାପକ ଚାପ ହେଉଛି ଲୋକସଂସ୍କୃତି। ଯାହା ଜନଜୀବନର ଏକ ନିଛକ ପ୍ରତିଫଳନ। ଆଧ୍ୟାତ୍ମିକ ଭାବନା ସହିତ ମନୋରଞ୍ଜନର ଅଭିନବ ସମନ୍ୱୟ ହିଁ ଏହାର ବିଶେଷତ୍ୱ। ଜୀବନ ସହିତ ସଂସ୍କୃତିକୁ ଯୋଡ଼ି ତା ସହିତ ବିଶ୍ୱାସ ବିଜୟରେ ଆବଦ୍ଧ ହୋଇ ଏକ ନୈସର୍ଗିକ ଚେତନା ଆଣିଦେବା ହେଉଛି ଲୋକ ସଂସ୍କୃତିର ଧର୍ମ। ଆଧ୍ୟାତ୍ମିକ ଭାବନାରେ ଉଦ୍‌ବୁଦ୍ଧ ହୋଇ ତାକୁ ପିଢ଼ି ପିଢ଼ି ପରେ ସମ୍ମାନ ଦେବାକୁ ଯାଇ କେଉଁ ଆଦିମ କାଳରୁ ସୃଷ୍ଟି ହୋଇ ଏଯାବତ୍ ଚାଲିଆସିଛି ପରମ୍ପରା। ସଂସ୍କୃତି ଓ ପରମ୍ପରାକୁ ସମ୍ମାନଦେଇ ତାକୁ ପାଳନ କରିବା ମଣିଷର ଧର୍ମ ପାଲଟିଯାଇଛି। ନିଜର ଇଷ୍ଟ ଦେବାଦେବୀଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ସହିତ ପାରିବାରିକ ସୁଖ-ସମୃଦ୍ଧି କାମନା, ଏକ ଅନାଗତ ଭୟ ବା ବିପତ୍ତିଠାରୁ ଲକ୍ଷ୍ୟ ପାଇବାର ମାନସିକତା ଭିତରେ ବଞ୍ଚିରହିଛି ଆମ ଲୋକ ସଂସ୍କୃତି ଓ ପରମ୍ପରା। ସମ୍ପର୍କ, ଏକତା, ସଦ୍‌ଭାବ ଭାଇଚାରା, ସୃଜନଶୀଳତା, ଖାଦ୍ୟ ଏବଂ ସର୍ବୋପରି ନିଜର ରୁଚି ଓ ପୋଷାକ ପରିଛଦର ସାର୍ଥକ ଅନୁସରଣ କରିଥିବା କାରଣରୁ ସମ୍ଭବତଃ ଏହା ଏତେ ଲୋକପ୍ରିୟ। ଏହି ପରିପ୍ରେକ୍ଷୀରେ ଲୋକସଂସ୍କୃତି ଓ ପରମ୍ପରାକୁ ନେଇ ସମୃଦ୍ଧ ଅନୁଗୋଳ-ଢେଙ୍କାନାଳ ଜିଲ୍ଲା। ଏସବୁ କେବଳ ନିଜ ନିଜର ଜିଲ୍ଲା ମଧ୍ୟରେ ସୀମିତ ନ ରହି ରାଜ୍ୟ ଓ ଦେଶ ବିଦେଶ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଲୋସଂସ୍କୃତି ଭିତରେ ଆମ ଜିଲ୍ଲା ସାଉଁଟିପାରିଛି ପ୍ରଶଂସା। ବିଶ୍ୱର କେଉଁ କୋଣ ଅନୁକୋଣରେ ଥାଇ ସୁଦ୍ଧା ଏହି ଜିଲ୍ଲାର ମଣିଷଟିଏ ନିଜ ଜିଲ୍ଲାର ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ ଅନୁଭବ କରିଥାଏ।

ନବମ ଶତାବ୍ଦୀରେ ଚତୁର୍ଥ ଦଶନ୍ଧିବେଳକୁ ଅନୁଗୋଳ ମୁଲକର ଶାସନକର୍ତ୍ତା ଥିଲେ କନ୍ଧ ଦଳପତି ଅନୁ ବଳବନ୍ତରାୟ। ନିଜ କ୍ଷମତାରେ ଅନ୍ଧହୋଇ ପ୍ରଜାଙ୍କ ଉପରେ ସେ ଆରମ୍ଭ କରିଦେଇଥିଲେ ଅତ୍ୟାଚାର। ଏପରିକି ଓଡ଼ିଶାର ଗଜପତି ମହାରାଜାଙ୍କୁ ସମ୍ମାନ ଭାବେ ପ୍ରଦାନ କରାଯାଉଥିବା ପରମ୍ପରାଗତ ବାର୍ଷିକ ସଲାମୀ ବା କରକୁ ସେ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ଏଥିରେ ଅପମାନିତ ହୋଇ ଗଜପତି ମହାରାଜା ତାଙ୍କୁ ଉଚିତ୍ ଶିକ୍ଷା ଦେବାପାଇଁ ତାଙ୍କଠାରେ ଆଶ୍ରିତ ମଥୁରାର ଚାରିଜଣ ରାଜକୁମାରଙ୍କୁ ସେଠାକୁ ପଠାଇଥିଲେ। ଅନୁରାଜା ଏମାନଙ୍କୁ ମଧ୍ୟ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ। ଏଥିରେ ଅତିଷ୍ଠ ହୋଇ ରାଜକୁମାରମାନେ ଅନୁରାଜାଙ୍କ ବିରୋଧୀ ସର୍ଦ୍ଦାରଙ୍କ ସହିତ ହାତ ମିଳାଇ ତାଙ୍କ ଅନୁଗତମାନଙ୍କ ସହିତ ଗୋଳକରିବା ଆରମ୍ଭ କରିଦେଲେ। ଉଭୟପକ୍ଷ ମଧ୍ୟରେ ଖଣ୍ଡଯୁଦ୍ଧ (ଗୋଳ) ଲାଗି ରହିଲା। ଏହାକୁ ମୁକାବିଲା କରିବାରେ ଅସମର୍ଥ ବୋଧକଲେ ଅନୁ ବଳବନ୍ତରାୟ। ଫଳରେ ସେମାନଙ୍କ ହାତରେ ସେ ନିଜ ଜୀବନ ହାରିଲେ। ଏହି ମୁଲକର ଶେଷ କନ୍ଧ ଦଳପତି ଅନୁ ଓ ତାଙ୍କ ସହାୟକ ଦୁର୍ଦ୍ଧର୍ଷ ସର୍ଦ୍ଦାରଙ୍କୁ ପରାହତ କରିବା ନିମିତ୍ତ ଚାରି ରାଜପୁତ୍ରଙ୍କ ଅସୀମ ବୀରତ୍ୱ ଓ ସାହସିକତାର ଷଡ଼ଯନ୍ତ୍ର (ଗୋଳ)ର ଭୟାବହତାକୁ ସ୍ମରଣ ରଖିବା ପାଇଁ ଚାରି ରାଜପୁତ୍ର ଏହି ମୁଲକର ନାଁ ରଖିଲେ - 'ଅନୁଗୋଳ'।

ଅନୁଗୋଳର ଶେଷ ସ୍ୱାଧୀନ ରାଜା ହେଉଛନ୍ତି ମହାରାଜା ସୋମନାଥ ସିଂହ ଜଗଦ୍ଦେବ। କନ୍ଧ ଦଳପତିଙ୍କ ଶାସନ, ରାଜତନ୍ତ୍ର ଶାସନ, ବ୍ରିଟିଶ ଶାସନ- ଏସବୁ ଘାତ ପ୍ରତିଘାତ ମଧ୍ୟରେ ନିଜର ଅସ୍ତିତ୍ୱକୁ ଜାହିର କରିପାରିଥିଲା ଅନୁଗୋଳ। ଭାରତ ସ୍ୱାଧୀନତା ପ୍ରାପ୍ତି ତା ପାଇଁ ଆଣିଦେଇଥିଲା ଅଭୁତପୂର୍ବ ଉତ୍ସାହ ଓ ପ୍ରେରଣା। ଗଣତନ୍ତ୍ର ଶାସନ ପରିପ୍ରେକ୍ଷୀରେ ଅନୁଗୋଳ ଥିଲା ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଭୁକ୍ତ। ୧୯୯୩ ମସିହା ଏପ୍ରିଲ ମାସ ୧ ତାରିଖ ପବିତ୍ର ଉତ୍କଳ ଦିବସରେ 'ଅନୁଗୋଳ' ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଲାଭ କରିପାରିଥିଲା।

କଳା-ସଂସ୍କୃତିର ମାଟି ଅନୁଗୋଳ ଦଣ୍ଡ, ଲଉଡ଼ି ଖେଳ, ପାଲା, ରାବଣଛାୟା, ଦାସକାଠିଆ, ରାମଲୀଳା, ସଂକୀର୍ତ୍ତନ, କୃଷ୍ଣଗୁରୁ, ଧୁଡୁକି ନାଚ, କରମା ପରି ମନୋରନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ବଜାୟ ରଖିପାରିଛି ଧାର୍ମିକ ବିଶ୍ୱାସ ଓ ପରମ୍ପରା। ଏସବୁ ମଧ୍ୟରେ ନୃତ୍ୟ, ସଙ୍ଗୀତ, କଳା ଓ ଅଭିନୟର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥାଏ। ଓଡ଼ିଶାର ଅତି ପ୍ରାଚୀନ, ବହୁଳ ପ୍ରସାରିତ ତଥା ଜନପ୍ରିୟ ଲୋକନୃତ୍ୟ ହେଉଛି ଦଣ୍ଡନାଚ। ଶିବଶକ୍ତିଙ୍କ ତାନ୍ତ୍ରିକ ଉପାସନା ଏଥିରେ ଅନୁସୃତ ହୋଇଥାଏ। ମାନସିକଧାରୀ ଦଣ୍ଡର ବିଧିବିଧାନ ଅନୁଯାୟୀ ନିଷ୍ଠାର ସହିତ ଏ ବ୍ରତ ପାଳନ କରିଥାନ୍ତି। ଧୂଳିଦଣ୍ଡ, ପାଣିଦଣ୍ଡ ଓ ଅଗ୍ନିଦଣ୍ଡ ଆଦି ତିନୋଟି ପର୍ଯ୍ୟାୟରେ ଦଣ୍ଡ ଉପାସନା କରାଯାଇଥାଏ। ହାଡ଼ି-ହାଡ଼ିଆଣୀ, ଶିବ-ପାର୍ବତୀ, ଯୋଗୀ-ଯୋଗୀଆଣୀ, କେଳା-କେଳୁଣୀ, ଚଢ଼େୟା-ଚଢ଼େୟାଣୀ, ଶବର-ଶବରୁଣୀ, ବୀଣାକାର-କାରୁଆଣୀ ଆଦି ସୁଆଙ୍ଗମାନେ ଦଣ୍ଡନାଚର ଗୁରୁତ୍ୱ ବଢ଼ାଇଦେଇଥାଏ। ଢୋଲ, ମାଦଳ, ମହୁରୀ, ଗିନି, ନାଗରା, ଝା, ଝୁମୁକା ପରି ବାଦ୍ୟଯନ୍ତ୍ର ଏହି କାର୍ଯ୍ୟକ୍ରମକୁ ଶ୍ରୁତିମଧୁର କରି ଗଢ଼ିତୋଳେ।

ଭଗବାନ ସତ୍ୟନାରାୟଣଙ୍କ ପୂଜା ଓ ମହାତ୍ମ୍ୟ ଉପରେ ଆଧାରିତ ମନୋରଞ୍ଜନଧର୍ମୀ ଲୋକସଂସ୍କୃତି 'ପାଲା' ଜିଲ୍ଲାର ଭିନ୍ନ ଏକ ସାଂସ୍କୃତିକ ବିଭବ। ବାଦକ (ମୃଦଙ୍ଗ), ଶ୍ରୀପାଳିଆ, ସହପାଳିଆ ଓ ମୁଖ୍ୟ ଗାୟକଙ୍କୁ ନେଇ ପରିବେଷଣ କରାଯାଉଥିବା ପାଲାକୁ 'ଷୋଳପାଲା' କୁହାଯାଏ। ଗାୟନ ପାଲାର ମୁଖ୍ୟ ଅଙ୍ଗ ଥିବାବେଳେ ସାହିତ୍ୟ ଚର୍ଚ୍ଚା ହେଉଛି ଏହାର ମୂଳଲକ୍ଷ୍ୟ। ସଂସ୍କୃତି କାବ୍ୟ ପରମ୍ପରା, ରୀତି ସାହିତ୍ୟ ଛନ୍ଦ, ଭଜନ, ଚମ୍ପୂ, ଚଉପଦୀ, ଲୋକଗୀତ ଓ ତତ୍କାଳ ସଂଯୋଜିତ ଗୀତ ଓ ସଂଳାପ କାରଣରୁ ଏହା ସ୍ୱତନ୍ତ୍ର ଓ ଅନ୍ୟାନ୍ୟ। ମୃଦଙ୍ଗ, ଖୋଳ, ଝାଞ୍ଜ ଇତ୍ୟାଦି ଏହାର ପ୍ରମୁଖ ବାଦ୍ୟଯନ୍ତ୍ର।

କୃଷ୍ଣଭକ୍ତି ଉପରେ ପର୍ଯ୍ୟବେସିତ ଲଉଡ଼ିନୃତ୍ୟ ହେଉଛି ଅନୁଗୋଳର ଏକ ପ୍ରାଚୀନ ଲୋକନୃତ୍ୟ। ଫାଲ୍‌ଗୁନ ଶୁକ୍ଳପକ୍ଷ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଜିଲ୍ଲାର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଦୋଳପର୍ବ ଅବସରରେ ଏହି ଲଉଡ଼ିନୃତ୍ୟ ପରିବେଷିତ ହୋଇଥାଏ। କ୍ରୀଡ଼ା ଓ ନୃତ୍ୟ ସହିତ ବାଡ଼ି ସହିତ ବାଡ଼ିର ଘାତ-ପ୍ରତିଘାତରେ ଉତ୍ପନ୍ନ ତାଳଯୁକ୍ତ ଠକ୍ ଠକ୍ ଶବ୍ଦ ବା ଧ୍ୱନି କାରଣରୁ ଏହା ଦେଖଣାହାରୀଙ୍କୁ ମନ୍ତ୍ରମୁଗ୍ଧ କରିଥାଏ।

ଓଡ଼ିଶାର ପ୍ରଚଳିତ ଛାୟା ନାଟକର ନାମ 'ରାବଣଛାୟା'। ରାମାୟଣର କଥାବସ୍ତୁକୁ ଉପଜୀବ୍ୟକରି ଏହି କଳା ପରିବେଷିତ ହେଉଥିବାରୁ ଏହାର ସମ୍ଭବତଃ ଏପରି ନାମକରଣ ହୋଇଛି। ଏକ ଧଳା ପରଦା ପଛରେ ଦୀପର ଉଜ୍ଜ୍ୱଳ ଆଲୋକରେ ଚମଡ଼ା ନିର୍ମିତ କଣ୍ଢେଇଗୁଡିକର ନିଖୁଣ ପ୍ରଦର୍ଶନ ଫଳରେ ଏହାର ଛାୟା ଧଳା ପରଦା ଉପରେ ପଡ଼ି ଚଳଚ୍ଚିତ୍ର ପରି ଏହା ଦର୍ଶକଙ୍କୁ ଦେଇଥାଏ ବିପୁଳ ମନୋରଞ୍ଜନ। ନେପଥ୍ୟରେ ସଂଳାପ ଓ ସଙ୍ଗୀତର ମନମତାଣିଆ ଧୂଳି କାର୍ଯ୍ୟକ୍ରମକୁ ମନୋରମ କରିଥାଏ। ଅନୁଗୋଳ ଜିଲ୍ଲା ପାଲଲହଡ଼ା ଅନ୍ତର୍ଗତ ଓଡ଼ିଶା ଗ୍ରାମ ଛାୟାନାଟକ 'ରାବଣଛାୟା' ପାଇଁ ବେଶ୍ ଖ୍ୟାତି। ଭାଟ ସମ୍ପ୍ରଦାୟର ନୃତ୍ୟଗୁରୁ କାଠିନନ୍ଦ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ 'ରାବଣଛାୟା ନାଟ୍ୟସଂସଦ' ଏହି ଲୋକକଳାର ପ୍ରଚାର-ପ୍ରସାର ଦିଗରେ କାର୍ଯ୍ୟରତ।



ଲୋକକଳାର ଅନ୍ୟ ଏକ ସାର୍ଥକ ନିଦର୍ଶନ ହେଉଛି 'ଦାସକାଠିଆ'। କୁହାଯାଏ ରାମ-ରାବଣ ଯୁଦ୍ଧରେ ହନୁମାନ ଦାସକାଠି ବଜାଇ ରାମଚନ୍ଦ୍ରଙ୍କୁ ପ୍ରୀତି କରିଥିବାରୁ ବାଦ୍ୟର ନାମ ଦାସକାଠିଆ ହୋଇଛି। ରାମାୟଣ, ମହାଭାରତ, ଭାଗବତ ତଥା ପୌରାଣିକ କାହାଣୀ ଆଧାରରେ ଭିନ୍ନ ଭିନ୍ନ ତାଳ ଓ ଶୈଳୀରେ ଦୁଇଖଣ୍ଡ କାଠି ସାହାଯ୍ୟରେ ଦାସକାଠିଆ ପରିବେଷିତ ହୋଇଥାଏ। ଗାୟକ (ଗାହାଣ) ଓ ସହଯୋଗୀ (ପାଳିଆ) ଏହିପରି ଦୁଇଜଣ କଳାକାରଙ୍କୁ ନେଇ ଏହି ଲୋକକଳା ସମୃଦ୍ଧ ଓ ପୁଷ୍ଟ। ପ୍ରଭୁ ରାମଚନ୍ଦ୍ରଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଭାବରେ ପ୍ରତିଷ୍ଠା କରିବା ହେଉଛି ରାମଲୀଳା ଲୋକନାଟକର ବିଶେଷତ୍ୱ। ରାମାୟଣର ସାତକାଣ୍ଡକୁ ନେଇ ଏହି ନାଟକ ପରିବେଷିତ ହୋଇଥାଏ। ଅନୁଗୋଳ ଜିଲ୍ଲାର ଧଉରାପାଲି ରାମଲୀଳା ସଂଘ, କମ୍ପିଲା ରାମଲୀଳା, ନୂଆମାତାତ୍ରୀ ରାମଲୀଳା, କାଦପଡ଼ା ଶ୍ରୀ ଶ୍ରୀ ରଘୁନାଥ ଜୀଉ ନାଟ୍ୟସଂସଦ, ହିଂସେଇ ରାମଲୀଳା ସଂଘ, ଫୁଲଝରୀ ରାମଲୀଳା ସଂଘ ଆଦି ନାଟ୍ୟାନୁଷ୍ଠାନ ଏହି ଲୋକକଳାର ପ୍ରଚାର-ପ୍ରସାର ଦିଗରେ ମନୋନିବେଶ କରିଛନ୍ତି।

ପ୍ରେମ ଭକ୍ତିର ମାର୍ଗ ହେଉଛି ସଂକୀର୍ତ୍ତନ। ଶ୍ରୀ ଚୈତନ୍ୟଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଅନୁଗୋଳ ଜିଲ୍ଲାର ପୁରପଲ୍ଲୀଠାରୁ ସହର ଯାଏଁ ସଂକୀର୍ତ୍ତନ ପରିବେଷଣ ହୋଇଆସୁଅଛି। ଏଠାରେ ଉଭୟ ନଦୀୟା ଓ ଓଡ଼ିଶୀ କୀର୍ତ୍ତନ ଗାନ କରାଯାଇଥାଏ। ମୃଦଙ୍ଗ ତାଳେତାଳେ ନୃତ୍ୟକରିବା ଓ କୀର୍ତ୍ତନ କରିବା ଏହାର ପ୍ରମୁଖ ବିଶେଷତ୍ୱ। ଅନୁଗୋଳ ଜିଲ୍ଲାରେ ୩୪୨ଟି ସଂକୀର୍ତ୍ତନ ମଣ୍ଡଳୀ ଥିବାର ଜଣାଯାଏ। ସେହିପରି ଭାଗବତ ଧର୍ମର ପ୍ରଚାର-ପ୍ରସାର ପାଇଁ ଗଢ଼ି ଉଠିଥିବା ଆଧ୍ୟାତ୍ମିକ ଲୋକକଳା ହେଉଛି - କୃଷ୍ଣଗୁରୁ। ଏହାର ବିଶେଷତ୍ୱ ହେଲା ପ୍ରଭୁ ଶ୍ରୀକୃଷ୍ଣଙ୍କ ଗୁଣକୀର୍ତ୍ତନ ସହିତ ଭାଗବତ ପୂଜନ ଓ ପଠନ। ମୃଦଙ୍ଗ, ଝା, ଖଣୀ, ଗିନି, ତାଳ, ଶଙ୍ଖ, ଘଣ୍ଟ, ମହୁରୀ ଓ ବଂଶୀ ଆଦି ବାଦ୍ୟଯନ୍ତ୍ର ସହିତ ପରିବେଷିତ 'କୃଷ୍ଣଗୁରୁ' ଭଜନ ବେଶ୍ ମନମୁଗ୍ଧକର ଓ ହୃଦୟସ୍ପର୍ଶୀ।

ଅନୁଗୋଳ ଜିଲ୍ଲାର ମୋଟ୍ ଲୋକସଂଖ୍ୟାର ମାତ୍ର ୧୪ ପ୍ରତିଶତ ଲୋକ ହେଉଛନ୍ତି ଆଦିବାସୀ। ଦଣ୍ଡ, ବଣ୍ଡି, କରମା, ଘୁମୁରା ଆଦି ଲୋକନୃତ୍ୟରେ ଏମାନେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି। ଆଦିବାସୀ ଲୋକସଂସ୍କୃତିର ଏକ ମହାନ୍ ପର୍ବ ଭାବରେ 'କରମା'ରେ ମା' କରମ୍‌ସାନୀଙ୍କୁ ପୂଜା କରାଯାଇଥାଏ। ଲୋକସଙ୍ଗୀତ ମାଧ୍ୟମରେ ମା'ଙ୍କ ସ୍ତୁତିଗାନ ଓ ମାଦଳର ତାଳେ ତାଳେ ଆଦିବାସୀଙ୍କ ମିଳିତ ନୃତ୍ୟ ଅତୀବ ମନଲୋଭା।

ଐତିହ୍ୟ, ସଂସ୍କୃତି, କଳା, ପରମ୍ପରାର ଅନନ୍ୟ ଭୂମି ହେଉଛି ଢେଙ୍କାନାଳ। 'ଢେଙ୍କା' ନାମଧାରୀ ଏକ ଶବର ରାଜାଙ୍କୁ ପରାସ୍ତକରି ତାଙ୍କ ଦ୍ୱାରା ଶାସିତ ଅଞ୍ଚଳକୁ ଭଞ୍ଜବଂଶୀୟ ରାଜାମାନେ ନିଜ ଅଧିକାରକୁ ଆଣିପାରିଥିଲେ। ଢେଙ୍କାପୀଢ଼ରେ ରାଜା ହରିସିଂହ ବିଦ୍ୟାଧର ପ୍ରତିଷ୍ଠା କରିଥିଲେ ତାଙ୍କର ନୂତନ ରାଜଧାନୀ। ନାଳ(ନାଳୀ)ର ଅର୍ଥ ହେଉଛି ବସ୍ତି ବା ଜନପଦ। 'ଢେଙ୍କା' ଶବର ରାଜାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେହି ଜନପଦକୁ ରାଜା ଯେଉଁ ନାମ ଦେଇଥିଲେ, ତାହା ହେଲା - 'ଢେଙ୍କାନାଳ'। ୧୫୩୦ ମସିହାରେ ପୂର୍ଣ୍ଣାଙ୍ଗ ଢେଙ୍କାନାଳ ରାଜ୍ୟ ପ୍ରତିଷ୍ଠା ହୋଇଥିଲା। ମୋଟ ଅଠର ଜଣ ରାଜା ଢେଙ୍କାନାଳ ସିଂହାସନ ଆରୋହଣ ପୂର୍ବକ ଶାସନ କରିଥିଲେ। ରାଜା ଭଗୀରଥ ମହୀନ୍ଦ୍ର ବାହାଦୂରଙ୍କ ସମୟକୁ 'ଢେଙ୍କାନାଳର ସୁବର୍ଣ୍ଣ ଯୁଗ' ଭାବରେ ପରିଗଣିତ କରାଯାଏ। ରାଜା ଶଙ୍କର ପ୍ରତାପ ମହୀନ୍ଦ୍ର ବାହାଦୂର ୧୯୪୭ ମସିହା ଡିସେମ୍ବର ମାସ ୧୩ ତାରିଖ ଦିନ ଗଡ଼ଜାତ ମିଶ୍ରଣ ପ୍ରସ୍ତାବକୁ ଅନୁମୋଦନ କରିଥିଲେ। ଫଳରେ ଢେଙ୍କାନାଳ ଗଡ଼ଜାତ ରାଜ୍ୟଟି ବୃହତ୍ତ ଓଡ଼ିଶାର ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଲାଭ କରିଥିଲା।

ଢେଙ୍କାନାଳ ଜିଲ୍ଲା ଓଡ଼ିଶାର କେନ୍ଦ୍ରାଞ୍ଚଳରେ ଥିବା କାରଣରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଚାଲିଚଳଣ, ପୂଜାପାର୍ବଣ, ଓଷାବ୍ରତ, ନୃତ୍ୟ, ସଙ୍ଗୀତ ଓ କଳା ସଂସ୍କୃତିର ପ୍ରଭାବ ଏହା ଉପରେ ପଡ଼ିଥାଏ। ଦଣ୍ଡନାଚ, ଘୋଡ଼ାନାଚ, ଘୁମୁରାନାଚ, ଛଉନାଚ, ସଂକୀର୍ତ୍ତନ, ଘଣ୍ଟପାଟୁଆ ନାଚ, ପାଇକଖେଳ, ଗୋପାଳ ଓଗାଳ, ଲୀଳାନାଟ ବା ଯାତ୍ରା, ପାଲା, ଦାସକାଠିଆ, ଚାଙ୍ଗୁ, କେନ୍ଦରା ଗୀତ, କଣ୍ଢେଇନାଚ, ଧୁଡୁକି ବା ଘୁଡୁକି ନାଚ ଏ ଜିଲ୍ଲାର କଳା-ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାରେ ବେଶ୍ ସମର୍ଥ ହୋଇପାରିଛି।

ଏହି ସମସ୍ତ ନୃତ୍ୟ-ସଙ୍ଗୀତ ମଧ୍ୟରେ ଆଧ୍ୟାତ୍ମିକ ଭାବ ଓତଃପ୍ରୋତ ଭାବେ ଜଡିତ। ଦେବଦେବୀଙ୍କ ଉପାସନା ସହିତ ନିରୋଳା ମନୋରଞ୍ଜନ ଦେବାପାଇଁ ଏସବୁ ଉଦ୍ଦିଷ୍ଟ। ଦଶହରା ପର୍ବ ସମୟରେ ପାଇକମାନେ ଖଣ୍ଡା, ଢାଲ ସହିତ ପାଇକନାଚ ପରିବେଷଣ କରିବା ମଧ୍ୟରେ ଯୁଦ୍ଧକୌଶଳ ପ୍ରଦର୍ଶନ କରିଥାନ୍ତି। ଏହି ସାମରିକ ନୃତ୍ୟ ଢେଙ୍କାନାଳର ଗାରିମାକୁ ବଢ଼ାଇଦେଇ ପାରିଛି। ଦଣ୍ଡନାଚ, ଘୋଡ଼ାନାଚ, ଘଣ୍ଟପାଟୁଆ ଓ ଗୋପାଳ ଓଗାଳ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ନିହିତ ଥାଏ ଧର୍ମୀୟ ଚେତନା ଓ ଈଶ୍ୱର ଉପାସନା। ପାଲା, ଦାସକାଠିଆ, କେନ୍ଦରା ଓ ଧୁଡୁକି ମଧ୍ୟରେ ଆଧ୍ୟାତ୍ମିକ ଭାବ ଥିଲେ ମଧ୍ୟ ଏହାକୁ ବ୍ୟବସାୟିକ ବୃତ୍ତି ଭାବରେ କଳାକାରମାନେ ଆପଣେଇ ନେଇଥାନ୍ତି। ଦଣ୍ଡ, ଲଉଡ଼ିଖେଳ, ପାଲା, ସଂକୀର୍ତ୍ତନ, ଦାସକାଠିଆ ଆଦି ଲୋକସଂସ୍କୃତିରେ ଉଭୟ ଜିଲ୍ଲାରେ ସମାନତା ପରଲକ୍ଷିତ ହୋଇଥାଏ। ମହିମାଧର୍ମ ଓ ଲକ୍ଷ୍ମୀପୂଜା ପରି ଦୁଇଟି ମହାନ ଆଧ୍ୟାତ୍ମିକ ଚେତନାରେ ପୁଷ୍ଟ ହୋଇଛି ଢେଙ୍କାନାଳ। ମହିମାଧର୍ମର ଆଦିପୀଠ ଯୋରନ୍ଦାଠାରେ ଅଲେଖ ମହିମାଧର୍ମର ଅଭ୍ୟୁଦୟ ଘଟିଥିଲା। ରାଜା ଭଗୀରଥ ମହୀନ୍ଦ୍ର ବାହାଦୂରଙ୍କ ସହଯୋଗ କ୍ରମେ ଏହି ଧର୍ମ ଭାରତର ବିଭିନ୍ନ କୋଣ ଅନୁକୋଣରେ ପହଞ୍ଚି ପାରିଛି। ମହିମାଧର୍ମର ନୀତି, ନିୟମ, ଧର୍ମଧାରଣା ଓ ପରମ୍ପରା ଢେଙ୍କାନାଳ ମାଟିରୁ ହିଁ ସ୍ଥିରହେବା ଏ ଅଞ୍ଚଳ ପାଇଁ ଗୌରବ ସାବ୍ୟସ୍ତ ହୋଇଛି। ଉଭୟ ଯୋରନ୍ଦା ପୀଠ ଓ ତପୋବନ ଆଶ୍ରମ ମହିମା ଧର୍ମର ମହାନ ଉପଲବ୍ଧିକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ସଦା ଚେଷ୍ଟିତ। ଲକ୍ଷ୍ମୀପୂଜାର ଆଧ୍ୟାତ୍ମିକ ପରିବେଶ ସାଙ୍ଗକୁ ନିରୋଳା ମନୋରଞ୍ଜନର ଖୋରାକ ଦେଇଥାଏ ଏହି ଢେଙ୍କାନାଳ ମାଟି। ୧୯୨୩ ମସିହାରେ ଢେଙ୍କାନାଳର ଲକ୍ଷ୍ମୀପୂଜାରେ ପ୍ରଥମଥର ପାଇଁ ମୃଣ୍ମୟ ମୂର୍ତ୍ତି ପୂଜାର ପରମ୍ପରା ଆରମ୍ଭ ହୋଇଥିଲା। ସହର ମଧ୍ୟରେ ଥିବା ପ୍ରତିଟି ବଜାର ପ୍ରତ୍ୟେକ ବର୍ଷ ନିଆରା ଢଙ୍ଗରେ ଲକ୍ଷ୍ମୀପୂଜା କରିବାକୁ ରୀତିମତ ଆରମ୍ଭ କରିଦେଇଥାନ୍ତି ପ୍ରତିଯୋଗିତା। ଭାଇଚାରା ଭାବନେଇ ଏହି ମିଳିତ ଯାତ୍ରା କାରଣରୁ ଗଜଲକ୍ଷ୍ମୀ ପୂଜା ଢେଙ୍କାନାଳବାସୀଙ୍କ ପାଇଁ ଜାତୀୟ ଉତ୍ସବର ମାନ୍ୟତା ଲାଭ କରିଛି।

ଢେଙ୍କାନାଳରେ ଗଙ୍ଗବଂଶୀୟ ରାଜାମାନେ ବୈଷ୍ଣବ ସଂସ୍କୃତିର ବିକାଶ ଘଟାଇଥିଲେ। ଫଳରେ ଢେଙ୍କାନାଳରେ ପୂର୍ବାଞ୍ଚଳରେ ଶୈବ ସଂସ୍କୃତି ଓ ପଶ୍ଚିମାଞ୍ଚଳରେ ବୈଷ୍ଣବ ସଂସ୍କୃତିର ପ୍ରସାର ଘଟିଥିଲା। ବୈଷ୍ଣବ ସଂସ୍କୃତିର ପ୍ରସାରହେବା କାରଣରୁ କନ୍ତିଓଠାରେ ନୃସିଂହ ମଠ, ବାଲ୍ୟାମ୍ବାଠାରେ ଅନନ୍ତ ଶୟନ ବିଷ୍ଣୁ, ଭାପୁରଠାରେ ରାଧାକାନ୍ତ ମନ୍ଦିର, ଧଳପଡ଼ାରେ ରାଧାକୃଷ୍ଣ ମନ୍ଦିର, ଖୋକସାଠାରେ ଗୋପାଳଜୀଉ ମନ୍ଦିର, ବେଢ଼ାପାଳ ଓ ଆଦିପୁର ଠାରେ ମଦନମୋହନ ମଠ ଓ ମନ୍ଦିର ଗଢ଼ି ଉଠିଥିଲା। ଏସବୁ ପୀଠମାନଙ୍କରେ ହରିହାଟ, ଅଷ୍ଟପ୍ରହରୀ ଓ ସଂକୀର୍ତ୍ତନ ଆଦିର ଆୟୋଜନ କରାଯାଇଥାଏ। ଯାହାକି ଲୋକସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିପାରେ ବିଶେଷ ଭୂମିକା ଗ୍ରହଣ କରିପାରିଛି।

ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ମାଟି ଢେଙ୍କାନାଳରେ ଏହାର ଅଧିବାସୀଙ୍କ ସୌନ୍ଦର୍ଯ୍ୟବୋଧ ଓ ରୁଚିବୋଧ ସୁସଂସ୍କାରିତ। କଳା, ସ୍ଥାପତ୍ୟ, କାରୀଗରୀ ମଧ୍ୟରେ ସେମାନେ ଦେଇଛନ୍ତି ଆଧ୍ୟାତ୍ମିକ ଚେତନା। ସୌନ୍ଦର୍ଯ୍ୟାନୁଭୂତି ଓ ରସସ୍ୱାଦନ ଏସବୁ ମଧ୍ୟରେ ସ୍ପଷ୍ଟ ବାରି ହୋଇପଡ଼େ। ବୈଦ୍ୟନାଥ, ପଶ୍ଚିମେଶ୍ୱର, ବାଲିକେଶ୍ୱର, କନକେଶ୍ୱର ଏବଂ କପିଳେଶ୍ୱର ଆଦି ପାଞ୍ଚଟି ଶିବମନ୍ଦିର କାରଣରୁ 'ପଞ୍ଚ ଶିବକ୍ଷେତ୍ର' ବିଶେଷ ମାନ୍ୟତା ଲାଭ କରିପାରିଛି। ନାଧରାଠାରେ ଥିବା ଚଣ୍ଡିମୂର୍ତ୍ତି ହେଉଛନ୍ତି ଅଷ୍ଟଭୂଜା। ଶକ୍ତି ଉପାସନା ପରିପ୍ରେକ୍ଷୀରେ ଏ ସ୍ଥାନ ବିଶେଷ ଗୁରୁତ୍ୱ ବହନ କରେ। କପିଳାସର ବିଖ୍ୟାତ ଶୈବପୀଠ ଚନ୍ଦ୍ରଶେଖର ଓ ସପ୍ତଶଯ୍ୟା ପର୍ବତମାଳା ମଧ୍ୟରେ ଯେଉଁ ଆଧ୍ୟାତ୍ମିକ ସହର ମଧ୍ୟରେ ଥିବା ବଳରାମ ମନ୍ଦିର ମଧ୍ୟ ସ୍ୱତନ୍ତ୍ର ଓ ଅନନ୍ୟ।

ଲୋକ ସଂସ୍କୃତି ଓ ପରମ୍ପରା ପରିପ୍ରେକ୍ଷୀରେ ଅନୁଗୋଳ ଓ ଢେଙ୍କାନାଳର ନିଆରା ନିଦର୍ଶନ ହିଁ ଏହି ଜିଲ୍ଲା ଦ୍ୱୟକୁ ସମଗ୍ର ରାଜ୍ୟରେ ବେଶ୍ ପରିଚିତ କରାଇପାରିଛି। ଏହାର ଲୋକସଂସ୍କୃତି ଆଜି ସୁଦୂରପ୍ରସାରୀ। ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ କାରଣରୁ ଏହାର ଐତିହାସିକ, ସାଂସ୍କୃତିକ, ସାମାଜିକ ଓ ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହି ଜିଲ୍ଲାଦ୍ୱୟର ମଧୁରତା ମନରେ ଯେତିକି ଆନନ୍ଦଭାବ ଜାଗ୍ରତ କରେ, ତା'ଠୁ ଅଧିକ ଆଣିଦିଏ ଆତ୍ମୀୟତା। ଭାଇଚାରାର ବନ୍ଧନ ଭିତରେ ଆବଦ୍ଧ ଏ ଜିଲ୍ଲାର ଅଧିବାସୀ ନିଜକୁ ଅନୁଗୋଳିଆ ଓ ଢେଙ୍କାନାଳିଆ ଭାବରେ ନିଜକୁ ପରିଚିତ କରାଇବା ଲାଗି ସତେଯେମିତି ପ୍ରତିଶ୍ରୁତିବଦ୍ଧ।

ସଂଗ୍ରାମ କେଶରୀ ପୃଷ୍ଟି
ଶିକ୍ଷକ, କିଶୋରନଗର ଉଚ୍ଚ ବିଦ୍ୟାଳୟ,
ରାଜକିଶୋରନଗର, ଅନୁଗୋଳ-୭୫୯୧୨୬
ଦୂରଭାଷ-୯୪୩୭୫୪୭୧୪୬

# ଅନୁଗୋଳର ବିପର୍ଯ୍ୟସ୍ତ ପରିବେଶ

ଓଡ଼ିଶା ମାନଚିତ୍ରରେ ନିଜର ଭୌଗୋଳିକ ଅବସ୍ଥିତି ଯୋଗୁଁ ଅନୁଗୋଳ ସର୍ବଦା ଅନନ୍ୟ ଏବଂ ଚିର ଭାସ୍ୱର। ବହୁବିଧ ନୈସର୍ଗିକ ସୁଷମାରେ ଭରପୂର ଏହି ଜିଲ୍ଲା। ଭଙ୍ଗିଳ ପର୍ବତମାଳାର କମନୀୟ ଶ୍ୟାମଶୋଭା, ମହାନଦୀ ଓ ବ୍ରାହ୍ମଣୀରେ କୁଳୁକୁଳୁ ନାଦ, ବିସ୍ତୀର୍ଣ୍ଣ ପ୍ରାନ୍ତରଭୂମି, ଅରଣ୍ୟାନୀର ସବୁଜିମା ଇତ୍ୟାଦି ଅନୁଗୋଳର ଅମୂଲ୍ୟ ସମ୍ପଦ। ୧୮୩୭ ମସିହାରେ ତାଳଚେରର ଗୋପାଳପ୍ରସାଦ ଠାରେ କୋଇଲାର ଆବିଷ୍କାର ଠାରୁ ୧୯୨୧ ମସିହାରେ ପ୍ରଥମ କୋଇଲା ଉତ୍ପାଦନ ଏବଂ ୧୯୯୨ ମସିହାରେ ମହାନଦୀ କୋଲ୍ ଫିଲ୍ଡ୍‌ସ ଲିମିଟେଡ୍ ଦ୍ୱାରା ତାଳଚେର କୋଇଲା ଖଣି ଅଞ୍ଚଳରେ କୋଇଲା ଉତ୍ପାଦନ ଅନୁଗୋଳର ଶିଳ୍ପାୟନ ଦିଗନ୍ତକୁ ସମୃଦ୍ଧ କରିଥିଲା। ଏବେ କିନ୍ତୁ କୋଇଲା ଖଣି ଶିଳ୍ପାୟନ ଏବଂ ଜାତୀୟ ଥର୍ମାଲ ପାୱାର ପ୍ଲାଣ୍ଟଗୁଡିକ ଯୋଗୁଁ ଅନୁଗୋଳର ପରିବେଶ ବିପର୍ଯ୍ୟସ୍ତ। ଓଡ୍ର ଭୂଖଣ୍ଡର ମଧ୍ୟ ଭାଗରେ ଅବସ୍ଥିତ ଅନୁଗୋଳର ସଂସ୍କୃତି ହେଉଛି ପରିବେଶମୂଳକ। ପରିବେଶ କହିଲେ ଆମର ଚତୁର୍ଦ୍ଦିଗରେ ଆମେ ଯାହା ଦେଖୁଛୁ, ତାକୁ ହିଁ ଆମେ ପରିବେଶ ବୋଲି ବିଚାର କରୁ। ଆମ ପରିବେଶ ହେଉଛି ବାୟୁମଣ୍ଡଳ, ଜଳ, ଆକାଶ, ପୃଥିବୀ ଓ ଆଲୋକ। ସେଥିପାଇଁ ପ୍ରାଚୀନ କାଳରୁ ପଞ୍ଚ ମହାଭୁତ କଥା କୁହାଯାଇଛି। ଏହି ପଞ୍ଚ ମହାଭୁତ ହେଉଛି କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ। ଅନୁଗୋଳର ମଣିଷ ଏହି ପରିବେଶରୁ ସୃଷ୍ଟି। ଏହି ପରିବେଶକୁ ରକ୍ଷା କରିନପାରିଲେ ଅନୁଗୋଳ ଜିଲ୍ଲାର ଭବିଷ୍ୟତ ବିପନ୍ନ ହେବ। ଆଦିମାନବ ବସବାସ କରୁଥିବା କାଳିଆକଟା, ବଡ଼କେରଜାଙ୍ଗ, ସିଙ୍ଗଡ଼ା ନଦୀ ଉପତ୍ୟକା ତାଳଚେରର ହରିଚନ୍ଦନପୁର, ମାଙ୍କଡ଼ିଆ ନଦୀ ଉପତ୍ୟକାର ସଭ୍ୟତା ଅନୁଗୋଳ ଇତିହାସରୁ ବିଲୀନ ହୋଇଯିବ। ଅନୁଗୋଳ ଅଞ୍ଚଳରେ ଏକଦା ପ୍ରଚଳିତ ଓଡ୍ର ବିଭାସାର ବିକଶିତ ରୂପ ଆଧୁନିକ ଓଡ଼ିଆ ଭାଷା ଏକଥା ଲୋକେ ଭୁଲିଯିବେ। ଅନୁଗୁଳର ଅସ୍ତିତ୍ୱ ଉପରେ ଆଘାତ ଆସିବ। ଆଜି ଅନୁଗୋଳର ବାୟୁ, ଜଳ, ମୃତ୍ତିକା, ଆକାଶ ପ୍ରଦୂଷିତ। ଅନୁଗୋଳର ବାୟୁ ପ୍ରଦୂଷଣ ପରେ ଏକ ରିପୋର୍ଟ ଦାଖଲ ନିମିତ୍ତ ଜାତୀୟ ଗ୍ରୀନ ଟ୍ରୁବୁନାଲ ନୂଆଦିଲ୍ଲୀ ୧୫ ନଭେମ୍ବର ୨୦୧୯ ମସିହାରେ ଓଏ ୬୮୨/୨୦୧୮ ର ଶୁଣାଣି କରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ସେଣ୍ଟର୍ ଫର୍ ମାଇନ୍ସ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଦାରଖରେ ୨୦୧୯ ମସିହାରେ ଏକ ରିପୋର୍ଟ ଦାଖଲ କରିଥିଲେ। ଏୟାର ଆକ୍ଟ ୧୯୮୧ ର ନିର୍ଦ୍ଧାରିତ ମାନଦଣ୍ଡ ଆଧାରରେ ଏହି ରିପୋର୍ଟଟି ପ୍ରସ୍ତୁତ ହୋଇଥିଲା। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ୍ୟ ଏହି ରିପୋର୍ଟ ପ୍ରସ୍ତୁତିର ତଦାରଖ କରିଥିଲେ। ଏହି ରିପୋର୍ଟରେ ଅନୁଗୋଳର ବାୟୁ ପ୍ରଦୂଷଣ ମୁଖ୍ୟତଃ କୋଇଲା ଖଣି, ଶିଳ୍ପ ଏବଂ ପରିବହନ ଯୋଗୁଁ ବୋଲି ଦର୍ଶାଯାଇଛି।

### ବାୟୁ ପ୍ରଦୂଷଣ

ଏହି ରିପୋର୍ଟରୁ ଜଣାଯାଏ ଯେ, ଅନୁଗୋଳ ଏବଂ ତାଳଚେର ଅଞ୍ଚଳର ବାୟୁ ପ୍ରଦୂଷଣ ନ୍ୟାସନାଲ ଆମ୍ବିଏଟ ଏୟାର କ୍ୱାଲିଟି ଷ୍ଟାଣ୍ଡାର୍ଡ ( ଏନଏଏକ୍ୟୁଏସ)। ପିଏମ୍ ୧୦ ଏବଂ ପିଏମ ୨.୫ ଠାରୁ ଅନେକ ଅଧିକ ଅନୁଗୋଳର ବାୟୁ ପ୍ରଦୂଷଣର ଶତକଡ଼ା ୭୮ ଭାଗ କୋଇଲା ଖଣି, ୧୪ ପ୍ରତିଶତ ପରିବହନ ଏବଂ ଶତକଡ଼ା ୮ ଭାଗ ବିଭିନ୍ନ ଶିଳ୍ପ ଦ୍ୱାରା ହୋଇଥାଏ। ଠିକ୍ ସେହିପରି ତାଳଚେର ଅଞ୍ଚଳର ବାୟୁ ପ୍ରଦୂଷଣର ଶତକଡ଼ା ୯୩ ଭାଗ କୋଇଲା ଖଣି। ୩ ପ୍ରତିଶତ ଶିଳ୍ପ ଓ ୪ ପ୍ରତିଶତ ପରିବହନ କରୁଥିବା ଯାନବାହାନ ଦ୍ୱାରା ହୋଇଥାଏ। ଗାଡ଼ି ମୋଟର ଧୂଆଁରେ ପରିବେଶ ବିଷାକ୍ତ ହୁଏ। ଧୂଆଁରୁ ଧୂମାଳ ବା ସ୍ମଗ୍ ସୃଷ୍ଟି ହୁଏ। ପ୍ରଦୂଷକ ଭାବେ ନାଲକୋ, ଥର୍ମାଲ ପାୱାର ପ୍ଲାଣ୍ଟ, ଷ୍ଟିଲ୍ ପ୍ଲାଣ୍ଟରୁ ବାହାରୁଥିବା ହାଇଡ୍ରୋ କାର୍ବନ, କାର୍ବନ ମନୋକ୍ସାଇଡ ଗନ୍ଧକର ଅମ୍ଳକ, ଜବକ୍ଷାରଯାନ ଇତ୍ୟାଦି ଉଚ୍ଚ ବାୟୁ ପ୍ରଦୂଷଣ କରିଥାଏ। ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକରୁ ଧୂଆଁ ଓ ପାଉଁଶ ବାହାରି ଚିମିଣିରେ ବ୍ୟବସ୍ଥା ଥିଲେ ଧୂଆଁ ପୂରା ଖେଳାଇହୋଇ ପାରେନାହିଁ। ଅନୁଗୋଳ ବନଖଣ୍ଡ, ଆଠମଲ୍ଲିକ ବନଖଣ୍ଡ ଅଞ୍ଚଳ ସହ ପାଲଲହଡ଼ାର ଜଙ୍ଗଲ ଅଞ୍ଚଳରେ ଖରାଦିନେ ଜଙ୍ଗଲରେ ନିଆଁ ଲାଗିଲେ ବାୟୁ ମଧ୍ୟ ପ୍ରଦୂଷିତ ହୋଇଥାଏ। ସିଙ୍ଗଡ଼ା ନଦୀ ଓ ବ୍ରାହ୍ମଣୀ ନଦୀ କୂଳରେ ଇଟାଭାଟି ଦ୍ୱାରା ମଧ୍ୟ ବାୟୁ ପ୍ରଦୂଷିତ ହୋଇଥାଏ।

### କୋଇଲା ଦ୍ୱାରା ବାୟୁ ପ୍ରଦୂଷଣ

ଅନୁଗୋଳ ଜିଲ୍ଲାର ତାଳଚେର କୋଇଲା ଅଞ୍ଚଳ ଉତ୍ତର ଅକ୍ଷାଂଶ ଓ ପୂର୍ବ ଦ୍ରାଘିମା ପର୍ଯ୍ୟନ୍ତ ପଞ୍ଚାୟତ। ଏହା ୧୮୦୦ କିମି ପରିବ୍ୟାପ୍ତ ଲମ୍ବାରେ ୧୧୦ କିମି ଏବଂ ପ୍ରସ୍ତରେ ପ୍ରାୟ ୨୫ ରୁ ୩୦ କିମି ପର୍ଯ୍ୟନ୍ତ ବିସ୍ତୃତ। ତାଳଚେରରେ ଜଗନ୍ନାଥ, ଭରତପୁର, ଲିଙ୍ଗରାଜ, ହିଙ୍ଗୁଳା, ତାଳଚେର, ବଳରାମ, କଣିହାଁ ପ୍ରଭୃତି ଅଞ୍ଚଳରେ ପ୍ରାୟ ୮ ଟି ଖୋଲା କୋଇଲା ଖଣି ଏବଂ ଗୋଟିଏ ମାଟି ତଳ କୋଇଲା ଖଣି କାର୍ଯ୍ୟ କରୁଛି। ଏହି ଖଣିଗୁଡିକରେ ଓଭର ବର୍ଡନ ଅପସାରଣ କୋଇଲା ଉତ୍ପାଦନ ଏବଂ ପରିବହନ ସମୟରେ ବାୟୁ ପ୍ରଦୂଷିତ ହୋଇଥାଏ। ଏଥିପାଇଁ ତାଳଚେର ଅଞ୍ଚଳରେ ବାୟୁରେ ଗନ୍ଧକର ଅମ୍ଳକ, ଜବକ୍ଷାର ପରିମାଣ ଅତ୍ୟଧିକ ଥାଏ।

ମହାନଦୀ କୋଲ୍ଡ ଫିଲ୍ଡ୍‌ସ ଲିମିଟେଡ୍ ଅଧୀନରେ ପରିଚାଳିତ ତାଳଚେର ଅଞ୍ଚଳର କୋଇଲା ଖଣିଗୁଡିକ ବ୍ୟତୀତ ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥାକୁ ନୈନି କୋଲ ବ୍ଲକ, ବାଙ୍କୋଇ କୋଲ ବ୍ଲକ, ମନ୍ଦାକିନୀ, ଅଳକାନନ୍ଦା, ବୈତରଣୀ ୱେଷ୍ଟ, ଉତ୍କଳ ସିଡିଇ ମଧ୍ୟ ଆବେଦନ କରାଯାଇଛି। ଏହି କୋଇଲା ବ୍ଲକଗୁଡିକରୁ କୋଇଲା ଉତ୍ପାଦନ ହେଲେ ସଂରକ୍ଷିତ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ନଷ୍ଟହେବା ସହ ଓଭର ବର୍ଡନ ପରିଚାଳନା କୋଇଲା ଉତ୍ପାଦନ ଏବଂ ପରିବହନ ସମୟରେ ଅନୁଗୁଳର ବାୟୁ ବହୁ ପରିମାଣରେ ପ୍ରଦୂଷିତ ହେବ।

### ଯାନବାହନ ଚଳାଚଳ ଦ୍ୱାରା ପ୍ରଦୂଷଣ

ଅତ୍ୟଧିକ ପ୍ରଦୂଷଣ ଯୋଗୁଁ ଅଞ୍ଚଳରେ ରୋଗୀଙ୍କ ସଂଖ୍ୟା ବଢ଼ିବା ସହ ଅକାଳରେ ସେମାନଙ୍କ ଜୀବନହାନୀ ଘଟୁଛି। ଅନୁଗୁଗୋଳ ଏବଂ ତାଳଚେର ଅଞ୍ଚଳରେ ଆଜମା ବିଭିନ୍ନ ଫୁସଫୁସ୍ ଜନିତ ରୋଗ ବ୍ରୋଙ୍କାଇଟିସ୍, ଫୁସଫୁସ୍ କ୍ୟାନ୍ସର ଇତ୍ୟାଦି ମାରାତ୍ମକ ବ୍ୟାଧି ବ୍ୟାପିବାରେ ଲାଗିଛି।

### ଶବ୍ଦ ପ୍ରଦୂଷଣ

ଜାତୀୟ ରାଜପଥ ୫୫ ଅନୁଗୁଗୋଳ ସହରର ମଧ୍ୟ ଭାଗ ଦେଇ ଗତି କରିଛି। ଫଳରେ ସହରର ଜନବସତି ଏବଂ ବିଭିନ୍ନ କାର୍ଯ୍ୟାଳୟରେ ଶବ୍ଦ ପ୍ରଦୂଷଣ ଅତ୍ୟଧିକ ଅଟେ। ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁସାରେ ଦିନ ଏବଂ ରାତ୍ରି ସମୟରେ ଶବ୍ଦର ମାତ୍ରା ଯଥାକ୍ରମେ ୫୦ ଏବଂ ୪୦ ଡେସିବେଲ ରହିବା କଥା। କିନ୍ତୁ ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ଦିନ ଏବଂ ରାତ୍ରିରେ ଅନୁଗୋଳର ଶବ୍ଦର ପରିମାଣ ହେଉଛି ୬୫ ଏବଂ ୬୦ ଡେସିବେଲ। ଏହା ଫଳରେ ଅନେକ ଶିଶୁ ଏବଂ ବ୍ୟକ୍ତି ଗଣ୍ଠିବାତ, ବଧିରତା, ନପୁଂସକ, ଡାଇବେଟିସ୍ ଏବଂ କିଡନୀ ରୋଗ ଦ୍ୱାରା ଆକ୍ରାନ୍ତ।

### ଜଳ ପ୍ରଦୂଷଣ

ଜଳ ଜୀବନ ପାଇଁ ଅମୃତ ସଦୃଶ। ଜେଆଇଟିପିଏଲ୍ ଏବଂ ଏନଟିପିସି ତାପଜ ବିଦ୍ୟୁତ କେନ୍ଦ୍ରରୁ ବାହାରୁଥିବା ତରଳ ରାସାୟନିକ ବର୍ଜ୍ୟବସ୍ତୁ ଦ୍ୱାରା ଟିକିରା ନଦୀ ପ୍ରଦୂଷିତ। ଜିନ୍ଦଲ ଷ୍ଟିଲ ଏବଂ ପାୱାର ଏବଂ ନବଭାରତ ଦ୍ୱାରା ନନ୍ଦିରା ପ୍ରଦୂଷିତ। ନାଲକୋ ପାୱାର ପ୍ଲାଣ୍ଟରୁ ବାହାରୁଥିବା ଜଳ ମିଶ୍ରିତ ପାଉଁଶକୁ ୪୭୭ ଏକର ବିଶିଷ୍ଟ ଏକ ପାଉଁଶ ପୋଖରୀକୁ ଛଡ଼ାଯାଏ। ଏହା ବ୍ୟତୀତ ନାଲକୋରୁ ନିର୍ଗତ ତରଳ ରାସାୟନିକ ବର୍ଜ୍ୟବସ୍ତୁଗୁଡ଼ିକୁ ନନ୍ଦିରାକୁ ଛଡ଼ାଯାଏ। ଶେଷରେ ଏହି ଉପନଦୀ ଗୁଡିକ ବ୍ରାହ୍ମଣୀ ନଦୀରେ ମିଶି ଥିବାରୁ ବ୍ରାହ୍ମଣୀର ଜଳ ଜହର ପାଲଟିଯାଏ। ଏହା ଚାଷ ଏବଂ ପିଇବା ପାଇଁ ଅନୁପଯୁକ୍ତ। ଏନଟିପିସି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର, ଜେଆଇଟିପିଏଲ୍ ବ୍ରାହ୍ମଣୀ ଜଳକୁ ଶୋଷି ଦେଉଥିବାରୁ ନଦୀ ବର୍ଷରେ ଆଠ ମାସ ଶୁଖିଲା ରହୁଛି। ଚାଷୀ ବର୍ଷସାରା ଧାନ, ମୁଗ, ବିରି, କୋଳଥ, ବାଦାମ, ଆଖୁ ଚାଷ କରି ବଞ୍ଚିଥିଲା। ଉପକୃତ ହେଉଥିବା ଶିଳ୍ପ ସଂସ୍ଥାମାନେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଜଳସେଚନ ଏବଂ କୃଷି ପାଇଁ ପ୍ରୋତ୍ସାହନ ଯୋଗାଇଲେ ଚାଷୀମାନେ ଉପକୃତ ହେବେ। ନାଲକୋ ଦ୍ୱାରା ଆଖପାଖ ଅଞ୍ଚଳର ପାନୀୟ ଜଳ ଦୂଷିତ ହେଉଥିବାରୁ ସ୍ଥାନୀୟ ଅଧିକାରୀମାନେ ଆଣ୍ଠୁଗଣ୍ଠି ବାତ, ପକ୍ଷାଘାତ, ଉଚ୍ଚ ରକ୍ତଚାପ, ବୃକକ୍ ଆଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜଳରେ ଫ୍ଲୋରାଇଡ ହେତୁ ଅଧିବାସୀମାନେ ଆଣ୍ଠୁ ଗଣ୍ଠି ବାତ ଓ ଦାନ୍ତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗୋଡମାରା ନୂଆସାହି, ଗିରାଙ୍ଗ ଆଦି ଗ୍ରାମର ଲୋକମାନେ ଡେଣ୍ଟାଲ୍ ଫ୍ଲୁରୋସିନ ଏବଂ ସ୍କେଲିଟାଲ ଫ୍ଲୁରୋସିସ ଦ୍ୱାରା ଆକ୍ରାନ୍ତ। ଜଳରେ ଆର୍ସେନିକ ମିଶିଥିବା ଯୋଗୁଁ ଲୋକମାନେ କର୍କଟ ଆଦି ରୋଗରେ ଆକ୍ରାନ୍ତ ହୋଇ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଅନେକ ଶିଳ୍ପ ସଂସ୍ଥା ଭୂତଳ ଜଳ ବିନିଯୋଗ ପାଇଁ ପାଇଥିବା ଅନୁମତି ଠାରୁ ଅଧିକ ପରିମାଣର ଭୂତଳ ଜଳ ବ୍ୟବହାର କରୁଥିବାରୁ ଏବଂ ଶିଳ୍ପ ସଂସ୍ଥା ପରିସରରେ ତିଆରି ବନ୍ଧରେ ଗଚ୍ଛିତ କରି ରଖୁଥିବାରୁ ଅନୁଗୁଳର ଭୂତଳ ସ୍ତର ହ୍ରାସ ପାଉଛି। ପାନୀୟ ଜଳର ଅଭାବ ଖରାଦିନେ ଦେଖାଦେଉଛି। ଦୂଷିତ ଜଳ ଦ୍ୱାରା କ୍ଷତିଗ୍ରସ୍ତ ଲୋକମାନଙ୍କର ମାଗଣାରେ ଚିକିତ୍ସାର କୌଣସି ସୁବିଧା ନଥିବାରୁ ଲୋକମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ମାନବିକତାର ହତ୍ୟା ଦ୍ୱାରା ଶିଳ୍ପାୟନ ଆଳରେ ବିକଶିତ ଅନୁଗୁଳର ସ୍ୱପ୍ନ ଦେଖିବା ନିରର୍ଥକ ହେବ। ୧୯୭୪ ମସିହାରେ ୱାଟର (ପଲ୍ୟୁସନ୍ ଏବଂ ପ୍ରିଭେନସନ) ଆଇନରେ ଅଣାଯାଇଥିବା ସଂଶୋଧନଗୁଡିକ କାର୍ଯ୍ୟକାରୀ ହେଲେ ଜଳ ପ୍ରଦୂଷଣ କରୁଥିବା ଶିଳ୍ପ ସଂସ୍ଥାକୁ ମୃତ୍ତିକା ଅନୁଗୋଳର ମୃତ୍ତିକା ଆଜି ଖଣି ଖନନ ନର୍ଦ୍ଦମା ଏବଂ ଅତ୍ୟଧିକ ସାର୍ ଓ କୀଟନାଶକ ଔଷଧ ବ୍ୟବହାର ଦ୍ୱାରା ପ୍ରଦୂଷିତ। ବିଭିନ୍ନ ଚାଉଳକଳ ମାନଙ୍କରୁ ବାହାରୁଥିବା କୁଣ୍ଡା, ଆଖୁ କଟା, ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ପ୍ରଦୂଷିତ ହେବାରେ ଲାଗିଛି।

### ଜୈବ ବିବିଧତା

କୋଇଲା ଖଣିଗୁଡ଼ିକର ଉତ୍ପାଦନ ଏବଂ ବିଭିନ୍ନ ତାପଜ ବିଦ୍ୟୁତ କେନ୍ଦ୍ର ଏବଂ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଅନୁଗୋଳର ଜୈବ ବିବିଧତା ବିଶେଷ ଭାବରେ ପ୍ରଭାବିତ ହୋଇଛି। ଆବଣ୍ଟିତ ନୈନୀ, ବଙ୍କୋଇ, ମନ୍ଦାକିନୀ, ଆଳକାନନ୍ଦା, ବୈତରଣୀ ୱେଷ୍ଟ, ଉତ୍କଳ ସିଡିଇ ଇତ୍ୟାଦି କୋଇଲା ଖଣିଗୁଡ଼ିକରୁ କୋଇଲା ଉତ୍ପାଦନ ହେଲେ ଛେଣ୍ଡିପଦା, କଣିହାଁ, ତାଳଚେର ଆଦି ବ୍ଲକର ଅନେକ ଗ୍ରାମ, ଜଙ୍ଗଲ ଛେଣ୍ଡିପଦା, ଦୁର୍ଗାପୁର, କଙ୍କୁରପାଳ, ମନ୍ଦିରାବନ୍ଧ ଆଦି ସଂରକ୍ଷିତ ଜଙ୍ଗଲ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯିବ। ହାତୀ ଚଲାପଥ ଚିରଦିନ ନିମିତ୍ତ ଭୂଗୋଳରୁ ହଜିଯିବ। ଶିଳ୍ପ ସଂସ୍ଥାମାନଙ୍କୁ ଜଙ୍ଗଲ ପରିବର୍ତ୍ତନ ହାତୀଚଲାପଥ ପରିଚାଳନା ଯୋଜନା ନାଳ ଗତି ପରିବର୍ତ୍ତନ ପରିବେଶ ମଞ୍ଜୁରୀ ଆଦି ପ୍ରଦାନ ସମୟରେ ସତର୍କତାର ସହ କଠୋର ସର୍ତ୍ତ ପୂରଣ ନିୟମ ନ ରହିଲେ ବନ୍ୟପ୍ରାଣୀ ବିଭିନ୍ନ ସରୀସୃପ ମାନଙ୍କ ଆବାସସ୍ଥଳୀ ଚିରଦିନ ପାଇଁ ବିଲୋପ ହେବ। ଜଳସ୍ତର କମିବ। ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ପାନୀୟ ଜଳ ସମସ୍ୟା ଉତ୍କଟ ହେବ। ଅନୁଗୋଳରେ ଥିବା ମୋଟ ଜଙ୍ଗଲର ୨୦ ପ୍ରତିଶତ ହ୍ରାସ ହେବ। ଅନୁଗୋଳବାସୀଙ୍କ ନିମିତ୍ତ ଜଙ୍ଗଲ ସର୍ବଦା ଉପକାରୀ ଓ ସାହାର୍ଯ୍ୟକାରି। ଉତ୍ତମ ମୃତ୍ତିକା, ନିର୍ମଳ ଜଳ ଓ ସୁଦ୍ଧ ବାୟୁ କେବଳ ଜଙ୍ଗଲ ଦ୍ୱାରା ସୃଷ୍ଟି ହୁଏ। ଅମ୍ଳଜାନ ମଧ୍ୟ ବୃକ୍ଷର ଆମକୁ ଦାନ। ବିଷ୍ଣୁ ପୁରାଣରେ ବୃକ୍ଷକୁ ଦଶଟି ସନ୍ତାନ ସହ ବର୍ଣ୍ଣନା କରାଯାଇଛି। ଗୌତମ ବୁଦ୍ଧ ଅଶ୍ୱତ୍ଥ ବୃକ୍ଷ ମୂଳରେ ବୁଦ୍ଧତ୍ୱପ୍ରାପ୍ତ ହୋଇଥିଲେ। କୃଷ୍ଣଙ୍କ ଅନ୍ୟନାମ ବନମାଳୀ - ବସତି ବନେ ବନମାଳୀ। ମହାକବି କାଳିଦାସ ତାଙ୍କ ଶକୁନ୍ତଳା କାବ୍ୟରେ ଶକୁନ୍ତଳାକୁ ଯେଉଁ ସବୁ ଉପଦେଶ ଦେଇଛନ୍ତି। ସେସବୁ ଆଶ୍ରମରେ ଥିବା ବୃକ୍ଷଲତା ଓ ପଶୁପକ୍ଷୀ ଛଳରେ କୁହାଯାଇଛି। ଆଜି ଅନୁଗୁଗୋଳ ଜିଲ୍ଲାରେ ଅହେତୁକ ଭାବରେ ଜଙ୍ଗଲ କ୍ଷୟ ଭାବରେ ହାତୀ ଦଳ ଦଳ ହୋଇ ବିଭିନ୍ନ ଗ୍ରାମ ନିକଟରେ ରହିବା ସହ ଧନଜୀବନ ଫସଲ ନଷ୍ଟ କରୁଛନ୍ତି। ଛେଣ୍ଡିପଦା ବ୍ଲକରେ ହାତୀ ଚଲାପଥ ଲୋପ ହୋଇଗଲେ ଅନୁଗୋଳ ଜିଲ୍ଲାର କି ଅବସ୍ଥା ହେବ, ତାହା କଳ୍ପନା କରାଯାଇ ପାରିବ ନାହିଁ। ଦେଶର ବିକାଶ ନିମିତ୍ତ ଯୁବକମାନଙ୍କୁ ନିଯୁକ୍ତ ନିମନ୍ତେ କୋଇଲା ଉତ୍ପାଦନ ଏବଂ ଶିଳ୍ପାୟନର ଆବଶ୍ୟକତା ଅଛି। ପ୍ରଦୂଷଣକୁ ନିୟନ୍ତ୍ରଣ କରି ବିକାଶର କଥା କୁହାଯାଏ ପାରେ। ପଞ୍ଚଭୂତର ସୁରକ୍ଷା ତାପରେ ବିକାଶ ଏକ ବୈଦିକ ଶାନ୍ତି ସୂତ୍ରରେ କୁହାଯାଇଛି। ତେଣୁ ଅନୁଗୋଳବାସୀ ବଞ୍ଚିବାକୁ ହେଲେ ଆକାଶ, ଜଳ, ଅନ୍ତରୀକ୍ଷ, ବାୟୁ ଅରଣ୍ୟରେ ଶାନ୍ତି ବିରାଜମାନ କରିବା ଦରକାର। ଆଜି ଅନୁଗୋଳରେ ବାୟୁର ପ୍ରଦୂଷଣ। ଏନ୍‌ଏଏଏସର ମାନଦଣ୍ଡ ଠାରୁ ବହୁତ ଉପରେ। ଶବ୍ଦ, ପାଣି, ମୃତ୍ତିକା, ନଦୀ ନାଳ, ପୋଖରୀ ସବୁ ପ୍ରଦୂଷିତ। ଏହାର ବିଷ ବଳୟ ଭିତରେ ଅନୁଗୋଳର ସଂସ୍କୃତି ଲୋପ ପାଇଯିବ। ଅନୁଗୋଳ ମରୁଭୂମିରେ ପରିଣତ ହୋଇଯିବ। ଭବିଷ୍ୟତ ବିପନ୍ନ ହେବ। ତା'ର ଅସ୍ତିତ୍ୱ ଉପରେ ଆଘାତ ଆସିବ। ଏଣୁ ପ୍ରତ୍ୟେକ ଅନୁଗୋଳବାସୀଙ୍କୁ ଆଜିଠାରୁ ସତର୍କ ରହିବାକୁ ପଡ଼ିବ।

ଡ଼ଃ ଧରଣୀଧର ନାଥ
ପ୍ରାକ୍ତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

